Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

୩୫ ଭାଗ
୧୬ ସଂଖ୍ୟା

ତା ୨୧ ଢଙ୍କ ମାହେ ଏପ୍ରେଲ ସନ ୧୯୦୦ ମସିହା । ମା ଈ ୧୦ ନ ବୈଶାଖ ସନ ୧୩୦୭ ସାଲ ଶନିବାର

ଅଗ୍ରୀମ ଟ ୩୧
ପଶ୍ଚାଦ୍ଦେୟ ଟ ୬୧



## ବିଜ୍ଞାପନ ।

## ନୂତନ ପଞ୍ଜିକା ।

ଶକାବ୍ଦା ୧୮୨୨ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ପୂର୍ବାପର କଟକ ପ୍ରିଣ୍ଟିଂକମ୍ପାନୀଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼ ଟ ୦।
ଛୋଟ ଟ ୦୧୬

ମୋଫସଲ ଗ୍ରାହକଙ୍କୁ ଡାକମାସୁଲ ଟ ୦/ ଯେଉଁମାନଙ୍କର ରେଲ କିମ୍ବା ଷ୍ଟିମରଦ୍ୱାରା ନେବାର ସୁବିଧା ଅଛି, ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ


ମାନ୍ୟବର ବଙ୍ଗେଶ୍ୱର ଗତ ବୁଧବାର ଅପରାହ୍ଣରେ କଲିକତାରୁ ପ୍ରସ୍ଥାନ କଲେ । ଜଲପାଇଗୁଡ଼ି ସ୍ପମସାହାର ଏବଂ ସିଲିଗୁଡ଼ି ଭ୍ରମଣକରି ସନ୍ଧ୍ୟାବେଳେ ଦାର୍ଜିଲିଂରେ ଉପସ୍ଥିତ ହେବେ ଏବଂ ସେଠାରେ ଗ୍ରୀଷ୍ମକାଳ କଟାଇବେ ।

---

ନେପାଳର ପ୍ରାଚୀନ ରାଜଧାନୀ ଲଳିତପତ୍ତନଠାରୁ ମହାମହୋପାଧ୍ୟାୟ ହର ପ୍ରସାଦ ଶାସ୍ତ୍ରୀ ଷଣ୍ଡିଂ ତନ୍ତ୍ରର ପୋଥି ଆଣାଇଅଛନ୍ତି । ପୋଥି ଖଣ୍ଡିକ ତାଳପତ୍ରରେ ଲେଖା ଏବଂ ପ୍ରାୟ ୮୧୬୦୦ବର୍ଷର ପୁରୁଣା ଅଟେ । ଯେଉଁମାନେ ତନ୍ତ୍ର ଶାସ୍ତ୍ରର ଜବ୍ଧର ପ୍ରଭୃତ ଜାଣନ୍ତି ବ୍ୟସ୍ତ ସେମାନେ ହିନ୍ଦୁ ଲଣ୍ଡନଗ୍ରନ୍ଥରେ ପଢ଼ିଅଛନ୍ତି ।

---

ଗତମାସ ତା ୭ ଦିନରେ ଶେଷ ହେବା ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ଲୋକଙ୍କର ସଂଖ୍ୟା ୫୯,୧୬,୭୦୫ ଥିଲା ଅର୍ଥାତ୍ ତହିଁ ପୂର୍ବସପ୍ତାହରୁ ପ୍ରାୟ ୬୯ ହଜାର ବୃଦ୍ଧି ହୋଇଥିଲା । ପୁଣି କେତେକ ସପ୍ତାହପର ଏଥର ବୃଦ୍ଧି ହୋଇ ନାହିଁ ଏହସ୍ପ୍ରକାର ମଙ୍ଗଳ ବୋଲିବାକୁ ହେବ । ମଧ୍ୟପ୍ରଦେଶ ବେରାର ଓ ବମ୍ବେଇର ଦେଶୀୟ ରାଜ୍ୟରେ ଅଧିକ ବୃଦ୍ଧି ଘଟିଅଛି । ମାତ୍ର ମାନ୍ଦ୍ରାଜ, ବମ୍ବେଇ ଏବଂ ପଞ୍ଜାବରେ ଊଣା ପଡ଼ିଅଛି ।

—*—

ପ୍ଲେଗର ପ୍ରତାପ କଲିକତାରେ କିଛି ଊଣା ପଡ଼ିଲେହେଁ ଅବସ୍ଥା ଦୈନିକ ଆକ୍ରମଣ ୫୦।୬୦ ରୁ ଓହ୍ଲାଇ ନାହିଁ । ସମସ୍ତ ରୋଗର ଦୈନିକ ମୃତ୍ୟୁସଂଖ୍ୟା ୨ସପ୍ତାହ ପୂର୍ବେ ୬୦୦ ରୁ ଅଧିକ ଥିଲା ବର୍ତ୍ତମାନ ୧୩୦ ରେ ରହିଅଛି । ଏହା ମଧ୍ୟ ସାଧାରଣରେ ଏହି ସମୟର ୨ଗୁଣ ଅଟେ । କଲିକତାରୁ ଯେଉଁଅସି ଏ ଜିଲ୍ଲାର କେନ୍ଦ୍ରାପଡ଼ାରେ ଏକଜଣ ଏବଂ କେନ୍ଦୁଝାଟଣା ନିକଟରେ ଏକଜଣ ମରିଯିବାର କଥିତ ହୁଅଇ । ମାତ୍ର ଅନ୍ୟ କାହାକୁ ଧରି ନାହିଁ ।

—*—

ମହାମାନ୍ୟ ଗବର୍ଣ୍ଣରଜେନେରଲ ଲର୍ଡ କର୍ଜନ ବାହାଦୁର କଲିକତାରୁ ସିମଲାକୁ ଯିବା ବାଟରେ କେତେକ ଦିନ ମୃଗୟାର ଆମୋଦ ଉପଭୋଗ କରି ଅମୃତସର ନଗର ଭ୍ରମଣ ଓ ସେଠାର ଶିଖମାନଙ୍କର ଧର୍ମମନ୍ଦିରରେ ଗ୍ରନ୍ଥ ସାହେବଙ୍କ ଦର୍ଶନ କରି ଲୁଧିଆନାଠାରେ ଏକ ବୃହତ୍ ଦରବାର କରିଥିଲେ । ସେ ଆସନ୍ତା ଶୁକ୍ରବାର ସିମଲାରେ ପହଞ୍ଚିବେ । ଶିଖମାନଙ୍କର ଧର୍ମ ମନ୍ଦିରରେ ଜୋତା ପିନ୍ଧି ପ୍ରବେଶ କରିବା ନିଷେଧ ବୋଲି ଲର୍ଡ ବାହାଦୁର ଏବଂ ତାହାଙ୍କର ସହଧର୍ମିଣୀ ବୁଟ ଜୋତା ପରିତ୍ୟାଗ ପୂର୍ବକ କପଡ଼ା ଜୋତା ପିନ୍ଧି ମନ୍ଦିରରେ ବୁଲିବାକୁ ସମ୍ମତ ହେବାଦ୍ୱାରା ଅତ୍ୟନ୍ତ ମହତ୍ତ୍ୱର ପରିଚୟ ପ୍ରଦାନ ପୂର୍ବକ ସର୍ବସାଧାରଣଙ୍କର ପ୍ରଶଂସା ଓ କୃତଜ୍ଞତାର ଭାଜନ ହୋଇଥିଲେ ।

---

ବିଲାତ ଗବର୍ଣ୍ଣମେଣ୍ଟଙ୍କ ଅନୁରୋଧମତେ ଏଥିପୂର୍ବେ ଭାରତବର୍ଷରୁ କେତେକ ଦେଶୀୟ ସୈନ୍ୟ ମରିଚଦ୍ୱୀପକୁ ପ୍ରେରିତ ହୋଇଥିଲେ ସମ୍ପ୍ରତି ଅନ୍ୟର ତୁଲ ପଲଟନ ଦେଶୀୟ ସୈନ୍ୟ ସେଠାକୁ ଯିବେ । ଏହି ପଲଟନମାନଙ୍କର ବେତନାଦି ସମସ୍ତ ଖରଚ ବିଲାତ ଗବର୍ଣ୍ଣମେଣ୍ଟ ଦେବେ । ପୂର୍ବେ ଗୋରାପଲଟନ ମରିଚଦ୍ୱୀପରେ ରହୁଥିଲେ । ଗୋରା ଲୋକଙ୍କପକ୍ଷରେ ସେ ଦ୍ୱୀପର ଜଳବାୟୁ ସ୍ୱାସ୍ଥ୍ୟକର ନ ହେବା ଅଥବା ବ୍ୟୟ ଅଧିକ ହେବା କାରଣରୁ କଳା ସୈନ୍ୟ ସେଠାକୁ

Digitized by srujanika@gmail.com

Split by PDF Splitter



ରଖା ଯିବାର ବ୍ୟବସ୍ଥା ହୋଇଅଛି ଠିକ ଜଣା- ଯାଇ ନାହିଁ । ଉତ୍ତର ପଶ୍ଚିମ ଏବଂ ସୀମାନ୍ତ ବାସୀମାନଙ୍କ ମଧ୍ୟରୁ ସେହି ଦେଶୀୟ ସୈନ୍ୟ ଦଳ ଗଠିତ ହେବ । ଏହି ବନ୍ଦୋବସ୍ତ ଭାରତ ପ୍ରତି ଶୁଭକର ସନ୍ଦେହ ନାହିଁ । ଯେବେ ସୈନିକ ବିଭାଗର ଛୁଟି କର୍ମମାନ ଭାରତବାସୀଙ୍କୁ ଦିଆଯିବାର ସୁବିଧା ହେବ ତେବେ ବଡ଼ ଆନନ୍ଦର ବିଷୟ ହେବ ।

---

କଟ୍ଟକ ଡାକ୍ତରଖାନା ଏବଂ ଏଜେଣ୍ଟଙ୍କ ଖାମଲା ତଦନ୍ତ ପ୍ରାୟ ଶେଷ ହୋଇଗଲା । ଡିଷ୍ଟ୍ରିକ୍ଟ ସୁପ୍ରେଣ୍ଟ ଯେଉଁଠାରେ ପହଞ୍ଚିବା ଦିନଠାରୁ ରାଜାଙ୍କ କଚେ- ରୀରେ ପ୍ରତିଦିନ ସକାଳଠାରୁ ସନ୍ଧ୍ୟାପର୍ଯ୍ୟନ୍ତ ତଦନ୍ତ ହେଉଥିଲା ଏବଂ ସରବରାକାର ମହା- ଜନ ପ୍ରଜାମାନେ ଏତେ ଦର୍ଶକ ଜମା ହେଉ- ଥିଲେ ଯେ ଯାତାୟାତ ଲାଗିବାପରି ଜଣା ଯାଉଥିଲା । ନିଉଠ ଭ୍ରଷ୍ଟଲଙ୍କରୁ ନେସ ଓ କର୍ଣ୍ଣଲଙ୍କ ଦେଖିବା ପଣ୍ଡିତଲୋକମାନଙ୍କ ଭାଗ୍ୟରେ ପ୍ରାୟ ଘଟେ ନାହିଁ ! ତେଣୁ ଦେଖିବାର ଅତ୍ୟନ୍ତ ଭିଡ଼ ହୋଇଥିଲା । ଅନେକ ଗୁହାର ଜୋବାନବନ୍ଦି ଓ ଅନେକ କାଗଜ ଦାଖଲ ହୋଇଅଛି । ସେ ସବୁ ଲୁଚାଲୁଚି ଶେଷ ହେବା ପୂର୍ବରୁ ପ୍ରକୃତ ଅ- ଭିଯୋଗ ଜଣାପଡ଼ିବା ସମ୍ଭବ ନୁହେ । ଏଜେଣ୍ଟଙ୍କ ଉପରେ ରାଜାଙ୍କ ପକ୍ଷରୁ ଯେଉଁସବୁ ଦୋଷାରୋପ ହୋଇଅଛି ତହିଁର ବିଶେଷ ଏହି ଯେ ଏଜେ- ଣ୍ଟ ଅନ୍ତତ ଟ ୫୬୦୦୦୯ ଟା ମଞ୍ଜୁର ହୋଇଥିବା ସ୍ଥଳେ ଟ ୫୬୦୦୦୯ ଟା ଖରଚ କରିଅଛନ୍ତି, ରାଜାଙ୍କର ଜଣା ଅଜାଣରେ ନେବେଷ୍ଟଲେ ନଜରବନ୍ଦୀ ବା ଛିନ୍ନ ହୋଇଅଛନ୍ତି ଓ ଅଫିସରମାନେ ରାଜାଙ୍କର ଯେପରି ଆଦେଶ ପାଳନ ନାହାନ୍ତି; କେ- ତେକ ହିସାବର କାଗଜମାନ ସରକାରରୁ ବସ୍ତୁଗତ କରି ନାହାନ୍ତି; ବାଣଲିଖାରତ ଓ ରେଜଷ୍ଟ୍ରୀ ମାସୁଲ କେତେସ୍ଥଳେ ଆଦାୟ ହୋ- ଇ ନାହିଁ, କେତେ ସ୍ଥଳରେ ମଞ୍ଜୁର ନ ହୋଇ ଛାଡ଼ ହୋଇ ଯାଇଅଛନ୍ତି ଇତ୍ୟାଦି । ଉକିଲମାନେ ଗତ କାଲି ପେ ଉଠିବାର କଥା ଥିଲା ମାତ୍ର ପହଞ୍ଚି ନାହାନ୍ତି ! ଶୁଣାଯାଏ ଆଜକାଲି ପହଞ୍ଚିବେ । ମାତ୍ର ଡିଷ୍ଟ୍ରିକ୍ଟ ସୁପ୍ରେଣ୍ଟ ଆଉ କେତେଦିନ ଏହି ସମସ୍ତ କାଗଜ ଲୁଚାଲୁଚି କରି ଅଛିବେ । ଏକଥା ମହାଶୟ କି ସ୍ଥିର କରିଅଛନ୍ତି ତାହାର ସମ୍ବାଦ ପାଇ ନାହୁଁ ।

---

ମାନ୍ୟବର ସାର୍ଲେସ୍‌ସାହେବ ଏଲାହାବାଦ- ଠାରେ ବିଶ୍ୱବିଦ୍ୟାଳୟର ଦୀକ୍ଷା ବିଷୟରେ ଗୋ- ଟିଏ ଉତ୍ତମ ବକ୍ତୃତା ପ୍ରଦାନ କରିଥିଲେ । ଅନ୍ୟାନ୍ୟ କଥାମଧ୍ୟରେ ସେ କହିଲେ କ ଯେ- ଉଁମାନେ ଉକିଲ ଅଥବା ଇଞ୍ଜିନିୟର ହେବେ ସେମାନଙ୍କର ସାହିତ୍ୟ ଓ ବିଜ୍ଞାନରେ ସମସ୍ତ କଷ୍ଟ କରିବାର ପ୍ରୟୋଜନ କି ? ଏକଥା ହେତେଥର ସେ ଶୁଣିଅଛନ୍ତି । ଯାହା ଶିକ୍ଷା ଦଲେ ଭବିଷ୍ୟତ- ରେ ଜୀବନ ଯାତ୍ରା ନିର୍ବାହ କରିବାକୁ ସକ୍ଷମ ହେବ ତାହା ଶିଖାଇବା ଉଚିତ । ସେମାନେ ଜାଣନ୍ତି ନାହିଁ କେବଳ ଯେ ପେଟ ପୋଷିବାର ଉପଯୁକ୍ତ କରିଦେବା ବିଶ୍ୱବିଦ୍ୟାଳୟର ଅଭିପ୍ରାୟ ନୁହେ ମାତ୍ର ସୁଶିକ୍ଷାଦ୍ୱାରା ମନକୁ ଗଢ଼ିବା ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଆଉ ଯୁବକମାନଙ୍କର ଜାଣିବାର ଉଚିତ ଯେ ଉଚ୍ଚଶିକ୍ଷା କେବେହେଲେ ବୃଥା ହୁଅଇ ନାହିଁ ଏବଂ ସକଳ ବ୍ୟବସାୟର ସହାୟତା କରେ । ଶ୍ରୀଯୁକ୍ତ କଷ୍ଟଅଲିନ୍‌ସନ୍ ଏକ ସମୟରେ କହିଥିଲେ କ କୌଣସି ବ୍ୟକ୍ତି ଏକ କଚେରୀ- ରେ କାର୍ଯ୍ୟ କରି କାର୍ଯ୍ୟ ଚଳାଇବାର ଯେଉଁ ଜ୍ଞାନ ପାଞ୍ଚବର୍ଷରେ ଲାଭ କରିଥିବ ଜଣେ ବିଶ୍ୱ- ବିଦ୍ୟାଳୟର ଛାତ୍ରକୁ ସେହି ଜ୍ଞାନ ଲାଭ କରିବାକୁ ପାଞ୍ଚସପ୍ତାହ ଲାଗିବ ନାହିଁ । ଏବଂ ସୁଶିକ୍ଷା ଦ୍ୱାରା ତାହାର ମନ ଦୃଢ଼ ଗଠିତ ହୋଇଥିବାରୁ ଅଇନ ପଣ୍ଡିତ କୋଟିଏ ଲୋକ ଯାହା ନ କରେ ଅଜ୍ଞାତ କଚେରୀରେ କାର୍ଯ୍ୟ କରି ବୁଝିପାରିବ ନାହିଁ ତାହା ସେ ନିଶ୍ଚୟ ବୁଝିପାରିବ । ଏ କଥା ଯେ ଯଥାର୍ଥ ତହିଁରେ ସନ୍ଦେହ ନାହିଁ । ଆକ୍ଷେପର ବିଷୟ ଯେ ବର୍ତ୍ତମାନ କେତେ ଲୋକ ଉଚ୍ଚଶିକ୍ଷା ବନ୍ଦ କରି କେବଳ ବ୍ୟବସାୟିକ ଶିକ୍ଷା ଦେବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛନ୍ତି ଏବଂ ଏଠାରୁ ଜଣ ଶାସନକର୍ତ୍ତା ତହିଁରେ ଭୁଲ ପଡ଼ୁଅଛନ୍ତି ।

---

ଅମୃତସରର ମିଉନିସିପାଲିଟୀର ଅଭିନନ୍ଦନ ପତ୍ରର ଉତ୍ତରରେ ମହାମାନ୍ୟ ଲାଟ ବାହା- ଦୁର ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତହିଁରେ ସେ ସହରର ଶିଳ୍ପ ବ୍ୟବସାୟ ସମ୍- ବନ୍ଧରେ କହିଥିଲେ କ ଅମୃତସର ବାସୀମାନେ ବିଲାତ କଲ ଗାଣାଇ ତହିଁ ସାହାଯ୍ୟରେ ନାନା ଦେଶୀୟ ଦ୍ରବ୍ୟ ପ୍ରସ୍ତୁତ କରୁଥିବାର ଦେଖି ସେ ବଡ଼ ଆନନ୍ଦିତ ହେଲେ । ମାତ୍ର ସେ ସବୁ କଳ- ଦ୍ୱାରା ବିଲାତି ଅନୁକରଣ ଦ୍ରବ୍ୟ ପ୍ରସ୍ତୁତ ନ କରି ଠିକ ଦେଶୀୟ ଆକାରର ଦ୍ରବ୍ୟ ପ୍ରସ୍ତୁତ କରିବା ଉଚିତ । ଭାରତର ଶିଳ୍ପ ପୂର୍ବ କାଳରୁ ଖ୍ୟାତି ଲଭିଅଛି । ତହିଁର ଉତ୍କର୍ଷସାଧନ କାହାରି ମାତ୍ର ବିଲାତି ଦ୍ରବ୍ୟର ଆକାର ଦେବା ଦରକାର ନୁହେ । ଗୋଟିଏ ଗାଲିଚା ବୁଣିବା କାରଖା- ନାରେ ସେ ଦେଖିଲେ ଯେ ସେଠାରେ ଅନେକ ବାଇରେ ଗାଲିଚା ବୁଣା ଯାଉଅଛି ମାତ୍ର କାରୀ- ଗରମାନେ ଦେଶୀୟ ନକସା ଛାଡ଼ି ବିଲାତି ନକ- ସାରେ ପ୍ରସ୍ତୁତ କରୁଅଛନ୍ତି । ଦେଶୀ ରଙ୍ଗ ଏବଂ ଦେଶୀ ନମୁନାର ଗାଲିଚା ହେବା ଉଚିତ ଏବଂ ତହିଁର ଆଦର ଅଧିକ । ଦେଶୀୟ ବଡ଼ଲୋକଙ୍କ ମଧ୍ୟରେ ବିଲାତି ନୂଆ ନକସାର ଦ୍ରବ୍ୟ ବହୁ ଅଧିକ ଆଦର ହେବାରୁ ବର୍ତ୍ତମାନ ଦେଖାଯାଏ । ନୂଆ ନକସାର ଛାଞ୍ଚ ସର୍ବଦା ଭଲ ଏମନ୍ତ କଥା ନୁହେ । ବରଂ ଅନେକ ସମୟରେ ବିଦେଶୀ ଅନୁକରଣ ଦେଖି ମନ ଉତ୍ସବରେ ଲୋକେ ଭୁଲିପଡ଼ନ୍ତି । ଆମ୍ଭେମାନେ ଏହାର ଆଶା କରୁ ଦେଶୀୟ ରାଜା ସରଦାର ଏବଂ ସମ୍ଭ୍ରାନ୍ତ ବ୍ୟକ୍ତି- ମାନେ ଦ୍ରବ୍ୟର ବାହ୍ୟାଡମ୍ବରରେ ଭୁଲି ନ ଯାଇ ପ୍ରକୃତ ଦେଶୀୟ ଶିଳ୍ପ ନୈପୁଣ୍ୟଙ୍କର ଆଦର କରିବେ ତାହା ହେଲେ ଦେଶୀୟ ଶିଳ୍ପର ଅବନତି ନ ହୋଇ କ୍ରମଶଃ ଉନ୍ନତି ହେବ ।

---

ଗତ ତା ୧୩ ରଖରେ ବଙ୍ଗଳାର ପ୍ରାଦେ- ଶିକ ସମିତିର ଅଧିବେଶନ ଭାଗଲପୁରଠାରେ ଆରମ୍ଭ ହୋଇ ୩ ଦିନରେ ଶେଷ ହେଲା । ଅଧିବେଶନ ଭାଗଲପୁରର କଲେଜ ଗୃହରେ ହୋଇଥିଲା । କଲିକତା, ଢାକା, ଦରଭଙ୍ଗା, ରାଜସାହି, ତ୍ରିପୁରା, ସାହାବାଦ, ମେଦନୀପୁର, ବରିଶାଲ ମୁଙ୍ଗେର ଏବଂ ଅନ୍ୟାନ୍ୟ ସ୍ଥାନର ପ୍ରତିନିଧିମାନେ ଉପସ୍ଥିତ ହୋଇଥିଲେ । ଅଭ୍ୟ- ର୍ଥନା କମିଟିର ସଭାପତି ଶ୍ରୀଯୁକ୍ତ ସାପଭାରତୀ ସିଂହ ପ୍ରତିନିଧିମାନଙ୍କର ଯଥାବିଧି ଅଭ୍ୟର୍ଥନା କରିବା ପରେ କଲିକତା ଶୋଭାବଜାର ରାଜ- ବଂଶୀୟ ରାଜା ବିନୟ କୃଷ୍ଣଦେବ ବାହାଦୁର ଏହି ଅଧିବେଶନର ସଭାପତି ମନୋନୀତ ହେଲେ । ରାଜା ମହୋଦୟଙ୍କୁ ସମୁଚିତ ଆଦର ସହ ପ୍ରଦର୍ଶନରେ ଏହି ମାତ୍ର ତ୍ରୁଟି ହୋଇ ନ ଥିଲା ଏବଂ ପ୍ରତିନିଧିମାନଙ୍କର ବସା ଆହାର ଇତ୍ୟାଦି- ର ସୁବ୍ୟବସ୍ଥା ହୋଇଥିଲା । ରାଜା ବାହାଦୁର ସଭାପତିର ଆସନ ଗ୍ରହଣ କରି ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତାହା ଯେମନ୍ତ ଶାନ୍ତ ଓ ନମ୍ର ତେମନ୍ତ ଗମ୍ଭୀର ଚିନ୍ତା ପୂର୍ଣ୍ଣ ମୂଳ ଓ ସେହି ସୁନ୍ଦ- ର ବକ୍ତୃତା ସମସ୍ତଙ୍କର ମନ ହରଣ କରିଥିଲା ।

Digitized by srujanika@gmail.com

Split by PDF Splitter



...ସ୍ୟ ଦଳ ୭ଗୋଟି ଏବଂ ଅନ୍ୟ ଦଳ ୭୦ ଗୋଟି ପ୍ରସ୍ତାବ ସଭାରେ ଉପସ୍ଥିତ ଏବଂ ତର୍କବିତର୍କ ପୂର୍ବକ ଗୃହୀତ ହୋଇ ଅଧିବେଶନର କାର୍ଯ୍ୟ ଶେଷ ହେଲା । ସେ ସବୁ ପ୍ରସ୍ତାବ ମଧ୍ୟରେ ସରକାରୀ ଚାକିରି ଏବଂ କାର୍ଯ୍ୟ ବିଭାଗମାନଙ୍କର ପାର୍ଥକ୍ୟ ସାଧନ, ବାଣିଜ୍ୟ ଜନିତ ମିଉନିସିପାଲିଟି ସମ୍ବନ୍ଧୀୟ ନୂତନ ଆଇନ ଅମୃତସର ଜିଲ୍ଲାର ଅନିଷ୍ଟଜନକ, ଆସାମ କୁଲି ଆଇନ ଏହାବେଳେ ଉଠି ନ ଗଲେହେଁ କୁଲିଙ୍କର ବେତନ ବୃଦ୍ଧି ନିତାନ୍ତ ଆବଶ୍ୟକ ସରକାରୀ କାର୍ଯ୍ୟ ନିମନ୍ତେ ଭାଗଲପୁରରେ ସଭତ ଇତ୍ୟାଦି ବେଠି ଧରିବା ଅନ୍ୟାୟ, ଦେଶୀୟ ଯୋଗ୍ୟଲୋକଙ୍କୁ ସରକାରୀ ଉଚ୍ଚ କାର୍ଯ୍ୟମାନ ପ୍ରଦାନ ନ କରିବା ଅନ୍ୟାୟ ଏବଂ ବାଙ୍ଗି ଖଜଣା ନିମନ୍ତେ ଜମିଦାରୀ ନିୟମ ସମ୍ବନ୍ଧୀୟ ଆଇନ ସଂଶୋଧନ କରିବା ଆବଶ୍ୟକ ଏହି ବିଷୟମାନ ପ୍ରଧାନ ଥିଲା । ଏହି ଅଧିବେଶନ ସର୍ବାଂଶରେ ସଫଳ ହୋଇଥିଲା ଏବଂ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଅନେକ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଯୋଗ ଦେଇ ଏହାର ବିଶେଷ ଗୌରବ ବଢ଼ାଇଥିଲେ ।

---

## ଟ୍ରାନ୍ସଭାଲ ଯୁଦ୍ଧ !

ବୁଅର ସେନାମାନେ ବୋଲମଫଣ୍ଟିନ ଠାରୁ ଅନତିଦୂରରେ ଉଏପନର ସ୍ଥାନରେ ଏକ ଇଂରେଜ ଦଳଙ୍କୁ ଅବରୋଧ କରିଥିଲେ । ମାତ୍ର ଇଂରେଜସେନା ବୋଲମଫଣ୍ଟିନ ଠାରୁ ପ୍ରେରିତ ହେବାରେ ବୁଅରମାନେ ଅଧିକକାଳ ସେଠାରେ ଅବସ୍ଥାନ କରି ପାରିଲେ ନାହିଁ । ଗତମାସ ତା ୭ ରିଖରେ ମେଫକିଂ ପ୍ରତି ବୁଅରମାନେ ପୁନର୍ବାର ତୋପ ବର୍ଷଣ କରିବାର ଆରମ୍ଭ କରିଅଛନ୍ତି କିନ୍ତୁ କୌଣସି ଅନିଷ୍ଟ କରିପାରି ନାହାନ୍ତି । ଏ ସପ୍ତାହରେ ଅନ୍ୟ କୌଣସି ବିଶେଷ ସମ୍ବାଦ ନାହିଁ । ଉଭୟ ପକ୍ଷ ବିଶେଷ ସତର୍କତା ସହିତ ନାନା କୌଶଳ କରୁଅଛନ୍ତି । ଇଂରେଜ ଏକ ଘାଟିରେ ବହୁ ସେନା ଏକତ୍ରିତ କରୁଅଛନ୍ତି ଯେମନ୍ତ ତାହା ଦିଗରୁ ଏକସମୟରେ ମହା ପରାକ୍ରମରେ ଆକ୍ରମଣ କଲେ ଶତ୍ରୁ ସମ୍ଭାଳିପାରିବେ ନାହିଁ । ବୁଅରମାନେ ମଧ୍ୟ ଅଲସେବାସିଦ୍ଧ ଜଣି ରହିଅଛନ୍ତି । ନିକଟରେ ଗୋଟାଏ ବଡ଼ ଯୁଦ୍ଧ ହେବ ଏହିପରି ଜଣା ଯାଉଅଛି ।

---

## ଆଲୋଚନା ।

ଉପରଲିଖିତ ନାମରେ ଖଣ୍ଡିଏ ମାସିକ ପତ୍ରିକା ବାମଣ୍ଡା ସୁଭଲପ୍ରେସରୁ ଗତ ମାର୍ଚ୍ଚ ମାସରୁ ବାହାରିବାର ଆରମ୍ଭ ହୋଇଅଛି ଏବଂ ଆମ୍ଭେମାନେ ସେହି ପ୍ରଥମ ସଂଖ୍ୟା ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହାର କଲେବର ଡିମାଇ ପେ ୧୬ଟି ପୃଷ୍ଠା, ବାର୍ଷିକ ମୂଲ୍ୟ ଟ ୧ ୯ ଙ୍କା, ସମ୍ପାଦକ ଶ୍ରୀ ଜଳଧର ଦେବ ଏବଂ ପ୍ରକାଶର ସ୍ଥାନ ବାମଣ୍ଡାର ରାଜଧାନୀ ଦେବଗଡ଼ । ମୁଖବନ୍ଧରୁ ପ୍ରକାଶ ଯେ ଦେବଗଡ଼ଠାରେ ପ୍ରାୟ ବର୍ଷେ ହେଲା ଆଲୋଚନା ସମିତି ନାମରେ ଗୋଟିଏ ସମିତି ସ୍ଥାପିତ ହୋଇଅଛି । ବାମଣ୍ଡାର ରାଜକୁମାରମାନେ ଏବଂ ଅନ୍ୟାନ୍ୟ ଭଦ୍ରଲୋକ ପ୍ରାୟ ୨୦ ଜଣ ସମିତିର ସଭ୍ୟ ଏବଂ ଯୁବରାଜ ଶ୍ରୀ ସଚ୍ଚିଦାନନ୍ଦ ଦେବ ସଭାପତି ଅଟନ୍ତି । ସମିତିର ଜଣେ ଉତ୍ସାହୀ ସଭ୍ୟ ଏବଂ ରାଜକୁମାର ସ୍କୁଲର ହେଡ୍‌ମାଷ୍ଟର ଶ୍ରୀ ଯୋଗେଶଚନ୍ଦ୍ର ରାୟଙ୍କ ପ୍ରସ୍ତାବ ମତେ ଏହି ପତ୍ରିକା ପ୍ରକାଶିତ ହେବାର ଆରମ୍ଭ ହୋଇଅଛି ଯେ ଏହାଦ୍ୱାରା ସଭ୍ୟମାନଙ୍କର ରଚନାଶକ୍ତି ବୃଦ୍ଧି ହେବ ଏବଂ ସମୟ ସମୟରେ ସଭାର ଆଲୋଚିତ ବିଷୟ ଏଥିରେ ପ୍ରକାଶ ହେଲେ ସେ ସମ୍ବନ୍ଧରେ ଶିକ୍ଷିତ ଲୋକଙ୍କର ମତାମତ ଜଣାଯିବ । ଅର୍ଥାଭାବରୁ ପତ୍ରିକା ବନ୍ଦ ହେବ ନାହିଁ ପ୍ରସ୍ତାବକ ମହାଶୟ ଏପରି ସାହସ ଦେଇ ଅଛନ୍ତି ଏବଂ ପ୍ରତି ସପ୍ତାହ ନିମନ୍ତେ ଗୋ ୬ ଟି ପ୍ରବନ୍ଧ ପ୍ରକାଶ ହେବାର କଳ୍ପନା ଥିବାରୁ ଲେଖକର ଅଭାବର ଆଶଙ୍କା ନାହିଁ । ଏଥିରୁ ପାଠକମାନେ ଅନାୟାସରେ ବୁଝିବେ ଯେ ପ୍ରକାଶକଙ୍କର ଆଶା ଉଚ୍ଚ ନୁହେ ଏବଂ ମୂଲ୍ୟ ଯଥା ସମ୍ଭବ ଅଳ୍ପ ହୋଇଅଛି । ଏ ସମସ୍ତ ପତ୍ରିକାର ସ୍ଥାୟିତ୍ୱର ଅନୁକୂଳ ଅଟେ ଏବଂ ଆମ୍ଭେମାନେ ଏକାନ୍ତ କାମନା କରୁଁ କି ଏହା ଦୀର୍ଘକାଳ ସ୍ଥାୟୀ ହୋଇ ବାମଣ୍ଡାର ଯଶ ବିସ୍ତାର କରିବ । ବାମଣ୍ଡା ଉତ୍କଳଖଣ୍ଡର ଏକପ୍ରାନ୍ତରେ ରହିଥିଲେହେଁ ଉତ୍କଳ ସାହିତ୍ୟ ଚର୍ଚ୍ଚାରେ ଅପେକ୍ଷାକୃତ ଉଚ୍ଚସ୍ଥାନ ଲଭିବା ଅବଶ୍ୟ ପ୍ରଶଂସାର ବିଷୟ ଅଟେ । ଏହି ପ୍ରଥମ ସଂଖ୍ୟାରେ ଛୋଟ ବଡ଼ ଗଦ୍ୟ ଓ ପଦ୍ୟ ଗୋ ୧୬ ଟି ରଚନା ବାହାରିଅଛି । ସେ ସବୁ ଓଡ଼ିଶାର ସାଧାରଣ ଚିନ୍ତା ଓ ରଚନାର ସମତୁଲ୍ୟ କିମ୍ବା ନ୍ୟୂନ ବୋଲିବାର କୌଣସି କାରଣ ନାହିଁ ।

---

## ପଞ୍ଚୁଆସି କର ।

ଓଡ଼ିଶାର ଖଜଣା ବନ୍ଦୋବସ୍ତ ଘଟିତ ଜମା ବୃଦ୍ଧି ସଙ୍ଗେ ସଙ୍ଗେ ବଙ୍ଗଳାର ଚୌକିଦାରୀ ଆଇନ ଏ ପ୍ରଦେଶରେ ଜାରି ହୋଇ ଚୌକିଦାରୀ କର ସ୍ୱରୂପ ଆଉ ଗୋଟିଏ ବୋଝ ଲୋକଙ୍କ ଉପରେ ଲଦା ଗଲା । ଏଥିଉତ୍ତାରୁ ପଞ୍ଚୁଆସି କର ବସିବାର କଥା ଅଛି । କେବଳ କଥା ନୁହେ ବଙ୍ଗ ପ୍ରଦେଶର ଭୂମି ସଂକ୍ରାନ୍ତ କାଗଜପତ୍ର ସମ୍ପାଦକ ଏବଂ କୃଷି ମହକୁମାର ଗତ ବାର୍ଷିକ ରିପୋର୍ଟରୁ ପ୍ରକାଶ ଯେ ପଞ୍ଚୁଆସି କର ଧାର୍ଯ୍ୟ ଏବଂ ପଞ୍ଚୁଆସି ଓ କାନୁନଗୋ ନିଯୁକ୍ତ ବିଷୟରେ ଗୋଟିଏ ଆଇନ ଏବଂ ତଦନୁସାରେ ଯେଉଁ ନିୟମାବଳୀ କରିବାକୁ ହେବ ତହିଁର ପାଣ୍ଡୁଲିପି ପ୍ରସ୍ତୁତ ହୋଇ ଭାରତୀୟ ଗବର୍ଣ୍ଣମେଣ୍ଟରୁ ମଞ୍ଜୁର ହୋଇଛି ଅଛି । ମାପ ରିପୋର୍ଟ ଏବଂ ସାମୟିକ ନକସା ଦ୍ୱାରା କାଗଜ ସଂଶୋଧନ କରିବା ଅପେକ୍ଷା ପ୍ରତି ବ ୧୦।୧୫ ର୍ଷରେ ସ୍ଥାନୀୟ ତଦନ୍ତଦ୍ୱାରା ତାହା କରିବା ଭଲ କି ନା ଏହି ପ୍ରଶ୍ନ ପୁନର୍ବାର ବିବେଚନା କରିବା କାରଣ ମାନ୍ୟବର ବଙ୍ଗେଶ୍ୱର ବାହାଦୁର ସେ ମହକୁମାର ଡିରେକ୍ଟର ଏବଂ ସେଟଲମେଣ୍ଟ ଅଫିସରଙ୍କୁ ଅବକାଶ ଦେବାରୁ ସେଟଲମେଣ୍ଟ ଅଫିସର ଶେଷ ଲିଖିତ ଉପାୟ ସପକ୍ଷରେ ଦୃଢ଼ରୂପେ ରିପୋର୍ଟ କରିଅଛନ୍ତି ଏବଂ ସେହି ରିପୋର୍ଟ ଓ ପାଣ୍ଡୁଲିପି ରେଭିନ୍ୟୁବୋର୍ଡଙ୍କ ନିକଟକୁ ପଠାଯାଇଅଛି । ଡିରେକ୍ଟର ମହାଶୟ ମଧ୍ୟ ପ୍ରସ୍ତାବିତ ପଞ୍ଚୁଆସି ଆଇନ କରିବାରେ ମତ ଦେଇ ଲେଖିଅଛନ୍ତି କି ସେପରି ଆଇନ ହେଲେ ଅନେକ ଅଧିକା ଖରଚ୍ ପଡ଼ିବ ଏବଂ ରଇତମାନଙ୍କର ବିଶେଷ କଷ୍ଟ ହେବ । ତଦପେକ୍ଷା ବ ୧୫ ର୍ଷ ଉତ୍ତାରୁ ଥରେ କାଗଜ ସଂଶୋଧିତ ହେଲେ ଯଥେଷ୍ଟ ହେବ । ବଡ଼ ଆନନ୍ଦର ବିଷୟ ଯେ ମାନ୍ୟବର ଲେପ୍‌ଟେନାଣ୍ଟ ଗବର୍ଣ୍ଣର ଉକ୍ତ ଦୁଇ ଉପାୟ ମଧ୍ୟରୁ କେଉଁଟି ଭଲ ସେ ବିଷୟରେ ରେଭିନ୍ୟୁ ବୋର୍ଡଙ୍କର ମତ ଜାଣିବା ପର୍ଯ୍ୟନ୍ତ ସେ ବିଷୟର ଶେଷ ନିଷ୍ପତ୍ତି ସ୍ଥଗିତ ରଖିଅଛନ୍ତି । ଦେଶର ଅବସ୍ଥା ବୁଝି ସେଟଲମେଣ୍ଟ ଅଫିସର ଏବଂ ଡିରେକ୍ଟର ସାହେବମାନେ ଯେଉଁ ସୁପରାମର୍ଶ ଦେଇଅଛନ୍ତି ବୋର୍ଡରେ ତହିଁର ବିପକ୍ଷ ବିବେଚନା କରିବେ ଏହା ମନକୁ ଆସୁ ନାହିଁ । ପଞ୍ଚୁଆସି ଶିରସ୍ତାର ଅକର୍ମଣ୍ୟତା ଗତ କେତେ ଦିନରୁ ପୁନଃ ପୁନଃ ଅବଧାରିତ ହୋଇଥିବା ପ୍ରତ୍ୟକ୍ଷେ

Digitized by srujanika@gmail.com

Split by PDF Splitter



ଗବର୍ଣ୍ଣମେଣ୍ଟ ଅବଶ୍ୟ ପଟ୍ଟୁଆରୀମାନଙ୍କୁ ପାଖୋଇ ପାରୁ ନାହାନ୍ତି ବଡ଼ ଆଶ୍ଚର୍ଯ୍ୟ ଅଟେ । ଅଳ୍ପବେତନର କର୍ମଚାରୀଙ୍କର ସୃଷ୍ଟି ଯେତେ ଅଧିକ ହେବ ସେତେ କାଗଜ ପତ୍ରର ଗୋଳମାଳ ଏବଂ ପ୍ରଜାଙ୍କର କଷ୍ଟ ବଢ଼ିବ ସନ୍ଦେହ ନାହିଁ । ସେଟଲମେଣ୍ଟ ଅଫିସର ଏବଂ ଡିରେକ୍ଟର ଯେ ଏ କଥା ଉତ୍ତମରୂପେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଦେଇ ଆମ୍ଭମାନଙ୍କର କୃତଜ୍ଞତା ଭାଜନ ହୋଇ ଅଛନ୍ତି ଏବଂ ଆଶା କରୁଁ ଗବର୍ଣ୍ଣମେଣ୍ଟ ସେ କଳ୍ପନା ଏବେ ବେଳେ ପରିତ୍ୟାଗ କରି ସେହିପରି କୃତଜ୍ଞତା ଭାଜନ ହେବେ ।

## ଭାରତର ଲୋକଗଣନା ।

ପ୍ରତି ଦଶ ବର୍ଷରେ ଥରେ ଲେଖାଏ ଭାରତର ଲୋକଗଣନା ହୋଇ ଆସୁଅଛି । ଗତ ଗଣନା ସନ ୧୮୯୧ ସାଲରେ ହୋଇଥିଲା ଆସନ୍ତା ଗଣନା ଆଗାମୀ ବର୍ଷ ଅର୍ଥାତ୍ ସନ ୧୯୦୧ ସାଲରେ ପଡ଼ିବ । ଏହି ଗଣନା କାର୍ଯ୍ୟ ସୁଶୃଙ୍ଖଳରୂପେ ନିର୍ବାହ କରିବା ବଡ କଠିନ ବ୍ୟାପାର ଏବଂ ତହିଁ ପାଇଁ ଗୋଟିଏ ସ୍ୱତନ୍ତ୍ର ମହକୁମା ପ୍ରୟୋଜନ । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବଙ୍ଗୀୟ ସିଭିଲସର୍ଭିସ ନିଯୁକ୍ତ ଏଚ, ଏଚ ରିଜଲି ସାହେବଙ୍କର ବିଶେଷ ଯୋଗ୍ୟତା ଦେଖି ତାହାଙ୍କୁ ସେନସସ ଅର୍ଥାତ୍ ଲୋକ ଗଣନା ମହକୁମାର କମିଶନର ନିଯୁକ୍ତ କରିଅଛନ୍ତି । ସେ ଗତ ଅକ୍ଟୋବର ମାସରେ ନିଯୁକ୍ତ ହୋଇ ଭାରତର ସମସ୍ତ ପ୍ରଦେଶ ଭ୍ରମଣ କରି ରିପୋର୍ଟ ଦେବାରୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଗଲାତ ମାସ ତା ୬ ରିଖ ଲିଖିତ ନିର୍ଦ୍ଧାରଣଦ୍ୱାରା ଗଣନା ବିଷୟକ ସମସ୍ତ ବ୍ୟବସ୍ଥା ପ୍ରକାଶ କରିଅଛନ୍ତି । ତହିଁର ସଂକ୍ଷେପ ମର୍ମ ଏହିକି ସେନସସ କମିଶନରଙ୍କ ଅଧୀନରେ ପ୍ରତ୍ୟେକ ପ୍ରଦେଶ ନିମନ୍ତେ ଜଣେ ଲେଖାଏ ସେନସସ ସୁପ୍ରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହେଲେ ଏବଂ ସେମାନେ ଗଲାତମାସ ତା ୧ ରିଖରୁ କାର୍ଯ୍ୟାରମ୍ଭ କଲେ । ତଦନୁସାରେ ଶ୍ରୀଯୁକ୍ତ ଇ, ଏ, ଗେଟ ସାହେବ ବଙ୍ଗ ପ୍ରଦେଶର ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହୋଇଅଛନ୍ତି । ଏକ ସ୍ଥିର ନିର୍ଦ୍ଦିଷ୍ଟ ସମୟରେ ସମସ୍ତ ଭାରତର ଗଣନା ହେବା ଆବଶ୍ୟକ ଏବଂ ସେ ସମୟ ଏମନ୍ତ ହେବା ବାଞ୍ଛନୀୟ କି ଯେମନ୍ତ ଅନ୍ତତଃ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଚନ୍ଦ୍ରାଲୋକ ରହିଥିବ ଏବଂ ଯାତ୍ରା ପର୍ବ ଇତ୍ୟାଦି କିଛି ନ ଥିବ ଯହିଁରେ ଲୋକେ ଆପଣା ଆପଣା ଘର ଛାଡି ପଦାରେ ବୁଲିବାକୁ ଅଥବା ଦୂର ସ୍ଥାନକୁ ଯିବାକୁ ବାଧ୍ୟ ହେବେ ନାହିଁ । ଏହି ସମସ୍ତ ବିବେଚନାରେ ସନ ୧୯୦୧ ସାଲ ମାର୍ଚ୍ଚ ମାସ ତା ୧ ରିଖ ଶୁକ୍ରବାର ରାତ୍ରରେ ଲୋକଗଣନା ହେବାର ନିଷ୍ପତ୍ତି ହୋଇଅଛି । ସେ ତାରିଖ ଉତ୍କଳ ଫାଲ୍‌ଗୁନ ଦ ୧୯ କରୁ ସର ଓ ସେ ଦିନ ଫାଲ୍‌ଗୁନ ଶୁକ୍ଳ ଏକାଦଶୀ ତିଥି ସୁତରାଂ ଅର୍ଦ୍ଧ ରାତ୍ରରୁ ଉର୍ଦ୍ଧ୍ୱ କାଳ ପର୍ଯ୍ୟନ୍ତ ଜ୍ୟୋତ୍ସ୍ନା ରହିବ ଏବଂ ଯାତ୍ରାଦି ଯୋଗ କିଛି ନାହିଁ । ମାତ୍ର ତହିଁ ପୂର୍ବଦିନଠାରୁ ଦୋଳଯାତ୍ରାର ମେଳନ ଆରମ୍ଭ ହୋଇଥିବା ଏବଂ ଦୋଳଯାତ୍ରୀ ଅତ୍ୟନ୍ତ ଅଧିକ ହେବାରୁ ତହିଁ ନିମନ୍ତେ ନାନା ସ୍ଥାନରୁ ଜଗନ୍ନାଥ ଯାତ୍ରୀ ପୁରୀକୁ ଯାତ୍ରା କରିଥିବାର ଅସମ୍ଭବ ନୁହେ । ଆମ୍ଭମାନଙ୍କ ବିବେଚନାରେ ଦେଶୀୟ ପୌଷ ମାସ ଏବଂ ଇଂରାଜୀ ଜାନୁୟାରି ମାସ ପ୍ରଥମ ସପ୍ତାହରେ ଗଣନାର ଦିନ ଧାର୍ଯ୍ୟ ହୋଇଥିଲେ ଅଧିକତର ସୁବିଧା ହୋଇଥାନ୍ତା । ଯାହାହେଉ ଗବର୍ଣ୍ଣମେଣ୍ଟ ସକଳଦିଗ ବିବେଚନା କରି ମାର୍ଚ୍ଚ ମାସ ତା ୧ ରିଖ ଧାର୍ଯ୍ୟ କରିଅଛନ୍ତି । ସେହି ରାତ୍ରରେ ଭାରତର ସକଳ ସ୍ଥାନର ଲୋକଗଣନା ହେବ । କେବଳ ଯେଉଁ ଜଙ୍ଗଲ ଏବଂ ପର୍ବତ ସ୍ଥାନମାନଙ୍କରେ ରାତ୍ରରେ କାର୍ଯ୍ୟ କରିବା ନିତାନ୍ତ ଅସୁବିଧା ସେଠାରେ ତହିଁ ଆରଦିନ ଅର୍ଥାତ୍ ମାର୍ଚ୍ଚ ମାସ ତା ୨ ରିଖ ପ୍ରାତଃକାଳରେ ଗଣନା ହେବ ଏବଂ ଯେଉଁ ପ୍ରଣାଳୀରେ ସେ କାର୍ଯ୍ୟ ନିର୍ବାହ ହେବ ସ୍ଥାନୀୟ ଶାସନକର୍ତ୍ତାମାନେ ସେନସସ କମିଶନରଙ୍କ ସହିତ ପରାମର୍ଶ କରି ତାହା ସ୍ଥିର କରିବେ । ଗଣନା କାର୍ଯ୍ୟରେ ନିଯୁକ୍ତ ହେବା ଗୋହରକମାନେ ଯେଉଁ ଫାରମ ଲେଖିଦେବେ ଏବଂ ତାହା ଲେଖିବା ସମୟରେ ଯେଉଁ ନିୟମମାନ ପ୍ରତିପାଳିତ ହେବେ ସେସବୁ ସ୍ଥିର ହୋଇଅଛି । ଫାରମ ଛପା ହୋଇ ସେମାନଙ୍କୁ ଦିଆ ଗଲେ ତହିଁରୁ ସମସ୍ତ ବିଷୟ ଜାଣି ପାରିବେ । ବର୍ତ୍ତମାନ ସେ ସମ୍ବନ୍ଧରେ କିଛି କହିବାର ଆବଶ୍ୟକ ନାହିଁ । ପୂର୍ବ ସେନସସର ଫାରମ ସଙ୍ଗେ ପ୍ରାୟ ତହିଁର ସମତା ଅଛି । ଅଧିକ ମଧ୍ୟରେ ଇଂରାଜୀ ପଢିଅଛି କି ନାହିଁ ଏଥିପାଇଁ ଗୋଟିଏ ଘର ଯୋଗ ହୋଇଅଛି । ଗଣନାକାର୍ଯ୍ୟ ଏବଂ ତହିଁର ତତ୍ତ୍ୱାବଧାନ ନିମନ୍ତେ ନିଯୁକ୍ତ ହେବା ଲୋକଙ୍କର ବେତନାଦି ପ୍ରସଙ୍ଗରେ କିଛି କଥା ଏହି ନିର୍ଦ୍ଧାରଣରେ ଲେଖା ନାହିଁ । ସମ୍ଭବତଃ ସରକାରୀ କର୍ମଚାରୀମାନେ ବିନା ଖରଚରେ ପୂର୍ବ ପ୍ରାୟ ଏଥର ମଧ୍ୟ କାର୍ଯ୍ୟ କରିବେ ଏବଂ କେବଳ କାଗଜ କଲମ ପ୍ରେସନାଇ ପ୍ରଭୃତି ସେମାନଙ୍କୁ ଦିଆଯିବ । ଗଣନା ଫର୍ଦ୍ଦକୁ କାଗଜ ପ୍ରସ୍ତୁତ କରିବା କାରଣ ଅବଶ୍ୟ ଠିକା ମହକୁମା ଖୋଲାଯିବ ଓ ତହିଁରେ କେତେ ଲୋକ ଚାକିରି ପାଇବେ ।

## ରାଜସ୍ୱ ବନ୍ଦୋବସ୍ତ ଘଟିତ ଆବେଦନ ।

ଭାରତୀୟ ଦେଶ ହିତୈଷୀ ଶ୍ରୀଯୁକ୍ତ ରମେଶ୍ଚନ୍ଦ୍ର ଦତ୍ତ ସି, ଆଇ, ଇ, ଜାତୀୟ ମହାସମିତିର ଗତ ଅଧିବେଶନର ସଭାପତି ହୋଇ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ କହିଥିଲେ କି ବଙ୍ଗପ୍ରଦେଶ ଛଡ଼ା ଭାରତର ଅନ୍ୟାନ୍ୟ ପ୍ରଦେଶର ଭୂମି ରାଜସ୍ୱ ବନ୍ଦୋବସ୍ତର କଠୋରତା ଭାରତ ଦୁର୍ଭିକ୍ଷର ପ୍ରଧାନ କାରଣ ଅଟେ ଏବଂ ସୁନ୍ଦର ଯୁକ୍ତିଦ୍ୱାରା ପ୍ରତିପନ୍ନ କରିଥିଲେ । ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ସେ କେବଳ ଉକ୍ତ ବକ୍ତୃତା ପ୍ରଦାନ କରି କ୍ଷାନ୍ତ ନ ହୋଇ ମଧ୍ୟପ୍ରଦେଶ ଏବଂ ମାନ୍ଦ୍ରାଜର ଭୂମି ରାଜସ୍ୱ ବନ୍ଦୋବସ୍ତ ସମ୍ବନ୍ଧରେ ମହାମାନ୍ୟ ଗବର୍ଣ୍ଣର ଜେନେରାଲ ବାହାଦୁରଙ୍କ ସମୀପକୁ ଏକ ଆବେଦନ ପତ୍ର ପଠାଇଅଛନ୍ତି । ମଧ୍ୟପ୍ରଦେଶ ସମ୍ବନ୍ଧରେ ସେ ଅଙ୍କଦ୍ୱାରା ଦେଖାଇଦେଇଅଛନ୍ତି କି ଉତ୍ତର ପଶ୍ଚିମ ପ୍ରଦେଶ ସଙ୍ଗେ ମିଶାଇ ଦେଖିଲେ ମଧ୍ୟପ୍ରଦେଶର ରଇତମାନଙ୍କ ଉପରେ ଧାର୍ଯ୍ୟ ହୋଇଥିବା ଖଜଣା ଏବଂ ଜମିଦାରଙ୍କଠାରୁ ନିଆଯାଉଥିବା ମାଲଗୁଜାରି ବଡ ଚଢ଼ା ଏବଂ ଏ ବିଷୟର ସତ୍ୟତା ନିର୍ଣ୍ଣୟ କାରଣ ଗୋଟିଏ କମିଶନ ବସାଇବା ନିମନ୍ତେ ଅନୁରୋଧ କରି କହିଅଛନ୍ତି କି ସରକାର ଯେବେ ଅନୁରୋଧ ଗ୍ରହଣ କରିବେ ତେବେ ସେ ନିଜେ [illegible]ରେ କମିଶନର ଜଣେ ସଭ୍ୟ ହେବାକୁ ପ୍ରସ୍ତୁତ ଅଛନ୍ତି । ମାନ୍ଦ୍ରାଜ ପ୍ରଦେଶର ଭୂମି ରାଜସ୍ୱ ବିଷୟରେ ସେ କହିଅଛନ୍ତି କି ଯେ ପ୍ରକାର ଚିରସ୍ଥାୟୀ ବନ୍ଦୋବସ୍ତ କରିବାକୁ ଲର୍ଡ ମେଓ ଓ ଲର୍ଡ ନର୍ଥବ୍ରୁକ କାମନା କରିଥିଲେ ଏବଂ ସନ ୧୮୮୨ ସାଲରେ ଲର୍ଡ ରିପନ ପ୍ରସ୍ତାବ କରିଥିଲେ ଲର୍ଡ କର୍ଜନ ଯେବେ ତାହା ଗ୍ରହଣ କରି ତଦନୁସାରେ କାର୍ଯ୍ୟ କରିବେ ତେବେ ମାନ୍ଦ୍ରାଜର ଜମିଦାର ଏବଂ ପ୍ରଜାଙ୍କର ଦୁର୍ଦ୍ଦଶା କଟିଯିବ ଏବଂ ସରକାର ଜମିର ଉତ୍ପନ୍ନର ଏକ ପଞ୍ଚମାଂଶରୁ ଅଧିକ ଖଜଣା ବନ୍ଦୋବସ୍ତ ନ କଲେ ପ୍ରଜାମାନଙ୍କୁ ବାଧ୍ୟ ନାହିଁ । ଜଳକର ଯେମନ୍ତ ବଙ୍ଗଳାରେ ବଳପୂର୍ବକ ନେବାର ବିଧି ହୋଇ ନାହିଁ ମାନ୍ଦ୍ରାଜରେ ସେମନ୍ତ ହେବା ଉଚିତ । ଯେଉଁ ରଇତ ଆପଣା କ୍ଷେତରୁ ଜଳକର ଦେବାର

Digitized by srujanika@gmail.com

ପ୍ରାର୍ଥନା କରୁଛ ଯେହି ଏକା ଜିଲାର ଦେବ ଓ ଜଳ ନେବା ନ ଦେବା ପ୍ରକାର ଇଚ୍ଛାଧୀନ ରହିବ । ଗବର୍ଣ୍ଣମେଣ୍ଟ ବଳପୂର୍ବକ ଜଳକର ନେବାର ଏହି କାରଣ ଦର୍ଶାଇଅଛନ୍ତି କି ଏକ ଜଣର ପ୍ରାର୍ଥନାମତେ ତାହାର କ୍ଷେତକୁ ଜଳ ମଡାଇବାବେଳେ ଜଳ ଯେବେ ଅନ୍ୟ ପାଶ୍ବଜଣର କ୍ଷେତକୁ ମାଡଇଲେ କ୍ଷେତ୍ରାଧିକାରୀଠାରୁ କର ଆଦାୟ ହୋଇପାରିବ ନାହିଁ । ମାତ୍ର ଏ କାରଣ ପ୍ରକୃତ ନୁହେ । ବଙ୍ଗପ୍ରଦେଶର ଜଳକର ସମ୍ବନ୍ଧରେ ବଳାତ୍କାର କଥା ନାହିଁ ଅଥଚ ଏମନ୍ତ ସୁନ୍ଦର ନିୟମ ହୋଇଅଛି ଯେ ଯେଉଁ ବ୍ୟକ୍ତି ଜଳ ନେବେ ନାହିଁ ତାର କ୍ଷେତକୁ କୌଣସିମତେ ଜଳ ଯିବ ନାହିଁ ଏବଂ ସେହି ନିୟମମାନ ମାନ୍ଦ୍ରାଜରେ ଅକ୍ଳେଶରେ ପ୍ରଚଳିତ ହୋଇପାରେ ।

## ସାମ୍ପ୍ରାହିକ ସମ୍ବାଦ ।

ଏ ସପ୍ତାହରେ ଅତ୍ୟନ୍ତ ଉଷ୍ଣ ହେତୁ ବାୟୁ ପ୍ରବହନ ହେଉଥିବାରୁ ଘର୍ମ ଅଧିକ ହୋଇ ଜଳ ଶୁଷ୍କ ହୋଇ ଯାଉଅଛି । ଅଧିକଂଶ ସ୍ଥାନରେ ଜଳ ଅଭାବ ହୋଇ ଲୋକମାନେ ଏମନ୍ତ ଦୁଃଖ ପାଉଛନ୍ତି ଯେ ଅତି ଦୀନ ଲୋକମାନେ ଏବଂ ପଶୁମାନେ ମଧ୍ୟ ମରିବାର ସମ୍ଭାବନା ବୃଦ୍ଧି ହୋଇଅଛି । ମୋଗଲବନ୍ଦୀ ସ୍ଥାନେ ଏହିପରି କଠୋର ଓ ବୃଦ୍ଧି ହେବା ଏବଂ ତହିଁର ଶୀଘ୍ର ନିବାରଣ ହେବାର ଶୁଣାଯାଏ । ଏଥର ଅମ୍ବ ଫସଲ ସାମାନ୍ୟରେ ହୋଇଅଛି ଏବଂ ତହିଁର ଅଧିକାଂଶ ପବନରେ ଝଡ଼ି ପଡ଼ିବାରୁ ଯାହାର ଅମ୍ବ ଅଧିକ ମିଳିବାର ଆଶା ନାହିଁ ।

ଗତ ସପ୍ତାହରୁ ଏଠା ସ୍କୁଲମାନ ଗ୍ରୀଷ୍ମ ଛୁଟିରୁ ବନ୍ଦ ହୋଇଅଛି । ମାତ୍ର କଲେଜମାନ ବନ୍ଦ ହୋଇ ନାହିଁ । ଏ ଉତ୍ତାପରେ ପଢ଼ିବାର କଥା ନାହିଁ ।

ଏଠା ଲୋକ ସ୍ବାଧୀନତାକୁ ବାବୁ ଶ୍ରୀଯୁକ୍ତ ମହାପାତ୍ର [illegible] ପଦକୁ ଉନ୍ନତ ପାଇ କଟକର ପୁଲିସ ଇନ୍‌ସ୍ପେକ୍ଟର ପଦରେ ଅତିରିକ୍ତ ପଦରେ ନିଯୁକ୍ତ ହୋଇ ଯାଇଅଛନ୍ତି ।

ଗତ ବାର୍ଷିକ ପରୀକ୍ଷାରେ ଏଠା କଲେଜର ସ୍କୁଲ ଛାତ୍ରମାନଙ୍କୁ ବାର୍ଷିକ ପୁରସ୍କାର ଦିଆ ଯାଇଥିଲା । ଶ୍ରୀଯୁକ୍ତ କମିଶନର ସାହେବ ସଭାପତି ହୋଇ ପୁରସ୍କାର ବିତରଣ କରିଥିଲେ ।

ଗତ ସୋମବାର ସକାଳ ସା ୮ ଘଣ୍ଟାବେଳେ ଏଠା ଡେଙ୍କାନାଳ ଡାକପୋଷ୍ଟ ନିକଟ ଘରଗୁଡ଼ିକରେ ନିଆଁ ଲାଗିଥିଲା । କପଡ଼ା ଜିନିଷ ଜଳି ନଷ୍ଟ ହୋଇଅଛି । କ୍ଷତି ଅଧିକ ନୁହେ । ପୋଲିସ ଅଧିକାରୀମାନଙ୍କ ଯତ୍ନରେ ଅଗ୍ନି ନିର୍ବାପିତ ହେଲା ।

ଗତ ବୁଧବାର ରାତ୍ର ସା ୧୧ ଘଣ୍ଟା ବେଳେ କଟକ ଷ୍ଟେସନଠାରେ ଜଣେ ବୃଦ୍ଧ ଦକ୍ଷିଣର ରେଲଗାଡ଼ି ଅଗ୍ନିରେ ପଡ଼ିଥିଲା । ଷ୍ଟେସନରେ ଥିବା ଲୋକ ଶୀଘ୍ର ଓ ଏଥିରୁ କିଛି କ୍ଷତି ହୋଇ ନାହିଁ । ସ୍ଥାନ ଗାଡ଼ି ଅଛି ଅଳ୍ପ ପୀଡ଼ା ପାଇବାର ଶୁଣିଅଛୁଁ ।

ଅତ୍ୟନ୍ତ ଦୁଃଖର ବିଷୟ ଗତ ଶନିବାର ଦିନ ଯେ ତାଳଚେରର ରାଜାଙ୍କ ତାହାଙ୍କ ଘୋଡ଼ା ବାମ୍ଫରୁ ପକାଇବାରୁ ସେ ବଡ଼ ପୀଡ଼ିତ ଅଛନ୍ତି । ଈଶ୍ବରଙ୍କ ଧନ୍ୟବାଦ ସେ ପୀଡ଼ା ସାଂଘାତିକ ନୁହେ ।

ଦୁଃଖର ବିଷୟ ଯେ ପୁରୀର ପେନସନପ୍ରାପ୍ତ ଡେପୁଟୀକଲେକ୍ଟର ବାବୁ ଘନଶ୍ୟାମ ଦାସ ଗତ ମଙ୍ଗଳବାର ରାତ୍ରରେ ଇହଲୋକ ପରିତ୍ୟାଗ କଲେ । ତାହାଙ୍କର ବୟସ ଅଶୀ ବର୍ଷ ହୋଇଥିବ ଏବଂ ପେନସନ ନେଇ ସେ କେବଳ ଧର୍ମକର୍ମରେ ପ୍ରବୃତ୍ତ ଥିଲେ ଓ ଉପାସନାରେ ଅନେକ ଦୀର୍ଘ ପର୍ଯ୍ୟନ୍ତ ବିତାଇଥିଲେ ।

ମେଦିନୀପୁର ଜଗନ୍ନାଥ ଗାଁର ଯୋଡ଼ାର କଟକରୁ ଏକ ହଜାର ଟଙ୍କାର ଗୋଟିଏ ତୋଡ଼ା କ୍ଷେତ୍ର ପାଇଅଛନ୍ତି ଓ ତହିଁର ସୁଯଶ ରଦ୍ଦ ହେଉଅଛି । ମେ, ଦାସ

ଗାଉଛିମିର ରାଜା ଶ୍ରୀଯୁକ୍ତ ରଘୁନାଥ ନାରାୟଣ ସିଂହ ଇଂରାଜୀ ଦେଶ ବାହାଦୁରଙ୍କ ପୁତ୍ରର ଉପନୟନ କାର୍ଯ୍ୟ ମହା ସମାରୋହରେ ସମ୍ପନ୍ନ ହୋଇ ଯାଇଅଛି । ନିମନ୍ତ୍ରିତ ବ୍ରାହ୍ମଣ ପଣ୍ଡିତମାନଙ୍କୁ ଖାଦ୍ୟ ଉପରେ ଯୋଗ୍ୟତାନୁସାରେ ୫ ୧୫ ୧ ଟ ୫ ୨୫ ଟ ଏବଂ ୫ ୮ ଟ ଲେଖାଏଁ ଦିଆ ଯାଇଅଛନ୍ତି ଏବଂ ବିଦ୍ୟାର୍ଥୀମାନଙ୍କୁ ମଧ୍ୟ ଅହାର ଓ ଦକ୍ଷିଣା ସନ୍ତୋଷଜନକ ରୂପେ ଦିଆଯାଇଅଛନ୍ତି । ଧନ୍ୟ ରାଜା ।

ଉତ୍ତର ଜୟପୁରରେ ପାଠ କରୁଁ ଯେ ଡେପୁଟୀସ୍କୁଲ ଇନ୍‌ସ୍ପେକ୍ଟର ବାବୁ ଶ୍ରୀଯୁକ୍ତ ଏ, ସୁବ୍ରମଣ୍ୟ ନାଇଡୁ ଗଞ୍ଜାମ ଏବଂ ଅଠଗଡ ମାହାଲର ଏଜେଣ୍ଟ ଓ ମାନେଜର ନିଯୁକ୍ତ ହୋଇଅଛନ୍ତି ।

ଖମ୍ଭଲପୁରଠାରେ ମହାମାରୀ ଉଠିଲା ଅଛି ପଶ୍ଚିମରୁ ଚଳାଇ ସାଇ ଆଉଷ୍ଟ ପ୍ରଥମ ଜଣ ଅଣିବାର ଦେଖା ଦେଇଅଛି । ଏହାଦ୍ବାରା ସହରର ଲୋକେ ବ୍ୟସ୍ତ ହେଲେ ।

ଖମ୍ଭଲପୁରରେ ବଙ୍ଗାଳୀମାନଙ୍କୁ ଅନ୍ନ ଦେବା ନିମନ୍ତେ ସରକାରଙ୍କ ପକ୍ଷରୁ ଉଦ୍ୟୋଗ ହେଉଅଛି ।

ସମ୍ବଲପୁରରେ ଘରର ଟଙ୍କାକୁ ୫ ଭଡ଼ା ଲେଖାଏଁ ବଢ଼ିଯାଉଅଛି । ଅନ୍ନ ଏକ ପଇସାରେ ସ୍ବଳ୍ପ ମାତ୍ର ଲେଖାଏଁ ମିଳୁଅଛି ।

ଦୁର୍ଭିକ୍ଷରେ ପାଠ କରୁଁ କି ସମ୍ବଲପୁର ଏଜେନ୍ସୀ ସାହେବଙ୍କୁ ସେଠାର ଲୋକମାନେ ଯାଉଅଛନ୍ତି ସେ ଗ୍ରାମର ପଞ୍ଚମାନଙ୍କ ନାମରେ ଜଣେ ଡେପୁଟି ସେମାନଙ୍କୁ ପାଇବାକୁ ଦେଇଅଛନ୍ତି । ବଡ଼ ଶୁଭସମ୍ବାଦ କଥା ।

ଭୁବନର ସୁବର୍ଣ୍ଣପୁର ରାଜ ଗାଈର୍ଜମାନ ପାଞ୍ଚଗୁର ମୃତ୍ୟୁ ହୋଇଅଛି । ସେ ମହାଶୟ ଅସାଧାରଣ ଗୁଣବାନ ଥିଲେ ଜ୍ଞାନ ବୁଦ୍ଧିଯୁକ୍ତ ଏବଂ ଧୀରସ୍ବଭାବ ଅତ୍ୟନ୍ତ ଲୋକପ୍ରିୟ ଥିଲେ ।

ପେଶୱାରଠାରେ ଜଣେ ପଠାଣ ଭଲରେ ସାହେବଙ୍କ ହତ୍ୟା କରିବାର ଚେଷ୍ଟା କରିଥିଲା । ସାହେବ ସେଠା ଡେପୁଟୀ କମିଶନର ସାହେବଙ୍କ କଚେରୀର ସୁପରିଣ୍ଟେଣ୍ଡେଣ୍ଟ ଅଛନ୍ତି । ଗତମାସ ତା ୨୮ ରିଖ ସନ୍ଧ୍ୟାସମୟରେ ସାହେବ ମହୋଦୟ ବୁଲିବାକୁ ଯାଇଥିଲେ ଫେରୁଥିବା ସମୟରେ ପଠାଣ ହଠାତ୍ ସାହେବଙ୍କ ଗାଡ଼ିକୁ ପକାଇଦେଇ ଧରିବାକୁ ଚେଷ୍ଟା କଲା ଏବଂ ଛୁରୀରେ ଆଘାତ କଲା । ପରେ ପଠାଣ ସାହେବଙ୍କ ବକ୍ଷଦେଶରେ ଛୁରୀ ଭୁସିଦେଲା ସାହେବ ମଲ୍ଲ-ଯୁଦ୍ଧକରି ଛାଡ଼ିକରି ପଳାଇଲେ । ଦୈବଯୋଗେ ସାହେବଙ୍କ ପକେଟରେ ଟିକା ରଖିବାର କମଡ଼ାର ଯୋଡ଼ ଥିବାରୁ ଛୁରୀ ତହିଁରେ ବାଜିଲା ଏବଂ ସାହେବ ପ୍ରାଣରକ୍ଷାରୁ ରକ୍ଷାପାଇଲେ । ସାହେବଙ୍କ ପାଖରେ ଅନେକ ଲୋକ ଘଟଣାସ୍ଥଳକୁ ଦୌଡ଼ିଗଲେ ମାତ୍ର ଅନ୍ଧକାରଯୋଗେ କେହି ଆସାମୀକୁ ଧରିପାରିଲେ ନାହିଁ । ଆସାମୀ ଅଦ୍ୟାପି ଧରାପଡ଼ି ନାହିଁ । ଅନୁସନ୍ଧାନ ଚାଲିଅଛି ।

---

ସ୍ମରଣପତ୍ର ।

ଅନୁଗ୍ରାହକଙ୍କ ମହାମତ ନିମନ୍ତେ ଅନେକମାନେ ବାଧ୍ୟହୋନ୍ତୁ ।

---

ଉତ୍କଳଦୀପିକା ସମ୍ପାଦକ ମହାଶୟ

ସମୀପେଷୁ ।

ବ୍ୟାଘ୍ରର ଉପଦ୍ରବ ।

ମେଦିନୀ ପଧାନ ନାମକ ଜଣେ ଶ୍ରୀକ୍ଷେତ୍ରବାସୀ ତାର ସ୍ତ୍ରୀକୁ ସଙ୍ଗେ ନେଇ ଗତ ମାସ ତା ୧୦ ରିଖ ଗତ ମଙ୍ଗଳବାର ସନ୍ଧ୍ୟାପୂର୍ବରୁ ଢେଙ୍କାନାଳ ସହରରୁ ଘର ଯାଉଥିଲେ ବାଟରେ ଘାଟ ନିଜଗ୍ରାମ । ଏ । ଅଠଗଡର ଭଗିଙ୍କୁ ଆସୁଥିଲେ । ଶ୍ମଶାନରୁ ଏକ କୋଶ ଦୂରରେ ପ୍ରାୟ ତୁଳସୀଦର ଦେଖିଲେ ପଧାନ ଗାଡ଼ି ଉପରେ ବସି ଓ ତାଙ୍କ ସ୍ତ୍ରୀ ତାଙ୍କ ସମ୍ମୁଖଭାଗରେ ଯାଉଥିଲେ, ଏପରିସ୍ଥଳେ ଅକସ୍ମାତ୍ ଅଦୃଶ୍ୟରୁ ଏକ ବ୍ୟାଘ୍ର [ ଗୋଟିଏ ଏକଷାଳିଆ ବାଘୁଣୀ ପରି ] ବଣ ମଧ୍ୟରୁ ଡେଇଁ ଆସି ପଧାନ ସମ୍ମୁ-

ଣରେ ସଡକ ମଝିରେ ବସିଲା । ପଧାନଙ୍କ ସ୍ତ୍ରୀ ଉଠାନ୍ତେ ପଧାନ ଦେଖିଲେ ବାଘ ଶଗଡ ଆଗରେ ବାଟ ଓଗି ବସିଅଛି । ଟାଙ୍ଗିଅଦ୍ୱାରା ଝୁଣ୍ଟ ମୁଣ୍ଡାକୁ ଠକ୍‌ଠକ କଲେହେଁ ବାଘ ବାଟ ଛାଡ଼ି ଯାଉ ନାହିଁ । ଶଗଡିଆ ପାଣ ଗଡଗଡି ଚେଙ୍ଗା-ଡାଲର ଶବ୍ଦ ସତ ହେଉ ବା ମିଛ ହେଉ ପାଣ ଶଗଡିଆ ଶଣ୍ଢେ ସଙ୍ଗେ ଥିବା ପାର୍ଶ୍ୱରୁ ମଲରେ ପୂଜି ବାଘ ପାଖକୁ ପୋପାଡ ଦେବା ମାତ୍ରେ ବାଘ ଦୁଇ ଛକ ଥର ଘୋର ଗର୍ଜନ କରି ତେଣି ବଣ ଭିତରକୁ ଗଲାପରେ ପଧାନଙ୍କ ସ୍ତ୍ରୀ ଭୟରେ କାଶ୍ମ ପିଲୁଡାବଲ୍ ବସି ରହିଲେ । ତେଣେ ବାଘ ଯାଇଁ ଅଗ୍ରଗାମୀ ଢାଠ ଶଗ-ଡିଆକୁ ନେଇ ପଥ ପାର୍ଶ୍ୱସ୍ଥ ଏକ ଗଛମୂଳେ ବସାଇ ଏଣେ ଦୌଡି ଆସି ଏକସ୍ଥଳା ତେଣୁ ଦୌଡ ଆସି ଏକସ୍ଥଳା ଢାମୁଡ ନେଇ ଖାଉଛି ପଥରେ ଶଗଡ଼ ଟିଏ ହୋଇଅଛି । ବଳଦଙ୍କ କାନରେ ସ୍ୱଥଳ ଅଛି । ଶଗଡିଆକୁ ବାଘ ନେଲବେଳେ ଶଗଡିଆ ଡ଼ାକ ପକାଇ କହିଥିଲା "କେ ଅଛରେ ଶଗଡିଆ ଭାଇ ମୋତେ ବାଘ ନେଲା" ଏତିକ ମାତ୍ର ପଧାନ ତାଙ୍କ ସ୍ତ୍ରୀ ଓ ଶଗଡିଆ ଶୁଣିବାକୁ ପାଇଥିଲେ କାରଣ ସେମାନେ ଅଭ ଅଳ୍ପ ଏମନ୍ତ କ ଅଧ କୋଶ ବାଟ ପଛରେ ଥିଲେ । ପଧାନ ଓଗେର ଏହା ଦେଖି ଓ ବାଘର ଘୋର ଗର୍ଜନ ଶବ୍ଦରେ ସ୍ତମ୍ଭିତ ହୋଇ ନିଜ ଶଗଡ଼ ସେଠା ସ୍ଥାଣୁ ପକାଇ ଆସି ସଡକ ପାଖରୁ କିଛି ଦୂର ଅନ୍ତର ଏକ ଗ୍ରାମରେ ପଶି କୌଣସି ଲୋକ ଗୃହସ୍ଥର ଗୃହରେ ଆଶ୍ରୟ ନେଇ ରାତ୍ରିର ବାକି ଭାଗ କ୍ଷେପଣ କଲେ । ଏମାନଙ୍କ ଆସିଲା ଉତ୍ତାରେ ଚେଙ୍କା-ନାଲକୁ ଆସୁଥିବା ଡ଼ାକ ହରକରାମାନେ ସଡ଼କ ମଧ୍ୟରେ ଶଗଡ଼ ବଳଦ ଠିଆ ହୋଇଥିବା ଓ ଶଗଡିଆର ଅଣ୍ଟା ଅଣ୍ଟି ଏଣେ ତେଣେ ବ୍ୟସ୍ତ ହୋଇ ପଡିଥିବାର ଦେଖି, ଶଗଡିଆକୁ ବାଘ ନେଇଥିବାର ବୋଧ କରି ବଳଦଙ୍କ କାନ୍ଧରୁ ଯୋଚ କାଢ଼ିଦେଇ ଚାଲିଗଲେ ବଳଦମାନେ କେଉଁଆଡେ ଗଲେ ତାହାର ଠିକଣା ନାହିଁ । ଅଲଦିନ ବୁଧବାର ସକାଳେ ପଧାନ ଓ ହର-କରା ଏ ସମସ୍ତେ ନୂଆପାଟଣା ଥାନା ପାଖରେ ଭେଟ ହୋଇ ପୂର୍ବୋକ୍ତ ସମ୍ବାଦ କଥା-ବାର୍ତ୍ତା ହେଲାରୁ ଢେଙ୍କାନାଳ ବାଟ ଯାଉଥିବା ଲୋକ ପାଖର ବଣରେ ବାଘର ଉପଦ୍ରବ ବିଷୟ ସାଧାରଣ ଲୋକେ ଜ୍ଞାତ ହେଲେ ପୁଣି ପଧାନ ଓ ତାଙ୍କ ସ୍ତ୍ରୀର ନିଜ ମୁଖରୁ ପୂର୍ବୋକ୍ତ ବ୍ୟାଘ୍ରର ଉପଦ୍ରବ କଥା ଶୁଣି ଲେଖିଲୁଁ * ଏହା ମଧ୍ୟ ଶୁଣିଅଛୁଁ ଯେ ଢାଠ ଶଗଡିଆ ସଙ୍ଗରେ ଅନ୍ୟୂନ ଛଅଖଣ୍ଡ ଢାଠବୋହୁଥାଇ ଶଗଡ ଥିଲା । ସେମା-ନଙ୍କ ବଳଦ ବଳବନ୍ତ ଥିବା ହେତୁ ସେ ଛଅ ଜଣ ଶଗଡିଆ ବାଘ ନେଇଥିବା ହତଭାଗ୍ୟ ଗରିବ ଶଗଡିଆକୁ ଘୋର ଅରଣ୍ୟ ମଧ୍ୟରେ ପଛରେ ଛାଡି ନୂଆପାଟଣା ଜଗା ଘାଟି ପାଖକୁ ଆଗେ ଚାଲି ଯାଇଥିଲେ । ଏକ ଜଣକୁ ବଳଶାଳୀ ଜାଣି ବିପନ୍ନଙ୍କ ସ୍ୱାର୍ଥକୁ ପୂର୍ଣ୍ଣ ଘୋର ଅରଣ୍ୟରେ ସଙ୍କଟରେ ଛାଡି ଯିବା କି ନିତାନ୍ତ ଅନ୍ୟାୟ ନୁହଇ ? ଏହ ଗ୍ରାମବାସୀ ହୋଇ କ ଏମନ୍ତ କରାଯାଏ ?

ଢଟକ ତା୧୬।୪।୦୦ } ସମ୍ପାଦକ ମହାଶୟଙ୍କର ନିତାନ୍ତ ବାଧ୍ୟ ପ୍ରାଚୀନ ଗ୍ରାମସେବକ ସାଗର ସୂତ୍ରଧର

— — —

ମହାଶୟ !

ବାବୁ ଦୁର୍ଗାଚରଣ ଘୋଷ ଯେଉଁ ପ୍ରଶ୍ନ କରି-ଅଛନ୍ତି ତହିଁର ଉତ୍ତର ନିମ୍ନରେ ଜଣାଉଅଛୁଁ । ଆପଣଙ୍କ ପତ୍ରିକାରେ ସ୍ଥାନ ପ୍ରଦାନ କଲେ ଉପ-କୃତ ହେବୁଁ ।

ଦୁର୍ଗାନନ୍ଦ ଦାସଙ୍କ ଏହା ଜାତବାଚକ ନୁହେଁ, ନାମ ବାଚକ ଅଟେ । ଅନେକେ ଏ କଥା ଶୁଣି-ଅଛନ୍ତି ବନ୍ତୁ ଅଧିକାଂଶ ବ୍ୟକ୍ତି ତହିଁର ପ୍ରକୃତ ତଥ୍ୟ ଜାଣନ୍ତି ନାହିଁ । ଓଡିଶା ବାସୀ ସମସ୍ତ କାୟସ୍ଥ ମୋହନ୍ତ ବୃନ୍ଦଙ୍କ ଅବଗତ କାରଣ ତହିଁ-ର ସବିଶେଷ ହାଲ ଲେଖିଲ ଦେଉଁ । ଆମ୍ଭର ପ୍ରବନ୍ଧ ଶେଷ ନ ହେବା ପର୍ଯ୍ୟନ୍ତ କୌଣସି ପ୍ରକାର ପ୍ରତିବାଦ କରିବା ହେବେ ନାହିଁ । ପରେ ଯାହାର ଯେପରି ଇଚ୍ଛା ଥିବ ତାହା ପ୍ରଶ୍ନ କରିପାରିବେ । ତାହା ହେଲେ ଉତ୍ତର ଦେବାର ସୁବିଧା ହେବ ।

୧୯ଗୋକୁଳାନନ୍ଦ ଦାସ ନାମକ ଜଣେ ଦକ୍ଷିଣ ରାଢ଼ି କାୟସ୍ଥ ସ୍ୱୀୟ ବଙ୍ଗଦେଶରୁ ଆସି ପଗ୍ରଣ୍ଡିସ ଓଲନ୍ଦାଜ ଓ ଦନାମାର ପ୍ରଭୃତି ବିଦେଶୀୟ ଗବର୍ଣ୍ଣମେଣ୍ଟଙ୍କ ମହାଜନୀ ଏଜେଣ୍ଟର କୁଠିରେ ଦଲାଲୀ କର୍ମ କରୁଥିଲେ । ତାହାଙ୍କର ଜ୍ୟେଷ୍ଠ ପୁତ୍ର, ଜ୍ୟେଷ୍ଠ ୯ବ୍ରଜାନନ୍ଦ ଦାସ ଇଙ୍ଗ୍ଲେଣ୍ଡ ଗବର୍ଣ୍ଣ-ମେଣ୍ଟଙ୍କ ନିମକ ଦେବାନ ଥିଲେ । ମଧ୍ୟମ ୯ବ-ଶୋର କନ୍ଦଦାସ ପତ୍ରମିଣ୍ଟ ଇଜାରାର ସଦର

* ଢେଙ୍କାନାଳ ବାଟରେ ବାଘ ନ ଖାଉ ଏଥିକୁ ମାଙ୍କ-ସଙ୍ଗି ବାଘକୁ ମାରିବାର ଉପାୟ କେହି କରୁ ନାହାନ୍ତ କାହିଁକ ?

ମୁନସି, କନିଷ୍ଠ ୯ମଥୁରାନନ୍ଦ ଦାସ ନିମକ ଚାଙ୍କୁ-ଙ୍ଗା କର୍ମ କରୁଥିଲେ । ୯ବ୍ରଜାନନ୍ଦ ଦାସ ମେଦି-ନୀପୁର ଜିଲାର ବଳରାମପୁର ପ୍ରଧାନ ଜମିଦାର ସ୍ୱର୍ଗବଶୋଭବ କନ୍ୟାର ପାଣିଗ୍ରହଣ କରି-ଥିଲେ । ତାଙ୍କ ପୁତ୍ର ୯ଜଗନ୍ନାଥ ପ୍ରସାଦ ଦାସ ଯେ କ ପ୍ରଥମ ନିମକି ଗାଏବ ଦେବାନ ହୋଇ ଥିଲେ; ମୟୂରଭଞ୍ଜ ମହାରାଜଙ୍କର ଦେବାନୀ କର୍ମ କରୁଥିଲେ । ଏ ବ୍ୟକ୍ତି ସୁଖ୍ୟାତି ହୋଇଲ ଗ୍ରାମନିବାସୀ ୯ମଦନମୋହନ ଘୋଷଙ୍କ କନ୍ୟାର ପାଣିଗ୍ରହଣ କରିଥିଲେ । ସେ ସମୟେ ମଦନ-ମୋହନ ବାବୁ ବାଲେଶ୍ୱର ଜିଲାର ସଦରଥାନା-ର ପୁଲିସ ଦାରୋଗା କର୍ମ କରୁଥିଲେ । ଏହି ସମସ୍ତ ଉଚ୍ଚକର୍ମ ମାନଙ୍କରେ ନିଯୁକ୍ତ ଥିବାରୁ ଧନ ଜନ ଓ ସାହ୍ୟରେ ଏମାନେ ବାଲେଶ୍ୱର-ଜିଲାର ଶିର୍ଷ ସ୍ଥାନୀୟ ଥିଲେ । ଏମାନଙ୍କ ଆଦାନ ପ୍ରଦାନ ବଙ୍ଗଦେଶସ୍ଥ ଦକ୍ଷିଣରାଢ଼ି କାୟସ୍ଥ ମାନଙ୍କ ସଙ୍ଗରେ ହୋଇଥିଲା । ବର୍ଦ୍ଧମାନ ଓ ହୁଗଳୀ ଜିଲାର ଅନ୍ତର୍ଗତ, କାଲନା ଅମ୍ବିକା କାଏତ୍ତୋଷୀ ଏବଂ ଚବିଶପ୍ରଗଣା ଖାନାକୁଲ କୃଷ୍ଣନଗର ଓ ଗୋଲ୍-ଲଣ ପ୍ରଭୃତି ସ୍ଥାନମାନଙ୍କର ଦେବକୋଷୀ ଦକ୍ଷିଣରାଢ଼ି କାୟସ୍ଥମାନେ କର୍ମ ଉପଲକ୍ଷରେ ବାଲେଶ୍ୱରକୁ ଆସିବାରୁ ୯ବ୍ରଜାନନ୍ଦ ଦାସ ସେମାନଙ୍କୁ ନିମକି ଏଜେଣ୍ଟର ବାବୁଙ୍କ ଘୋଷଙ୍କର ପୁଲିସ ଦାରୋଗା ପ୍ରଭୃତି ଉଚ୍ଚ କର୍ମରେ ନିଯୁକ୍ତ କରାଇ ସେମାନଙ୍କ ବସ୍ତବାସ କରିବା ନିମନ୍ତେ ଭୂଭୂମି ପ୍ରଦାନ କରି ଆପଣାର ବସତ ବାଟିରେ ଉଭୟ ପାର୍ଶ୍ୱରେ ସ୍ଥାନ ପ୍ରଦାନ କରିବାରୁ ଏହ ନବ ବସତ ହୋଇ ତହିଁର ନାମ ଦେବାଣ-ପଡ଼ା ଅଟେ । ଏହା ବାଲେଶ୍ୱର ଟାଉନ ମଧ୍ୟ ସ୍ଥିତ ପୁରୁଣା ଗ୍ରାମରେ ସ୍ଥାପିତ ଅଛି । ଏହି ଗ୍ରାମର ଚତୁର୍ଦ୍ଦିଗରେ ନଦୀମ୍ଭ ଅଛି ମଧ୍ୟସ୍ଥଳରେ ଦେବାଳୟ ଶିବାଳୟ ଓ ବଡ଼ ପୁଷ୍କରିଣୀ ଏବଂ ବୃକ୍ଷ୍ୟାଦିରେ ଶୋଭି ପାଉଅଛି । ଏହି ସ୍ଥାନକୁ ଦେଖିଲା ମାତ୍ରେ ଏକସମୟରେ ଧନୀ ଜନମାନ-ଙ୍କର ବାସସ୍ଥାନ ଥିବାର ପ୍ରମାଣମାନ ଦେଖା-ଅଛି ।

୨ ବାଲେଶ୍ୱର ଟାଉନର ପଶ୍ଚିମଦିଗରେ ରେମୁଣା ହୋଇ ଏକ ଗ୍ରାମ ଅଛି; ଏଠାରେ ଶୀର ଚୋରା ଗୋପୀନାଥ ଜଉଙ୍କ ମନ୍ଦିର ଥିବାରୁ ଏହା ଏକ ବିଖ୍ୟାତ ସ୍ଥାନ ଅଟେ । ଏହି ମନ୍ଦିରର ଅର୍ଦ୍ଧ ମାଇଲ ମଧ୍ୟରେ ଦକ୍ଷିଣରାଢ଼ି କାୟସ୍ଥ ଓ ବଙ୍ଗଦେଶୀୟ ବ୍ରାହ୍ମଣମାନେ ବହୁକାଳରୁ ଏଠା-

Split by PDF Splitter
Digitized by srujanika@gmail.com

Split by PDF Splitter



କେ ବସୁବାସ କରୁଅଛନ୍ତି । ଏମାନଙ୍କ ମଧ୍ୟରେ ଅନେକେ ଉଚ୍ଚପଦରେ ନିଯୁକ୍ତ ଥିଲେ । ତନ୍ମଧ୍ୟରୁ ୰କୃଷ୍ଣକାନ୍ତ ମିଶ୍ର ଉଃ ମେଃ ଓ୍ ତାଙ୍କ ସାନ ଭାଇ ଲକ୍ଷ୍ମୀକାନ୍ତ ମିଶ୍ର କମଡ ନାଏବ ଦେବାନ କର୍ମ କରୁଥିଲେ । ଏଠାକାର ନବାସିମାନେ ଧନ ଜନ ଓ ଗୌରବରେ ବ୍ରଜାନନ୍ଦ ଦାସଙ୍କ ସମକକ୍ଷ ଥିଲେ । ଏହି ଉଭୟ ଦଳ ମଧ୍ୟରେ ପ୍ରଥମ ଅବଧି ପ୍ରବାଦ ଚଳୁଥିଲା ଏବଂ ରେମୁଣାବାସିମାନଙ୍କର ପୁରୋହିତମାନେ, ବ୍ରଜାନନ୍ଦ ଦାସଙ୍କ ଗୃହରେ ପୁରୋହିତ କର୍ମ ବର୍ତ୍ତମାନ୍ ସୁଦ୍ଧା କରୁଅଛନ୍ତି ।

* କାଳକ୍ରମେ ଏହି ଉଭୟ ଦଳ ମଧ୍ୟରେ ବିଷମ ବିଜାତିଭ ଭଳନା ରହିଁଲ ଜାଉଣ ଅଛି । ଉକ୍ତ ସମୟରେ ପଣ୍ଡିତ ଲେଥ ସାହେବ ନାମକ କାଲେକ୍ଟର ଭଳ୍ପ ମେଃ ଓ ସ୍ତଃ ଥିଲେ ଏବଂ ନମକ ଏଜେଣ୍ଟର ଭାର ଏହାଙ୍କ ହସ୍ତେ ଥିଲା । ୰ଲକ୍ଷ୍ମୀକାନ୍ତ ମିଶ୍ର ନାଏବ ଦେବାନ ମହୋଦୟ; ଦେବାନୀ କର୍ମ ପାଇବା ଆଶାରେ ଉକ୍ତ ସାହେବ ମହୋଦୟଙ୍କ ନିକଟରେ ବ୍ରଜାନନ୍ଦ ଦାସଙ୍କ ନାମରେ କେତେକ ଗ୍ଲାନିକର ଦୋଷ ଦେଖାଇବାରୁ ସେହି ଦୋଷରୁ ବ୍ରଜାନନ୍ଦ ଦାସଙ୍କୁ ସାହେବ ମହୋଦୟ ବରଖାସ୍ତ କରି ତାଙ୍କ କର୍ମରେ ୰ଲକ୍ଷ୍ମୀକାନ୍ତ ମିଶ୍ରଙ୍କୁ ମୋକରର କରିଥିଲେ । କିନ୍ତୁ ବଡ଼ଲାଟଙ୍କ ଛାମୁରେ ଅପିଲ କରି ବ୍ରଜାନନ୍ଦ ଦାସ ଆପଣ କର୍ମରେ ମୋକରର ହୋଇଥିଲେ । ଏହାପରେ ଉକ୍ତ ଉଭୟ ବରଖାସ୍ତ ଓ ମୋକରର ହୋଇଥିଲେ । ପୂର୍ବ ସ୍ଥଳ ଉଣ୍ଡଃ ଦେବାନ୍ ମହୋଦୟ ନାଏବ ଦେବାନଙ୍କୁ ବିଷ ଦୃଷ୍ଟିରେ ଦେଖିଥିଲେ ଏବଂ ପଦେ୨ ତାହାଙ୍କର ଦୋଷ ଦେଖାଇ ଅପମାନ ଦେବାକୁ ତ୍ରୁଟି କରୁ ନ ଥିଲେ । ଏଥିରୁ ରେମୁଣାସ୍ଥ କାୟସ୍ଥମାନଙ୍କ ସହିତ ସୁବର୍ଣ୍ଣ ଗ୍ରାମର କାୟସ୍ଥମାନଙ୍କ ସଙ୍ଗେ ଅଦାନ ପ୍ରଦାନ ଓ ଭୋଜନ ବ୍ୟବହାର ସମସ୍ତ ଏକକାଳେନ ବନ୍ଦ ହୋଇଗଲା । ରେମୁଣାସ୍ଥ କାୟସ୍ଥମାନେ ବ୍ରଜାନନ୍ଦ ଦାସଙ୍କୁ କାୟସ୍ଥ ବୋଲି ସ୍ୱୀକାର କଲେ ନାହିଁ । ମିଶ୍ର ବଂଶମାନେ ଓଡ଼ିଶାବାସୀ ଶ୍ରୀକରଣ କାୟସ୍ଥ ସମାଜରୁ ପଦଦ୍ୱାରା ଜଣାଇଲେ ଯେ ବ୍ରଜାନନ୍ଦ ଦାସ ଦକ୍ଷିଣ ରାଢ଼ି କାୟସ୍ଥ ଅଟନ୍ତି । ଏମାନେ ନାଗସ୍ ବବାଦର ପ୍ରଥମ ସୂତ୍ର ଅଟେ ।

କ୍ରମଶଃ

୧ ମେ ୧୯୦୦ } ଶ୍ରୀ ବଂଶୀଧର ଦାସ ଘୋଷ
ସୁଗ୍ର }

## ମୂଲ୍ୟପ୍ରାପ୍ତି ।

| | |
|---|---|
| ମୈଁଥୁସ୍ତ ଶ୍ରୀ ଜଗନ୍ନାଥ ମିଶ୍ର ଜମିଦାର ଗଣ୍ଡଶାସ୍ତ୍ର | ଟ ୩୯ |
| ଶ୍ରୀ ବାବୁ ବଣ୍ଟାଣିଧ ରନ ବାମନାଳ ସ୍କୁଲ | ଟ ୩୯ |
| ଶ୍ରୀ ବାବୁ ଜଗନ୍ନାଥ ମିଶ୍ର କଟକ | ଟ ୩୯ |
| ଶ୍ରୀ ବାବୁ ବଳମାଳ ସିଂହ ବେଲାମାଳ | ଟ ୩୯ |
| ଶ୍ରୀ ବାବୁ ଦାମୋଦର ମହାପାତ୍ର ମୁକ୍ତାର କଟକ | ଟ ୯୯ |
| ଶ୍ରୀ ବାବୁ ଗୋପାଳବଲ୍ଲଭ ଦାସ ମେଦିନପୁର | ଟ ୩୯ |
| ଶ୍ରୀ ବାବୁ ମାଧବ ଦାସ ଓକିଲ କଟକ | ଟ ୩୯ |
| ଶ୍ରୀ ବାବୁ ନୀଳକଣ୍ଠ ଘୋଷ ପୁରୀ | ଟ ୩୯ |
| ଶ୍ରୀ ବାବୁ ସୁଦର୍ଶନ ମହାପାତ୍ର ଲେଣ୍ଡିପୁର | ଟ ୩୯ |
| ଶ୍ରୀ ବାବୁ ସୁରେନ୍ଦ୍ରମୋହନ ଦାସ କାଜିପୁର | ଟ ୩୯ |
| ଶ୍ରୀ ବାବୁ ଶ୍ରୀକୃଷ୍ଣଦାସ ପୁରୀ | ଟ ୧୫ |
| ଶ୍ରୀ ବାବୁ ଘନଶ୍ୟାମ ଜାଜପୁର ,, | ଟ ୬୯ |
| ଶ୍ରୀ ବାବୁ ଜାହ୍ନବୀପ୍ରସାଦ ନବସିଂହାଳ | ଟ ୩୯ |
| ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜମିଦାର କେନ୍ଦ୍ରାପଡ଼ା | ଟ ୩୯ |

# ବିଜ୍ଞାପନ ।

## ନୂତନ ପୁସ୍ତକ ।

ଭକ୍ତକବି ୰ ହଳଧର ଦାସଙ୍କ କୃତ
ସୁଲଳିତ ଛାନ୍ଦରେ ପଦ୍ୟାନୁବାଦ

# ଅଧ୍ୟାତ୍ମ ରାମାୟଣ ।

( ସମ୍ପୂର୍ଣ୍ଣ ସପ୍ତକାଣ୍ଡ )

ମୁଦ୍ରିତ ହୋଇ କଟକ ଜଗନ୍ନାଥ ପ୍ରେସରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ଟ ୨୵

ଏକକାଳେ ୧୦ ଖଣ୍ଡ କ୍ରୟ କଲେ, ୧ ଖଣ୍ଡ ବିନା ମୂଲ୍ୟରେ ମିଳିବ । ଭିଃ ପିଃ ଡାକରେ ପୁସ୍ତକ ପଠା ଯାଇପାରେ ।

ମ୍ୟାନେଜର, ଜଗନ୍ନାଥ ପ୍ରେସ କଟକ ।

NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*

## NOTICE.

It is hereby notified for general information that High Level Canal Ranges I & II will be closed for Annual Repairs from 8th May to 10th June 1900 both days inclusive.

Merchants, boatmen and others are therefore informed that all boats rafts &c. must be taken out from the above canals, on or before the midnight of 7th May 1900.

The boat traffic in the High Level Canal Ranges I & II will be stopped during the period mentioned above.

*Executive Engr's Office* AKHOYAPADA JAJPUR DIVISION The 9th April 1900 } B. M. Mitra. *Executive Engineer* Akhoyapada Jajpur Division

## NOTICE.

Wanted immediately a works sirkar on Rs. 20. per mensem, for the Madhupur Ward's Estate. Applications with copies of testimonials to be submitted to

The 10th April 1900. } S. T. W. Degruythor Offg. District Engineer, Cuttack.

IRRIGATION DEPARTMENT.

## NOTICE.

It is hereby notified that the High Level Canal, Ranges I and II, from Chowduar to Korya, will be closed for annual repairs from 8th May to 10th June 1900, both days inclusive.

CALCUTTA, The 26th March 1900. } A. H. C. MACCARTHY, Under-Secy. to the Govt. of Bengal.

## ପ୍ରୟୋଜନୀୟ ପୁସ୍ତକ ।

ପାରିବାରିକ ଚିକିତ୍ସା ସ୍ୱଳ୍ପଖଣ୍ଡ, ଜ୍ୱର ଚିକିତ୍ସା ଚାରିଖଣ୍ଡ, ଘୋଡ଼ଚିକିତ୍ସା ୧ ମ ଭାଗ ଏକଖଣ୍ଡ, ୨ ସୂଜ୍ଞାନ ତୁଇଖଣ୍ଡ, ବସୂଚିକା ଚିକିତ୍ସା ଏକଖଣ୍ଡ, ବସନ୍ତରୋଗ ଚିକିତ୍ସା ଉଚିତ ମୂଲ୍ୟରେ କଟକ ଶ୍ରୀ ବିଂକଟ୍ଟାଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢ଼ା ଜାଣିପାରନ୍ତି, ସେମାନେ ସହଜପ୍ରାପ୍ୟ ତେଲ, ମୂଳ, ମସଲାଦ୍ୱାରା ଉପରୋକ୍ତ ରୋଗମାନ ଦମନ କରିପାରିବେ । ପଣ୍ଡିତମାନଙ୍କର ଦ୍ୱିତୀୟ ସଂସ୍କରଣ ଏକଖଣ୍ଡରେ ମିଳିବ । ସମଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେଲୁ ସ୍କୁଲ ପାଠ୍ୟ ହୋଇଅଛି ।

Digitized by srujanika@gmail.com

Split by PDF Splitter


## ବିଜ୍ଞାପନ ।

## ଉଦ୍‌ଯୋଗି ସମିତିର

ଭଣ୍ଡାରର ଅଧିକାଂଶ

ଜିନିସ ଦେଶୀ ।

---

## ଦେଶୀ ଜିନିସ,

ନିଶ୍ଚିତ ଅବଶ୍ୟ ଭଲ

ଦାମ ମଧ୍ୟ ଶସ୍ତା !

---

## ଉଦ୍‌ଯୋଗି ସମିତିର

## ଭଣ୍ଡାର

କଟକ ଅଦାଲତ ନିକଟରେ

ଠକବଟା ନାହିଁ, କାଳିବିକ୍ରି ନାହିଁ

ମନରେ କିଛି ଧୋକା ରହେ ନାହିଁ

---

## ନୂଆ ଆମଦାନୀ

ଶୀତକାଳର ଉପଯୋଗୀ

ନାନାବିଧ ଦେଶୀ ଲୁଗା

ଟୁଇଲ, ଟୁଇଡ଼, ଛିଟ, ତସର,

ବାଫ୍ତା ଇତ୍ୟାଦି ।

---

## ବନାରସୀମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳରୁ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରାୟଗଡ଼, ସରେଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଯୋଡ଼ି, ଦୋପଟ୍ଟା, କିଂଖାପ, ବାଫ୍ତା, ସର୍ବୀ ଦୋପଟ୍ଟା ମଞ୍ଜଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନାପ୍ରକାର ଉତ୍ତମ ଖଚିତ ଅଙ୍ଗୁଷି ପ୍ରଭୃତି ଛଡା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉଁ । ବରାତ ଦେବାବେଳେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡିଆ ମୋହରିର ରଖିଅଛୁ, ସୁତରାଂ ଓଡିଆରେ ପତ୍ର ଲେଖିଲେ ଚଳିବ, ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ୍ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲ୍ଲୁମାଲ ଭୋଲାନାଥ,

କୁଞ୍ଜଗଲ ଫାଟକ, ବନାରସ ସିଟି ।

---

ଏଣ୍ଟ୍ରାନ୍‌ସ, ଅପରପ୍ରାଇମେରୀ, ବର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତାହାଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।

ସେକ୍ରେଟେରୀ ।

---

ସଟୀକ

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତାହାଁର ମୂଲ୍ୟ ଏକ ସାଙ୍ଗରେ ଟ ୧୨୲୵ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୲ |
| ୨ ମଧ୍ୟ ପର୍ବ | ଟ ୨୲ |
| ୩ ସଭା ପର୍ବ | ଟ ୨୲ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।୵ |
| ୧୦ ଶଲ୍ୟ ପର୍ବ | ଟ ୦ ॥୵ |
| ୧୧ ଗଦା ପର୍ବ | ଟ ୦। |
| ୧୨ କାଳିଦିକା ବା ଐଷିକ ପର୍ବ | ଟ ୦।/ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ॥୵ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦୲ |
| ୧୭ ମୂଷଳୀ ପର୍ବ | ଟ ୦।୵ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |

---

## ନୂତନପୁସ୍ତକ ।

ହରସଙ୍କୀର୍ତ୍ତନ ।

ଅଭିନୂତନ ଅଭିନୂତନ ଅଭିନୂତନ

ମୂଲ୍ୟ ଟ ୦ ୵ ଦୁଇଅଣା

| | |
|---|---|
| ଦାର୍ଢ୍ୟଭକ୍ତି ପୁନର୍ମୁଦ୍ରିତ | ଟ ୧୧ |
| ଅଧ୍ୟାତ୍ମରାମାୟଣ (ହଳଧରପଟ୍ଟନାୟକକୃତ) | ଟ ୨୧ |
| ସଟୀକ ଅମରକୋଷ ଅଭିଧାନ ପଦ୍ୟାନୁବାଦିତ | ଟ ୧। |
| ବତିଶସିଂହାସନ | ଟ ୦୲ |

ନାନ୍‌କସାଇଁବାଣୀ । ଅଣାଏଁ ଦେଇ ନିଅ ଘରେ ବସି ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଉତ୍କଳ ଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ତଳଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ନିମନ୍ତେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତାହାଁର ଖର୍ଚ୍ଚ ଟ ୦ ୲ ଣାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ନିମନ୍ତେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ନିମନ୍ତେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।


ଏହି ଉତ୍କଳଦୀପିକା ସହର କଟକ ତେଲେଙ୍ଗାବଜାର ପ୍ରିଣ୍ଟିଂ କମ୍ପାନୀ "ଲିମିଟେଡ"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ସ୍ତ୍ର ୩୫ ଭାଗ | ତା ୨୮ ତମ ମାହେ ଏପ୍ରେଲ ସନ ୧୯୦୦ ମସିହା । ମୁ । ତା ୧୭ ଜ ବୈଶାଖ ସନ ୧୩୦୭ ସାଲ ଶନିବାର | ଅଗ୍ରୀମ ଟ ୩୧
ସଂ ୧୭ ସଂଖ୍ୟା | | ପଶ୍ଚାଦ୍ଦେୟ ଟ ୬୧

ଅସ୍ମମାନଙ୍କର ମାନନୀୟ କମିଶନର ଗତ ସୋମବାର୍ ପ୍ରାତଃକାଳରେ ପୁରୀ ଗମନ କରିଅଛନ୍ତି ସେଠାରୁ ଦୁର୍ଭିକ୍ଷପୀଡିତ ସ୍ଥାନକୁ ପରିଦର୍ଶନ ନିମନ୍ତେ ଗମନ କରିବେ । ପୁଣି ଆଗାମୀ ସୋମବାର ବିଭାଗୀୟ ପରୀକ୍ଷା ନିମନ୍ତେ ୧ ସି ଭିନ ଚାରି ଦିବସ ନିମନ୍ତେ ପୁରୀକୁ ପୁନର୍ବାର ଗମନ କରିବେ । ଅପିଲ ମୋକଦ୍ଦମାମାନ ପୁରୀଠାରେ ଶ୍ରବଣ କରିବେ ବୋଲି ଆଦେଶ ଦେଇଅଛନ୍ତି । ଆଗାମୀ ମଇ ମାସ ତା ୧୦ ରିଖଠାରୁ ମୋକଦ୍ଦମା ବିଚାର କରିବେ ।

---

ନୟାଗଡ ରାଜା ଓ ଗଭର୍ଣ୍ଣମେଣ୍ଟ ଏଜେଣ୍ଟଙ୍କ "ମୋକଦ୍ଦମାର ପ୍ରମାଣ ନେଇ ଗଡଜାତର ଆସିଷ୍ଟାଣ୍ଟ ସୁପ୍ରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମଚନ୍ଦ୍ର ନାୟକ ଗତ ରବିବାର ଦିବସରୁ ଏ ନଗରରେ ପହୁଞ୍ଚିଅଛନ୍ତି । ଓକିଲମାନେ ମଧ୍ୟ ଫେରି ଆସିଅଛନ୍ତି । ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟରେ କାଗଜାତ ପେସ ହେଲେ ଫଳ ଜଣାପଡିବ । ଶୁଣା ଯାଉଅଛି ରାଜା ସାହେବ ଆଜି କାଲିରେ ଏ ନଗରରେ ପହୁଞ୍ଚିବେ । ମୋକଦ୍ଦମା ମୀମାଂସା ହେଲାରୁ ବିଚାର ଫଳ ଯଥା ସମୟରେ ପାଠକମାନଙ୍କୁ ଜଣାଇବୁ । ଗଭର୍ଣ୍ଣମେଣ୍ଟ ଏଜେଣ୍ଟ ବାବୁ ଦର୍ପନାରାୟଣ ଦାସ ପୂର୍ବବତ୍ ରାଜ୍ୟର ଶାସନ କାର୍ଯ୍ୟ କରୁ ଅଛନ୍ତି ।

---

ଆମ୍ଭେମାନେ ବିଶ୍ୱସ୍ତ ସୂତ୍ରେ ଅବଗତ ହୋଇଅଛୁଁ ଯେ ମାହାଙ୍ଗା ଅଞ୍ଚଳରେ ଅଳଯୋଡ଼ା ଗ୍ରାମ ନିବାସୀ ଜଣେ ତନ୍ତୀ କଲିକତାରୁ ପ୍ଲେଗ ରୋଗ ଭୟରେ ପଳାଇ ଆସିଲା ମାତ୍ର ଘରେ ପହୁଞ୍ଚିବାର ଚାରିଦିନ ଉତ୍ତାରେ ଜ୍ୱରରେ ପୀଡିତ ହେଲା ଓ ତହିଁ ଆରଦିନ ସ୍କନ୍ଧଦେଶରେ ଆଉମାନ ବାହାରିଲା ଏଥିରେ ଦୁଇଦିନ ପୀଡିତ ହୋଇ ଚଳିତ ଅପ୍ରେଲ ମାସ ତା ୧୩ ରିଖରେ କାଳଗ୍ରାସରେ ପତିତ ହେଲା । ଏଥିର ସମ୍ବାଦ ମାହାଙ୍ଗା ଥାଣାରେ ଦିଆ ଯିବାରୁ ହେଡ କନଷ୍ଟବଲ ଯାଇ ଶବକୁ ଦେଖି ପ୍ଲେଗ ରୋଗରେ ମୃତ୍ୟୁ ଘଟିଥିବାର ନିର୍ଣ୍ଣୟ କଲେ । ଏହି ସନ୍ଦେହରେ ରୋଗୀ ପୂର୍ବରୁ ଗୋଟିଏ କୂଳରେ ଥାଇ ମରିଥିଲା । ହେଡ଼କନଷ୍ଟବଲ ଝାଲ୍ ଚାଳ ଓ ତାହାର ଜିନିଷ ବସ୍ତ୍ରାଦି ପୋଡି ଦେଲେ ଓ ଅନ୍ୟ ଘରେ ପ୍ଲେଗ ନିବାରକ ପାଣି ଆଦି ସେଚନ କରାଇଲେ । ଏ ଉପାୟମାନ ଭଲ ଘଟେ, ଓ ସେହିଦିନ୍ ସେ ଗ୍ରାମରେ ଅନ୍ୟ କାହାରିକୁ ଏ ରୋଗ ଘଟି ନାହିଁ । ଏତିକରେ ଯାଉ ଏହାର ବାଞ୍ଛନୀୟ ।

---

ବଡାମ୍ବା ମାନେଜରଙ୍କ ନାମରେ ଅପବାଦ ଓ ଭୟ ଦେଖାଇବା ଅପରାଧରେ ଭାରତବର୍ଷ ଦଣ୍ଡବିଧି ଆଇନର ଦ ୫୦୦ ଓ ୫୦୬ ଧା ଅନୁସାରେ ଯେଉଁ ସମନ୍ତ ପଟ୍ଟନାୟକ ଅଣିଷ୍ଟାଣ୍ଟ ସୁପ୍ରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମଚନ୍ଦ୍ର ନାୟକଙ୍କଦ୍ୱାରା ବିଚାରରେ ଦଣ୍ଡ ପାଇଥିଲେ ସେ ସମ୍ବନ୍ଧରେ ଗଡଜାତ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଅପିଲ ଦାଏର ହୋଇଥିଲା । ଅପିଲରେ ସମନ୍ତ ଦ ୫୦୬ ଧାରୁ ମୁକ୍ତି ଲାଭ କଲେ ମାତ୍ର ଦ ୫୦୦ ଧା ଅନୁସାରେ ବ ୧ ର୍ଷ ପରିବର୍ତ୍ତରେ ମା ୬ ସ ବିନା ପରିଶ୍ରମରେ କଏଦ ଓ ଟ ୫୦ ଙ୍କା ଜରିମାନା ଶାସ୍ତି ପାଇଲେ । ସାହେବ ମହୋଦୟ ରାୟରେ ପ୍ରକାଶ କରିଅଛନ୍ତି ଯେ ଅପିଲାଣ୍ଟ ମାନେଜରଙ୍କ ବିରୁଦ୍ଧରେ ଯେଉଁ ଦୋଷାରୋପ କରିଥିଲେ ତାହା ସେ ପ୍ରମାଣ କରି ନାହାନ୍ତି ସୁତରାଂ ସେ ମାନେଜରଙ୍କ ବିରୁଦ୍ଧରେ ବୃଥା ଦୋଷାରୋପ କରିଥିବାରୁ ଦୋଷୀ ଅଟନ୍ତି । ଆମ୍ଭେମାନେ ଶୁଣିଲୁଁ ଆଜକୁ ପ୍ରାୟ ଦୁଇବର୍ଷରୁ ଊର୍ଦ୍ଧ୍ୱ ହେବ ମାନେଜରଙ୍କ ବିରୁଦ୍ଧରେ ମୋକଦ୍ଦମା ଉପସ୍ଥିତ ହୋଇଥିଲା । ସେଥିର ପରିଣାମ ଏହିପରି ହେଲା ।

---

### ପୁଲିସ ଓ ଜନସାଧାରଣ ।

କୈପୁର ହିତୈଷୀରେ ଲେଖାଅଛି କି ଜଣେ ପୁଲିସ ଇନସ୍ପେକ୍ଟରଙ୍କ ସାକ୍ଷାତରେ କେହି ପୁଲିସର ନିନ୍ଦା କରନ୍ତେ ସେ ଉତ୍ତର ଦେଲେ କି "ଆପଣମାନେ ଏକା ପୁଲିସର ଦୋଷ ଦେଖନ୍ତି ମାଶ ଦେଶର ଅବସ୍ଥା ପ୍ରତି ଦୃଷ୍ଟି କରନ୍ତି ନାହିଁ । ଅସ୍ମମାନଙ୍କ ଦେଶରେ ଯେଉଁମାନେ ବଡ଼ ଲୋକ ବୋଲି ପରିଚିତ ସେମାନଙ୍କର ଚରିତ୍ର, କାର୍ଯ୍ୟ ଓ ସାମାଜିକ ଓ ପାରିବାରିକ ଜୀବନ

Digitized by srujanika@gmail.com

Split by PDF Splitter



ଚିନ୍ତା କଲେ ପୁଲିସକୁ ଦୋଷ ଦେବାକୁ ସଙ୍କୁଚିତ ହେବେ । ପବିତ୍ରତା, ପ୍ରେମ, ସରଳତା, ସ୍ୱାର୍ଥ ତ୍ୟାଗ, ଜାତି ଓ ଧର୍ମଭକ୍ତି ଏ ସମସ୍ତ ମନୁଷ୍ୟଜୀବନ ଗଠନର ଉପକରଣ । ଯେଉଁ ହୃଦୟରେ ସେ ସବୁ ନାହିଁ ସେ ପୁଲିସ ଦଳଭୁକ୍ତ ହୁଅନ୍ତୁ ବା "ଶ୍ରୀ" ଗରୁଡ ପୁଲିସ ଇନସ୍ପେକ୍ଟରଙ୍କର ଉତ୍ତର ଯଥାର୍ଥ ଏଥିରେ ସନ୍ଦେହ ନାହିଁ । ସଂସାରରେ ଦୁଷ୍ଟବୁଦ୍ଧି ଲୋକ ଅଛନ୍ତି ବୋଲି ରାଜା ସେମାନଙ୍କର ଦମନ ନିମନ୍ତେ ପୁଲିସର ସୃଷ୍ଟି କରିଅଛନ୍ତି ଏବଂ ନାନାଉପାୟରେ ଯୋଗ୍ୟ ଲୋକ ବାଛି ପୁଲିସ କର୍ମଚାରୀ ନିଯୁକ୍ତ କରିଅଛନ୍ତି । ଦୁଷ୍ଟ ଦଳନ ଓ ଶିଷ୍ଟ ପାଳନ କାର୍ଯ୍ୟରେ ରାଜାଙ୍କୁ ସାହାଯ୍ୟ କରିବା ପୁଲିସର କର୍ତ୍ତବ୍ୟ । ମନ୍ଦଲୋକ ଅଛନ୍ତି ବୋଲି ପୁଲିସ ମନ୍ଦ ହେବେ ଏହା କହିଲେ ପୁଲିସର ବିଶେଷତ୍ୱ କିଛି ରହୁ ନାହିଁ । ସାଧାରଣ ଲୋକ ଅପେକ୍ଷା ପୁଲିସର ଦାୟିତ୍ୱ ଅଧିକ । ସମସ୍ତେ ଜାଣନ୍ତି ଯେ କେତେସ୍ଥଳେ ପୁଲିସ କର୍ମଚାରୀ ବିଶେଷ ଲୋକ ଅଥବା ପ୍ରଜାଗଣଙ୍କରେ ପଡି ସତ୍ୟକୁ ମିଥ୍ୟା କରି ଦୁଷ୍ଟର ସାହାଯ୍ୟ ଓ ଶିଷ୍ଟର ହାନିରେ ଏବଂ ସମ୍ଭବତଃ ପୁଲିସରେ ଏପ୍ରକାର କର୍ମଚାରୀର ଆଧିକ୍ୟ ଦେଖି ଲୋକେ ପୁଲିସକୁ ନିନ୍ଦା କରନ୍ତି । ଧର୍ମ ପରାୟଣ ପୁଲିସ ଇନସ୍ପେକ୍ଟର ଏ କଥା ସ୍ମରଣ ରଖି ନିଜେ ଯେମନ୍ତ ନିରପେକ୍ଷ ନ୍ୟାୟ ସଙ୍ଗତରୂପେ ଆପଣା କର୍ତ୍ତବ୍ୟ ପାଳିବେ ତେମନ୍ତ ଅଧସ୍ଥ କର୍ମଚାରୀଙ୍କର କର୍ତ୍ତବ୍ୟ ପାଳନ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖି କେହି କିଛି ଅନ୍ୟାୟ କଲେ ତତ୍‌କ୍ଷଣାତ୍ ତାହାକୁ ଶାସନ କରିବେ । ତାହା ହେଲେ ପୁଲିସର ଦୁର୍ନାମ ରଟନା କରିବାକୁ କେହି ଅବସର ପାଇବେ ନାହିଁ । ପୁଲିସ ହାତରେ ସରକାର ଅନେକ କ୍ଷମତା ଦେଇଅଛନ୍ତି । ଉଚିତ ବ୍ୟବହାର କଲେ ସେ ଅବଶ୍ୟ ଭଦ୍ରଲୋକଙ୍କର ସାହାଯ୍ୟ ଓ ସହାନୁଭୂତି ପାଇବେ ଆଉ ଅପ ବ୍ୟବହାର କଲେ ଅନନ୍ତ ବିପଦରେ କେହି ତାହାଙ୍କ ପାଖରେ ପଶିବେ ନାହିଁ ।

---

କାନପୁରରେ ପ୍ଲେଗ ସଙ୍ଘଟିତ ଦଙ୍ଗା ।

ପ୍ଲେଗରୋଗ ପ୍ରାୟ ଭାରତର ସର୍ବତ୍ରରେ ନ୍ୟୂନାଧିକ ଦେଖା ଦେଇଅଛି । କର୍ତ୍ତୃପକ୍ଷମାନେ ପ୍ଲେଗ ନିବାରଣର ଉପାୟ ଅବଲମ୍ବନ କରିବାରେ ହେଳା କରୁ ନାହାନ୍ତି । କିନ୍ତୁ ସମାନ ଲୋକମାନଙ୍କ ଉପଯୋଗୀ ଓ ସାଧାରଣର ସନ୍ତୋଷ ଜନକ ହେଉ ନ ଥିବା କାରଣରୁ ସ୍ଥାନେ ସ୍ଥାନେ ଲୋକେ ଉତ୍ତେଜିତ ହେଉଅଛନ୍ତି । କାନପୁର ଏଥିର ବହିର୍ଭୂତ ହୋଇ ନାହିଁ । କାନପୁରସ୍ଥ ହିନ୍ଦୁ ଓ ମୁସଲମାନ ଏକତ୍ରିତ ହୋଇ ପ୍ଲେଗ କମିଟିର ବିରୋଧୀ ହୋଇଅଛନ୍ତି ସେମାନେ ଏକ ମେଳ ହୋଇ ଦୋକାନ ପ୍ରଭୃତି ବନ୍ଦ କରି ଦେଇଥିଲେ ଓ ଶ୍ରମଜୀବୀମାନେ ମଧ୍ୟ କାର୍ଯ୍ୟରେ ଉପସ୍ଥିତ ହେଲେ ନାହିଁ । ଏମାନଙ୍କର ଅସନ୍ତୋଷ କ୍ରମଶଃ ବୃଦ୍ଧି ହେବାକୁ ଲାଗିଥିଲା । ଅବଶେଷରେ ପ୍ରକାଶ ହୁଏ ଯେ ପୁଲିସର ଅତ୍ୟାଚାର ସମ୍ବାଦ ନ ପାଇ ଲୋକେ ଗତ ଅପ୍ରେଲ ମାସ ତା ୧୧ ରିଖରେ ସେଗ୍ରିଗେସନ ଓ ଅବଜାରଭେସନ କାମ୍ପ ପ୍ରଭୃତିରେ ଅଗ୍ନି ସଂଯୋଗ କରିଦେଲେ ଓ ପାଞ୍ଚ ଜଣ ପୁଲିସ କର୍ମଚାରୀ ଓ ଅନ୍ୟ ଏକ ଜଣ ଏହି ଉତ୍ତେଜନାରେ ମଧ୍ୟ ନଷ୍ଟ ହେଲେ । ଦଙ୍ଗାକାରୀମାନେ କ୍ଷିପ୍ତପ୍ରାୟ ହେଲେ । ଏହି ଗୋଲମାଲ ବନ୍ଦ କରିବା ପାଇଁ ପଲଟନର ଅବଶ୍ୟକ ହୋଇଥିଲା ।

ଉତ୍ତର ପଶ୍ଚିମାଞ୍ଚଳର ଲେଫ୍‌ଟେନାଣ୍ଟ ବାହାଦୁର ଏହି ହଙ୍ଗାମା ଶ୍ରବଣ କରି ଆଉ ରହି ପାରିଲେ ନାହିଁ । ତା ୧୨ ଖଣ ଦିବସ ସ୍ୱୟଂ ଉପସ୍ଥିତ ହୋଇ ସେମାନଙ୍କର ଶାନ୍ତି ନିମନ୍ତେ ବ୍ୟବସ୍ଥା କଲେ ଯେ କେଳେ ଯାତ୍ରୀମାନଙ୍କର ବିଶେଷରୂପେ ପରୀକ୍ଷା ନସ୍ତ ହେବ, ପ୍ଲେଗରୋଗୀ ଘରେ ରହି ପାରିବ ମାତ୍ର ଘରେ ରହିବାର ଉପଯୁକ୍ତ ନ ଜାଣିଲେ କର୍ମଚାରୀ ସ୍ଥିର କରିଦେବେ । ଗ୍ରାମବାସୀର କଣ୍ଟ ଦୂରରେ ସେଗ୍ରିଗେସନ କାମ୍ପ କରିବାକୁ ହେବ । ଯଦି କାହାର କଣ୍ଟ ଗୁହାଘ ଥାଏ ଜଣାଇଲେ ଲେଫ୍‌ଟେନାଣ୍ଟ ବାହାଦୁର ଶୁଣିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଘୋଷଣା ଦେଇଅଛନ୍ତି । ଲେଫ୍‌ଟେନାଣ୍ଟ ବାହାଦୁରଙ୍କଠାରୁ ସାନ୍ତ୍ୱନା ବାକ୍ୟ ଶ୍ରବଣ କରି ସବୁ ଦୋକାନ କଳ କାରଖାନା ପ୍ରଭୃତି ବନ୍ଦ ଥିଲା । ବୋଧ ହୁଏ ବର୍ତ୍ତମାନକୁ ଶାନ୍ତି ସ୍ଥାପନ ହୋଇଥିବ ।

ଲେଫ୍‌ଟେନାଣ୍ଟ ବାହାଦୁରଙ୍କ ଅବସ୍ଥାନ କାଳରେ ଅନେକ ସ୍ତବକ ଲାଠି ମଧ୍ୟପ୍ରଦେଶରୁ କେତେ ଧନୀ ଜମିଦାରଙ୍କ ନିକଟକୁ ଆସିଥିଲା । ବର୍ତ୍ତମାନ ପ୍ରୋକ୍ତ ଲାଠି ସବୁ ଜବତ୍ ହୋଇ ଲାଠିକର୍ତ୍ତାମାନଙ୍କର ଗ୍ରେପ୍ତାର ଓ ବିଚାର ଲାଗିଅଛି ।

---

ଚମତ୍କାର ଦଲିଲ ରେଜିଷ୍ଟ୍ରୀ ।

ବଙ୍ଗ ପ୍ରଦେଶର ରେଜିଷ୍ଟ୍ରୀ ମହକୁମାର ଗତ ବାର୍ଷିକ ରିପୋର୍ଟ ପଢ଼ିଲେ କେତେକ ରେଜିଷ୍ଟ୍ରୀ ହୋଇଥିବା ଚମତ୍କାର ଦଲିଲମାନଙ୍କର ପ୍ରସଙ୍ଗ ଲେଖାଅଛି । ତହିଁରୁ ଉକ୍ତ ଦଲିଲର ସଂକ୍ଷେପ ବୃତ୍ତାନ୍ତ ପାଠକମାନଙ୍କର କୌତୂହଳ ନିମନ୍ତେ ଉଦ୍ଧାର କଲୁଁ । ଏ ସବୁ ଦଲିଲରୁ ସ୍ଥାନୀୟ ନୈତିକ ଅବସ୍ଥାର କେତେକ ପରିଚୟ ମିଳୁଅଛି ।

ବାଙ୍କୁଡାର ସଦର ସବରେଜିଷ୍ଟ୍ରୀ ଅଫିସରେ ଜଣେ ସ୍ତ୍ରୀ ଏକ ପୁରୁଷ ସପକ୍ଷରେ ଏହି ମର୍ମରେ ଏକ ଦଲିଲ ଲେଖି ଦେଇଅଛି କି ସେ ସମାନ୍ ଇଚ୍ଛା କରିବ ଓ ତହିଁରେ ତ୍ରୁଟି କଲେ ସେ ପୁରୁଷଠାରୁ ନେଇଥିବା ଟ ୨୭୯ କା ଫେରି ଦେବ ।

ମାଲଦା ଜିଲ୍ଲାର କନ୍ଦୁଆ ସବରେଜିଷ୍ଟ୍ରୀଘରେ ଗୁରୁଜଣ ସନ୍ନ୍ୟାସୀ ଏହି ମର୍ମରେ ଏକ ଏକରାରନାମା ରେଜିଷ୍ଟ୍ରୀ କରାଇଲେ କି ସେମାନେ ସେ ସବୁ ଗ୍ରାମରେ ଭିକ୍ଷା କରନ୍ତି ସେ ସବୁ ସ୍ୱ ଭାଗରେ ବାଣ୍ଟି ନେଲେ । ଯେବେ ସେମାନଙ୍କ ମଧ୍ୟରୁ କେହି ଜଣେ ଅପରର ଭାଗରେ ପଡ଼ିଥିବା ଗ୍ରାମରେ ଭିକ୍ଷା କରିବ ତେବେ ଏକଶତ ଟଙ୍କା ଜରିମାନା ଦେବ ।

ଧୁବ୍ରୀର ସଦର ସବରେଜିଷ୍ଟ୍ରୀ ଅଫିସରେ ଏକ ବ୍ୟକ୍ତି ଏକ ସ୍ତ୍ରୀକୁ ଯାବଜ୍ଜୀବନ ପ୍ରତିପାଳନ କରିବା ଓ ସେ ସ୍ତ୍ରୀର ଜୀବଦଶାରେ ବିବାହ ନ କରିବାର ଏକରାରନାମା ରେଜିଷ୍ଟ୍ରୀ କରି ଦେଇଅଛି ।

ଜଣେ ବ୍ରାହ୍ମଣ ଗଣ୍ଡ ତାହାର ସ୍ତ୍ରୀର ଚରିତ୍ର ପରି ସନ୍ଦେହ କରି ଏକ ଛାଡ଼ପତ୍ର ତାହାର ସଦର ସବରେଜିଷ୍ଟ୍ରୀ ଅଫିସରେ ରେଜିଷ୍ଟ୍ରୀ କରାଇଅଛି ।

ଜିହ୍ନପୁର ସଦର ଅଫିସରେ ଜଣେ ବ୍ରାହ୍ମଣ ଏହି ମର୍ମରେ ଏକ ଦଲିଲ ରେଜିଷ୍ଟ୍ରୀ କରି ଦେଇଅଛି କି ତାହାର ବିବାହିତା ସ୍ତ୍ରୀ ତାହାର ବାପ ଘରୁ ନେଇ ଯାଇ ପାରିବ ନାହିଁ ଓ ତାହାକୁ ଖୋରାକ ଯୋଗାଇ ଦେବ । ଏଥିରେ ତ୍ରୁଟି କଲେ ସେ ସ୍ତ୍ରୀ ସ୍ୱାମୀକୁ ଛାଡ଼ପତ୍ର ଦେବ ।

ହାବଡାର ସଦର ଅଫିସରେ ଜଣେ ପୁରୁଷ ମାତ ଓ ତାହାର ପୁତ୍ର ସ୍ୱଗ୍ରାମ ସହର ଚତୁର୍ଦ୍ଦିଗସ୍ଥ ୩୨ ଗ୍ରାମବାସୀଙ୍କର ଦୌଲତି ଲୋକସମ୍ମତି ଅନୁସାରେ ଧୂର କଲେ କମ୍ପ ସାଧାରଣ ସଭାରେ କମ୍ଭୁବି ସ୍ୱାର୍ଥ କରିବ ସେହି ୩୨ ଗ୍ରାମବାସୀମାନେ ଏକାବେଳେ ଯୋଗଦାନ ଦେବେ ।

---

Digitized by srujanika@gmail.com

Split by PDF Splitter



## ଟ୍ରାନ୍ସଭାଲଯୁଦ୍ଧ ।

ଟ୍ରାନ୍ସଭାଲ ଯୁଦ୍ଧ ପୁଣି ଘନୀଭୂତ ହୋଇଆସୁଅଛି । ଉଏପନାରଠାରେ କର୍ଣ୍ଣେଲ ଡେଲଗେଟୀ ସାତ ଗୋଟି ତୋପ ସେନା ଅବରୁଦ୍ଧ ଅଛନ୍ତି । ବୁଅରମାନେ ଯେ ଉକ୍ତ ବେଷ୍ଟିତ ସ୍ଥାନକୁ ଛାଡି ଦେଇ ଯିବାର ଭାବ ଦେଖାଇଥିଲେ ତାହା ଦେଖାଯାଉ ନାହିଁ । ଉଏପନାର ମୁକ୍ତି ନିମନ୍ତେ ଲେଫ୍ଟେନେଣ୍ଟ ଜେନେରଲ ରଣ୍ଡେଲ ରେଡସବର୍ଗ ବାଟେ ଜେନେରଲ ବ୍ରାବନ୍ତ ଓ ହାର୍ଟ ଉକ୍ସଭଲ ଦେଇ ଯାଇଅଛନ୍ତି । ବୁଅରମାନେ ଇତସ୍ତତଃ ଭ୍ରମଣ କରୁଅଛନ୍ତି ଓ ଇଂରେଜ ସୈନ୍ୟର ଆଗମନ ପଥ ଅବରୋଧ ଚେଷ୍ଟାରେ ଅଛନ୍ତି । ଲର୍ଡ ରବର୍ଟସ୍ ସମ୍ବାଦ ଦେଇଅଛନ୍ତି ତା ୨୦ ରିଖ ଦିବସ ଜେନେରଲ ରଣ୍ଡେଲ ଡିୱେଟସଡର୍ପର ଦକ୍ଷିଣ ପଶ୍ଚିମ ଦିଗରେ ମା ୪ ଇଲ ଅନ୍ତରରେ ଶତ୍ରୁ ସହ ମିଳିତ ହୋଇଥିଲେ ଶତ୍ରୁମାନେ ଉଚ୍ଚସ୍ଥାନ ଅଧିକାର କରିଥିଲେ । ଜେନେରଲ ରଣ୍ଡେଲ ଅନ୍ୟ ଏକ ଉଚ୍ଚସ୍ଥାନରେ ଉପସ୍ଥିତ ହୋଇ ଶତ୍ରୁମାନଙ୍କୁ ସେମାନଙ୍କ ସ୍ଥାନରୁ ବିତାଡିତ କରିଥିଲେ । ଯିବାରେ ଏକ ଜଣ କର୍ଣ୍ଣେଲ୍ ଓ ନ ୯ ଜଣ ସୈନିକର ଆଘାତ ଘଟିଥିଲା । ତା ୨୧ ରିଖ ଦିବସ ଡିୱେଟସଡର୍ପଠାରୁ ସଙ୍ଗିନ ବନ୍ଧୁକ ଫାଏର ହୋଇଥିଲା । ବୁଅରମାନେ ସେଠାରେ ଏକତ୍ରିତ ହୋଇଥିଲେ । ତା ୨୨ ରିଖ ଦିବସ ଶତ୍ରୁସୈନ୍ୟମାନେ ଜେନେରଲ ରଣ୍ଡେଲଙ୍କ ଦକ୍ଷିଣପାର୍ଶ୍ୱରେ ଆକ୍ରମଣ କରିବାକୁ ପ୍ରସ୍ତୁତ ଥିଲେ ଏହା ଜଣା ପଡିବାରୁ ଇଂରେଜ ସୈନ୍ୟ ବୁଅରମାନଙ୍କୁ ବାହାର କରି ଦେଲେ । ବର୍ତ୍ତମାନ ଶତ୍ରୁମାନେ ଦକ୍ଷିଣ ଦିଗକୁ ଅଗ୍ରସର ହେଉଅଛନ୍ତି । ଉଏପନର ଏପର୍ଯ୍ୟନ୍ତ ପରିବେଷ୍ଟିତ ଅଛି । ଶତ୍ରୁମାନେ ଗୋଟାଏ ହଦ ଧରି ନେଇଅଛନ୍ତି ତଦ୍ୱାରା ଇଂରେଜ ସୈନ୍ୟଙ୍କୁ ଅନାହାରରେ ମାରିବାର ଉପକ୍ରମରେ ଅଛନ୍ତି । ବୁଅରମାନେ ଉଏପନର ଉପରେ ପ୍ରାୟ ଗୋ ୩୦୦ ଘ ବର୍ଷଣ କରିଥିଲେ କିନ୍ତୁ କର୍ଣ୍ଣେଲ ଡେଲଗେଟୀ ତାହା ହେବାରେ ଅପଟୁ ହୋଇ ନାହାନ୍ତି । ନିଜ ସୈନ୍ୟର ଅତି ସାମାନ୍ୟ କ୍ଷତି ହୋଇଅଛି ମାତ୍ର ଶତ୍ରୁପକ୍ଷର ଅଧିକ ନଷ୍ଟ ହୋଇଅଛି । ଜେନେରଲ ବ୍ରାବନ୍ତ ବୁସମ୍ୟାନିର ଦେଶରେ ତା ୨୨ ରିଖ ଦିବସ ଉପସ୍ଥିତ ହୋଇ ଶତ୍ରୁମାନଙ୍କ ସହିତ ଯୁଦ୍ଧ କରିଥିଲେ ।

ସମ୍ପ୍ରତି ମେଫକିଂ ଲର୍ଡ ମାଥୁନ ମେଫକିଂ ଉଦ୍ଧାର ନିମନ୍ତେ ଯାଇ ସ୍ପ୍ରିଙ୍ଗଫଣ୍ଟେନ୍‌ଠାରୁ ବୋଷଫକୁ ଫେରି ଆସିବା ସମୟରେ ସେମାନଙ୍କୁ ଦୁଇ ସହସ୍ର ବୁଅର ଆକ୍ରମଣ କଲେ । କିନ୍ତୁ ସେ ଏକ ପାହାଡରେ ଆଶ୍ରୟ ନେଇ ରକ୍ଷା ପାଇଲେ ତଥାପି କେତେକ କ୍ଷତି ହୋଇଅଛି ଓ ବୁଅରମାନେ କୋପଷ୍ଟର ୩୦୦ ଗଜ ଅନ୍ତରରେ ଅଗ୍ରସର ହୋଇଥିବାରୁ ଅନେକ ଅଶ୍ୱ ନଷ୍ଟ ହୋଇଅଛି । ଅନ୍ୟ ଆଡେ ଜେନେରଲ ବୁଲର ଏଲାଣ୍ଡସଲାଗଟେରେ ସସୈନ୍ୟରେ ଅବସ୍ଥାନ କରୁଥିଲେ । ଏତ ମଧ୍ୟରେ କାଫିର ଦୂତମାନେ ସମ୍ବାଦ ଦେଲେ ଯେ ବୁଅରମାନେ ତାଙ୍କୁ ଆକ୍ରମଣ କରିବାକୁ ଆସୁଅଛନ୍ତି କିନ୍ତୁ ସେ କର୍ଣ୍ଣପାତ କଲେ ନାହିଁ । ବାସ୍ତବିକରେ ବୁଅରମାନେ ଆସି ପଡିଲେ ଇଂରେଜ ସୈନ୍ୟ ସସବ୍ୟସ୍ତ ହୋଇ ଯୁଦ୍ଧାର୍ଥେ ପ୍ରସ୍ତୁତ ହେଲେ । ଉଭୟ ସୈନ୍ୟର ଯୁଦ୍ଧ ଲାଗିଲା ଏକ ସହସ୍ର ବୁଅ ସନ୍ଧ୍ୟାରେ ନଦୀର ପୋଲ ପାର ହୋଇ ଯେଉଁଠାରେ ଇଂରେଜଙ୍କ ପଦାତିକ ସୈନ୍ୟ ଥିଲେ ସେଠାକୁ ଅଗ୍ରସର ହୋଇଥିଲେ କିନ୍ତୁ ଅଶ୍ୱାରୋହୀ ପଦାତିକ ସୈନ୍ୟ ଦେଖି ପ୍ରତ୍ୟାଗମନ କଲେ; ପ୍ରତ୍ୟାଗମନ ସମୟରେ ଇଂରେଜ ରବର୍ଟ ଗୋଲାବୃଷ୍ଟି କରିଥିଲେ । ବୁଅରମାନେ ବର୍ତ୍ତମାନ ସେମାନଙ୍କର ସ୍ଥାନ ପରିତ୍ୟାଗ କରି ଯାଇଅଛନ୍ତି ।

---

## ପ୍ରତିନିଧି ନିର୍ବାଚନ ।

ବଙ୍ଗ ସାଧାରଣ ବିଭାଗର ଜିଲାବୋର୍ଡମାନଙ୍କର ପ୍ରତିନିଧି ସ୍ୱରୂପ ତାହିରପୁରର ମାନ୍ୟବର ରାଜା ଶଶିଶେଖରେଶ୍ୱର ରାୟ ବାହାଦୂର ବଙ୍ଗୀୟ ବ୍ୟବସ୍ଥାପକ ସଭାର ଜଣେ ସଦସ୍ୟ ନିଯୁକ୍ତ ହୋଇଅଛନ୍ତି । ଆସନ୍ତା ଜୁନ ମାସ ତା ୧୬ ରିଖରେ ତାହାଙ୍କର କାର୍ଯ୍ୟକାଳ ଶେଷ ହେବ । ସନ ୧୮୯୩ ସାଲର ଗବର୍ଣ୍ଣମେଣ୍ଟଙ୍କର ଆଦେଶ ମତେ ସେହି ପଦ ନିମନ୍ତେ ଏକଜଣ ମନୋନୀତ କରିବାର ପାଳି ଓଡିଶା ବିଭାଗର ଜିଲା ବୋର୍ଡଙ୍କର ପଡିଅଛି । ଅତଏବ ମାନ୍ୟବର ବଙ୍ଗେଶ୍ୱର ଆଦେଶ ଦେଉଅଛନ୍ତି ଯେ ଓଡିଶାର ନିମ୍ନଲିଖିତ ଜିଲା ବୋର୍ଡମାନେ ଏକଜଣ ଲେଖାଏଁ ପ୍ରତିନିଧି ପଠାଇବେ ଯେ ସେମାନେ ଏକଜଣ ସଦସ୍ୟ ବାଛି ଦେବେ । ଯଥା

| ନାମ ଜିଲାବୋର୍ଡ | ସାଧାରଣ ବାର୍ଷିକ ଆୟ |
|---|---|
| କଟକ | ଟ ୧,୧୪,୯୫୫ |
| ବାଲେଶ୍ୱର | ଟ ୭୧,୯୮୯ |
| ପୁରୀ | ଟ ୫୨,୭୦୨ |

ଅଙ୍କାନୁସାରେ କଟକର ଗୋଟିଏ ଏବଂ ଅପର ଦୁଇ ଜିଲା ବୋର୍ଡର ଗୋଟିଏ ଲେଖାଏଁ ଭୋଟ( ମତ ) ଦେବାର ଅଧିକାର ଅଛି ।

ବଙ୍ଗୀୟ କମିଶନର ସାହେବ ଉପରଲିଖିତ ଜିଲାବୋର୍ଡମାନଙ୍କୁ ପତ୍ର ଲେଖିବେ ଏବଂ ତାହା ପାଇଁ ପ୍ରତ୍ୟେକ ଜିଲାବୋର୍ଡ଼ ଗୋଟିଏ ଲେଖାଏଁ ବିଶେଷ ଅଧିବେଶନ କରି ଏକ ଜଣ ପ୍ରତିନିଧି ନିର୍ବାଚନ କରି କମିଶନର ସାହେବଙ୍କୁ ଜଣାଇବେ । ପ୍ରତିନିଧିମାନେ କମିଶନର ସାହେବଙ୍କ ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟରେ ଏକତ୍ରିତ ହୋଇ ଅଧିକାଂଶ ମତରେ ଯେଉଁ ବ୍ୟକ୍ତିଙ୍କୁ ନିର୍ବାଚନ କରିବେ ତାହାଙ୍କର ନାମ କମିଶନର ସାହେବଙ୍କୁ ଜଣାଇବେ ଓ କମିଶନର ମହୋଦୟ ଆପଣା ମନ୍ତବ୍ୟ ସହିତ ବଙ୍ଗାଳ ଗବର୍ଣ୍ଣମେଣ୍ଟର ସେକ୍ରେଟେରୀଙ୍କୁ ଲେଖି ପଠାଇବେ । କମିଶନର ସାହେବ ଜିଲା ବୋର୍ଡର ଚେଅରମାନଙ୍କୁ ଯେଉଁଦିନ ପତ୍ର ଲେଖିବେ ସେହିଦିନଠାରୁ ତିନିମାସ ମଧ୍ୟରେ ସଦସ୍ୟ ନିର୍ବାଚନ କରିବାକୁ ହେବ ଏବଂ ଯେ ସବୁ ଜିଲା ବୋର୍ଡଙ୍କୁ ଅଧିକାର ଦିଆଗଲା ସେ ସବୁ ଜିଲାର ସାଧାରଣ ବାସିନ୍ଦା ଛଡା ଅପର କେହି ନିର୍ବାଚିତ ହୋଇ ପାରିବ ନାହିଁ । ବ ୪ ର୍ଷ ତଳେ ଓଡିଶା ଓ ଛୋଟନାଗପୁରର ମ୍ୟୁନିସିପାଲିଟିମାନେ ଏକ ହୋଇ ଏ ନଗରର ବିଖ୍ୟାତ ବାବୁ ମଧୁସୂଦନ ଦାସଙ୍କୁ ନିର୍ବାଚନ କରିଥିଲେ । ବର୍ତ୍ତମାନ ପୁଣି ସୁଯୋଗ ଘଟିଅଛି । ଭରସା କରୁ ଜିଲାବୋର୍ଡମାନେ ସେହିପରି ସୁଯୋଗ୍ୟ ଲୋକ ନିର୍ବାଚନ କରି ଓଡିଶାର ଗୌରବ ବଢ଼ାଇବେ ।

ପୁଣି ବାବୁ ମଧୁସୂଦନ ଦାସ ଓଡିଶାର ପ୍ରତିନିଧି ସ୍ୱରୂପ ନିର୍ବାଚିତ ହେବାକୁ ଇଚ୍ଛାନ୍ତି ଓ ଏହି ମର୍ମରେ ଏକ ଖଣ୍ଡ ପତ୍ର ପ୍ରକାଶ କରିଅଛନ୍ତି । ଉକ୍ତ ପତ୍ରରେ ସେ ବ୍ୟବସ୍ଥାପକ ସଭାର ସଭ୍ୟ ପଦରେ ଥାଇ କି କି କାର୍ଯ୍ୟ କରିଥିଲେ ବର୍ଣ୍ଣନ କରିଅଛନ୍ତି । ଏ ପତ୍ର ଓଡିଶାର ଡିଷ୍ଟ୍ରିକ୍ଟବୋର୍ଡର ସଭ୍ୟମାନଙ୍କ ହସ୍ତଗତ ହୋଇଥିବ । ସୁତରାଂ ସମସ୍ତ ହାଲ ପ୍ରକାଶ କରିବା ପାଇଁ ଏ କ୍ଷୁଦ୍ର ପତ୍ରିକାରେ ସ୍ଥାନ ନାହିଁ ମାତ୍ର ତାଙ୍କର ଯାହା ଦାବି ତାହା ଜଣାଇଦେବା ଉଚିତ ଓ ସାଧାରଣ ମଧ୍ୟ ଥରେ ଦର୍ଶନ କରନ୍ତୁ ଓ ବୋର୍ଡର ସଭ୍ୟମାନେ ଅନ୍ୟ ପ୍ରାର୍ଥୀମାନଙ୍କ ଦାବି ସହିତ ତୁଳନା କରନ୍ତୁ ।

( ୧ ) ବାବୁ ମହୋଦୟ ଅନେକ ବର୍ଷ କଟକ ଡିଷ୍ଟ୍ରିକ୍ଟବୋର୍ଡର ଭାଇସ୍‌ଚେୟାରମାନ ଥିଲେ ମାତ୍ର ବାସ୍ତବିକରେ ସେହି ସମୟର ଚେୟାରମାନ ତାଙ୍କୁ ସମସ୍ତ କ୍ଷମତା ଅର୍ପଣ କରିବାରେ ସେ କଲେକ୍ଟରଙ୍କ ସମସ୍ତ

Digitized by srujanika@gmail.com

Split by PDF Splitter 132



କାର୍ଯ୍ୟ ଚଳାଉ ଥିଲେ ମଧ୍ୟ ଉକ୍ତ ବୋର୍ଡ଼ର କାର୍ଯ୍ୟ ପରିଦର୍ଶନ ନିମନ୍ତେ ଭିନ୍ନ ଜିଲ୍ଲାରେ ମୋଫସଲ ଭ୍ରମଣ କରୁଥିଲେ । ଓ ଲିଖିତ ସ୍ଥଳରେ ଅନେକ ଥର କଟକର ସ୍ଥାୟୀ ବୋର୍ଡ଼ର ବୈଠକମାନ ମଧ୍ୟ ଥିଲେ ।

(୨) ସନ ୧୮୯୬ ଓ ୧୮୯୭ ସାଲରେ ବ୍ୟବସ୍ଥାପକ ସଭାର ସଭ୍ୟ ଥିବା ସମୟରେ ଓଡ଼ିଶା-ର ଅନେକ ହିତକର କାର୍ଯ୍ୟ କରିଥିଲେ । ତାଙ୍କର ଉଦ୍ୟମରେ ଜଣେ ଓଡ଼ିଶାର ମୁସଲମାନ ଉପାଧି-ଧାରୀ ଅଧସ୍ତନ ଇଞ୍ଜିନିୟରିଙ୍ଗ ସର୍ବିସରେ ନିଯୁକ୍ତ ହୋଇଥିଲେ, ଜଣେ ଓଡ଼ିଶାବାସୀ ମୁନସଫ ହୋଇଥିଲେ ଓ ସେ ଓଡ଼ିଶା ବନ୍ଦୋବସ୍ତ ସମ୍ବନ୍ଧରେ ନାନାବିଧ ବିଷୟରେ ପରାମର୍ଶ ଦେଇଥିଲେ ଓ ଅନ୍ତର ନାନାବିଧ ଅଭାବ ପ୍ରଭୃତି ସଭାର ଗୋଚରରେ ଆଣାଇଥିଲେ । ସଭାରେ ଦୁଇବର୍ଷ କାର୍ଯ୍ୟ କରି ପ୍ରବୀଣତା ଲାଭ କରିଗଲେ ।

(୩) ଓଡ଼ିଶାରେ ଥାଇଁ ଦେଶର ଅନେକ ମଙ୍ଗଳକର କାର୍ଯ୍ୟ କରୁଅଛନ୍ତି ।

(୪) ଇଉରୋପ ପରିଭ୍ରମଣଦ୍ୱାରା ଅନ୍ୟାନ୍ୟ ଦେଶର ସ୍ୱାଧୀନ ସଭାର ଜ୍ଞାନଲାଭ କରିଅଛନ୍ତି ।

(୫) ପରିଶେଷରେ ସେ ଜଣେ ଓଡ଼ିଶାବାସୀ ଅଟନ୍ତି ।

ବାବୁ ମହୋଦୟ ଉଡ଼ିଶାଙ୍କୁ ଯାଇଥିଲେ; ସେ ପ୍ରାର୍ଥୀ ନ ଥିବାର କେତେକ ମିଥ୍ୟା ରଟନା କରିଥିବାରୁ ଉପରୋକ୍ତ ପଦ ପ୍ରକାଶ କରି ଜନ ସାଧା ଦେଖାଇଅଛନ୍ତି ।

ଶୁଣାଯାଉଅଛି ଯେ କଟକରୁ ସରକାରୀ ଓକିଲ ରାୟ ହରିବଲ୍ଲଭ ବୋଷ ବାହାଦୁର ଜଣେ ପ୍ରାର୍ଥୀ ଅଟନ୍ତି । ତାଙ୍କ ପକ୍ଷରୁ କୌଣସି ଲିପି ଅଦ୍ୟାପି ପ୍ରକାଶିତ ହୋଇ ନାହିଁ । ତଥାପି ସେ ସମସ୍ତଙ୍କ ପରିଚିତ ।

ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ମଧ୍ୟ ଜଣେ ପ୍ରାର୍ଥୀ ଅଟନ୍ତି । ରାଜା ବାହାଦୁର ୧୮୮୪ ସାଲରେ ବ୍ୟବସ୍ଥାପକ ସଭାର ସଭ୍ୟ ପଦରେ ତତ୍କାଳୀନ ଲେପ୍ଟେନାଣ୍ଟ ବାହାଦୁର ସାର ରିଭର୍ସ ଥମସନଙ୍କଦ୍ୱାରା ମନୋନୀତ ହୋଇଥିଲେ ।

ଅମ୍ଭେମାନେ ଆଶା କରୁଁ ଡିଷ୍ଟ୍ରିକ୍ଟବୋର୍ଡ଼ର ସଭ୍ୟମାନେ ନିରପେକ୍ଷ ଭାବରେ ସୁଯୋଗ୍ୟ ସଭ୍ୟ ନିଯୁକ୍ତ କରିବାଦ୍ୱାରା ଓଡ଼ିଶାର ଗୌରବ ବଢ଼ାଇବେ ।

---

ପୁରସ୍କାର ବିତରଣ ।

ଗତ ପୂର୍ବ ଶୁକ୍ରବାର ଅପରାହ୍ଣ ସାଢ଼େ ୪ ଘଣ୍ଟା ସମୟରେ ରେଭେନସା କଲେଜିଏଟ୍ ସ୍କୁଲର ପୁରସ୍କାର ବିତରଣ ଆରମ୍ଭ ହୋଇଥିଲା । ନବାଗତ ନିଯୁକ୍ତ ବଙ୍ଗୀୟ କମିଶନର ମିଃ ଡବ୍ଲୁସ ସଭାପତିର ଆସନ ଗ୍ରହଣ କରି ପୁସ୍ତକ ବିତରଣ କରିଥିଲେ । କଲେଜର ପ୍ରିନ୍ସିପାଲ ବାବୁ ଶ୍ୟାମକୃଷ୍ଣ ମଜୁମଦାର ବାର୍ଷିକ ରିପୋର୍ଟ ପାଠ କରିଥିଲେ । ସେଥିର ସାରାଂଶ ନିମ୍ନେ ପ୍ରଦତ୍ତ ହେଲା ।

ସନ ୧୮୯୮ ସାଲରେ କଲେଜବିଭାଗର ଛାତ୍ର ସଂଖ୍ୟା ୬୯ ଥିଲା ୧୮୯୯ ସାଲରେ ୮୪ ହୋଇଥିଲା ଗତ ସନର ମାର୍ଚ୍ଚମାସର ଶେଷ-ପର୍ଯ୍ୟନ୍ତ ୯୯ ହୋଇଥିଲା । ପାଞ୍ଚବର୍ଷ ମଧ୍ୟରେ ଛାତ୍ରସଂଖ୍ୟା ଶତକଡ଼ା ୭୦ଣ ବୃଦ୍ଧି ପାଇଅଛି । ଦୈନିକ ଉପସ୍ଥିତ ପୂର୍ବାପେକ୍ଷା ଉତ୍ତମ ହୋଇଅଛି ।

ପରୀକ୍ଷାର ଫଳ ଯଥା ସମୟରେ ପାଠକମାନଙ୍କୁ ଜଣା ଯାଇଅଛି ସୁତରାଂ ଆଉ ଉଲ୍ଲେଖ କରିବାର ଆବଶ୍ୟକ ନ ରହିଲା ।

ପରୀକ୍ଷାର ଫଳ ଅନ୍ୟାନ୍ୟ କଲେଜର ଫଳ ଅନୁପାତରେ ପ୍ରବେଶିକା ପରୀକ୍ଷାରେ କଲେଜିଏଟ୍ ସ୍କୁଲ ୩ୟ ସ୍ଥାନ ଅଧିକାର କରିଅଛି । କେବଳ ଢାକା, ହୁଗ୍ଲି ଓ ପାଟଣା କଲେଜ ୧ମ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ ।

ଏଲ ଏ ପରୀକ୍ଷାରେ ୫ମ ସ୍ଥାନ ଓ ବି, ଏ, ପରୀକ୍ଷାରେ ୩ୟ ସ୍ଥାନ ଅଧିକାର କରିଥିଲେ ।

ଏମ୍ ଏ ପରୀକ୍ଷାରେ ୩ ଜଣ ପରୀକ୍ଷା ପ୍ରଦାନ କରିଥିଲେ କିନ୍ତୁ କେହି ଉତ୍ତୀର୍ଣ୍ଣତା ଲାଭ କରିପାରିଲେ ନାହିଁ ।

ବିଏଲ ପରୀକ୍ଷାରେ ଗତ ତିନିବର୍ଷ କେହି କୃତକାର୍ଯ୍ୟ ହୋଇପାରି ନାହାନ୍ତି । ଏଥିରୁ ଜଣାପଡ଼ୁଅଛି ଏହି ଯେ ପରୀକ୍ଷାର୍ଥୀ ଯୁବକମାନେ କଲେଜ ଶିକ୍ଷା ପ୍ରାପ୍ତ ହେଉଥିଲେ ସେମାନଙ୍କୁ ଘରେ ଶିକ୍ଷା କରିବା ନିମନ୍ତେ ଛାଡ଼ି ଦିଆଯାଏ । ଏଣିକି ସାପ୍ତାହିକ, ପାକ୍ଷିକ, ମାସିକ, ବାର୍ଷିକ ପରୀକ୍ଷା ନିଆଯିବ । ବର୍ତ୍ତମାନ ଓଡ଼ିଶାର ଏପରି ଅବସ୍ଥା ନାହିଁ ଯେ ଓଡ଼ିଶାର ଶିକ୍ଷିତ ସନ୍ତାନମାନେ ସ୍ୱ ଇଚ୍ଛାନୁସାରେ ପରିଶ୍ରମ କରି ଶିକ୍ଷା ଲାଭ କରିବେ ।

କ୍ରୀଡ଼ାସମ୍ବନ୍ଧରେ ଲେଖା ଥିଲା ଯେ କ୍ରୀଡ଼ା ସ୍ଥାନ ଓଡ଼ିଶା କମିଶନରଙ୍କ କଟେଜ ନିମନ୍ତେ ଗ୍ରହଣ କରା ହୋଇଅଛି ମାତ୍ର ଭୂତପୂର୍ବ କମିଶନର ମିଃ ମାକ୍ଫର୍ସନ ଏଲବାର୍ଟ ହଲର ପଶ୍ଚାଦ୍ ଦେଶ କ୍ରୀଡ଼ାସ୍ଥାନପାଇଁ ଛାଡ଼ିଦେବାକୁ କହିଥିଲେ କିନ୍ତୁ ଏହା କାର୍ଯ୍ୟରେ ପରିଣତ ହେବା ପୂର୍ବରୁ ସାହେବ ମହୋଦୟ ସ୍ଥାନାନ୍ତରିତ ହୋଇଥିଲେ । ସୁତରାଂ ଏଥିର ଭାର କଲେକ୍ଟର ସାହେବଙ୍କୁ ଅର୍ପିତ କରା ହୋଇଅଛି ।

ହୋଷ୍ଟେଲ ଅବା ବୋର୍ଡିଂ ଘର ଅବା ଛାତ୍ରାବାସ ସନ ୧୮୯୬।୯୭ ସାଲରେ ୨୭ ଜଣ ଛାତ୍ର ବାସ କରୁଥିଲେ । ସନ ୧୮୯୮।୯୯ ରେ ଛାତ୍ରସଂଖ୍ୟା ୩୮ ଣ ହୋଇଥିଲା ଓ ବର୍ଷର ଅନ୍ୟାନ୍ୟ ସମୟରେ ଛାତ୍ରସଂଖ୍ୟା ୪୦ ଠାରୁ ୫୦ ପର୍ଯ୍ୟନ୍ତ ହୋଇଥିଲା । ବର୍ତ୍ତମାନ ଛାତ୍ରାବାସର କାର୍ଯ୍ୟ ଚଳାଇବାର ସୁବନ୍ଦୋବସ୍ତ ହୋଇଅଛି । ଜଣେ ବାହିରା ସୁପରିଣ୍ଟେଣ୍ଡେଣ୍ଟ ଓ ଏକଜଣ ଆସିଷ୍ଟାଣ୍ଟ ସର୍ଜନ ନିଯୁକ୍ତ ହୋଇଅଛନ୍ତି । ଏଣିକି ଅଧିକ ଛାତ୍ର ହେବାର ସମ୍ଭାବନା ଛାତ୍ରାବାସର କାର୍ଯ୍ୟ ପରିଦର୍ଶନ ନିମନ୍ତେ ଏକ କମିଟି ସ୍ଥାପିତ ହୋଇଅଛି ସେଥିର ସଭାପତି ସ୍ୱୟଂ ମାଜିଷ୍ଟ୍ରେଟ ।

ନୀତିଶିକ୍ଷା । ଏତଦ୍‌ପକ୍ଷରେ ସୁଦ୍ଧା ଥିଲା ମାତ୍ର ଦୁଇ ଗୋଟି ଦୁର୍ଘଟନା ଉପସ୍ଥିତ ହୋଇଥିଲା । ଗୋଟିଏ ମର୍ଦ୍ଦନ ସ୍କୁଲରେ ଓ ଅନ୍ୟଟି କଲେଜିଏଟ ସ୍କୁଲରେ ଯୋଗିନାଙ୍କ ପ୍ରତି ଅର୍ଥଦଣ୍ଡ, ଜାଲି ଓ ତାଡ଼ନ ଦଣ୍ଡ ପ୍ରଦତ୍ତ ହୋଇଥିଲା । ସେମାନେ ବଡ଼ ଦୁର୍ଦ୍ଦାନ୍ତ ଛାତ୍ର, ସେମାନେ କଟକବାସୀ ବଙ୍ଗାଳ ଭଦ୍ରଲୋକଙ୍କ ପୁତ୍ର ଅବା ସମ୍ପର୍କୀୟ ଅଟନ୍ତି । ଓଡ଼ିଆ ଛାତ୍ରମାନେ ସୁଶୀଳ ଓ ଶାନ୍ତ ଅଟନ୍ତି । ଏହି ବଙ୍ଗାଳି ଛାତ୍ରମାନେ ବର୍ତ୍ତମାନ ମଧ୍ୟ କଲେଜ କମ୍ପାଉଣ୍ଡ ମଧ୍ୟରେ ଆସି ଗୋଳମାଳ କରୁଅଛନ୍ତି । ସେମାନଙ୍କୁ ପୋଲିସ ହାତରେ ଦଣ୍ଡ ଦେବା ନିମନ୍ତେ ପୁଲିସ ସୁପ୍ରିଣ୍ଟଙ୍କୁ ଲେଖା ହୋଇଅଛି । ଏମାନେ ବଙ୍ଗଳାର ଦୁର୍ଦ୍ଦାନ୍ତ ଛାତ୍ରଙ୍କ ସ୍ୱଭାବ ଅନୁକରଣ କରୁଅଛନ୍ତି । ଏହା ପ୍ରଥମାବସ୍ଥାରୁ ନଷ୍ଟ କରିବା ଉଚିତ ହେଉଅଛି ।

ପୁରସ୍କାରଦାତା — (୧) ବଙ୍ଗୀୟ ଲେପ୍ଟେଣ୍ଟ ବାହାଦୁର କେବଳ ଓଡ଼ିଆ ଛାତ୍ରମାନଙ୍କୁ ପୁରସ୍କାର ପୁସ୍ତକ ପ୍ରଦାନ ନିମନ୍ତେ ଟ ୧୦୦ ଙ୍କା ମଞ୍ଜୁର କରିଥିଲେ । ଏହା କେବଳ ଓଡ଼ିଆ ଛାତ୍ରମାନଙ୍କୁ ଦିଆ ହୋଇଅଛି ।

(୨) ମିଃ ମଧୁସୂଦନ ଦାସ ବୃତ୍ତି ପାଇଁ ଟ ୨୪୦ ଟଙ୍କା ଓ ଇଂରାଜୀ ରଚନା ନିମନ୍ତେ ଦୁଇଗୋଟା ରୌପ୍ୟ ପଦକ ଦେଇଥିଲେ ।

(୩) ରାଜା ଯଜ୍ଞେଶ୍ୱର ସିଂହ ବାହାଦୁର ଉତ୍ତରବର୍ତ୍ତୀ ପ୍ରାଇଜ ବୋଲି ଟ ୫୦୦ ଙ୍କା ଦେଇଥିଲେ ଓ ପେଜ୍ଜର ପ୍ରାଇଜ ଓ ଲ୍ଲାଉସ ପ୍ରାଇଜ ଦେଇଥିଲେ ମଧ୍ୟ ଅନ୍ତର ନାନାବିଧ ବହୁ ପୁରସ୍କାର ଦେଇଥିଲେ ଏହାଙ୍କର ପୁରସ୍କାର ପୁସ୍ତକ ୫୦ ରୁ ୭୦ ପର୍ଯ୍ୟନ୍ତ ହେବ ।

Digitized by srujanika@gmail.com

Split by PDF Splitter



କୋଷ୍ଟାଠାରେ ଗୁଡ଼େଙ୍କ ଗବର୍ଣ୍ଣର ନିର୍ଜ ସାଣ୍ଡହର୍ଷ୍ଟଙ୍କ ପ୍ରତିମୂର୍ତ୍ତି ଗଠନ ନିମନ୍ତେ ପ୍ରାୟ ୫ ୬୧୦୦ ଟଙ୍କା ଉଠିଅଛି ସମ୍ବାଦ ମିଳଇ । ପ୍ରତିମୂର୍ତ୍ତି ନିର୍ମାଣ ପରେ ଯାହା ବଳିବ ତାହା ଲର୍ଡ ମହୋଦୟଙ୍କ ନାମ ସ୍ମରଣାର୍ଥ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟୟିତ ହେବ ।

କଲିକତାରେ ଜଣେ କସାଇ ଗୋଟିଏ ଗାଈକୁ ମଉକରେ ନେଇ ଯାଉଥିବା ସମୟରେ ଜଣେ ହିନ୍ଦୁ ସେ ଗାଈକି ଛଡ଼ାଇ ନେଇ ପଳାଇଯିବାରୁ କସାଇ ତାହା ନାମରେ ଫଉଜଦାରୀରେ ନାଲିସ କଲା । ବିଚାର ସମୟରେ ଅସାମୀ ତାହାର କାର୍ଯ୍ୟ ଧର୍ମ ସଙ୍ଗତ ଥିବା ମର୍ମରେ ଜବାବ ଦେଲା । ବିଚାରପତି ତାହାକୁ ୫ ୨୦ ଟଙ୍କା ଅର୍ଥଦଣ୍ଡ ଦେଇଅଛନ୍ତି ।

ପଟୋରିଆ ନ ଅ ଏ ହିନ୍ଦୁ ଭଦ୍ରଲୋକ ବଡ଼ ପୂଜା ଉତ୍ସବ ଦେଖିବା ଅପେକ୍ଷାରେ ମାସ ମାସ କାଳ ଅପେକ୍ଷା କରୁଥିବାର ସମ୍ବାଦ ମିଳଇ । ଅସାମିମାନେ କଲିକତାର ସମ୍ଭ୍ରାନ୍ତ ଲୋକ ଏବ ଜନ୍ମ ଥିବା ହେତୁ ତାଙ୍କ ଅଭିଯୋଗ ଶୀଘ୍ର ଅଛି କଲ୍ୟ ଏ କାର୍ଯ୍ୟ ଉଠାଇଲେ ।

ଟ୍ରାନ୍ସଭାଲ ଯୁଦ୍ଧ ଅବଶ୍ୟ ଶେଷ ହୋଇ ନାହିଁ । ଶୀଘ୍ର ହେଉ ବା ବିଳମ୍ବ ହେଉ ଯୁଦ୍ଧ ଶେଷ ହେବ ଏବ ତାହା ହେଲେ ଖଣ୍ଡପ୍ରବଳ ଦାୟର କଥା ପଡ଼ିବ । ସନ ୧୮୭୮ ମସିହାରେ ତୁରସ୍କ ସଙ୍ଗେ ରୁଷିଆ ଯୁଦ୍ଧ କରି ଜୟଲାଭ କଲା ପରେ ଦଶଟି କୋଟି ରୁବଲ ମୁଦ୍ରା ଖଣ୍ଡପ୍ରବଳ ଦାବି କରିଥିଲେ ଏବ ତାହା ଅଦ୍ୟାପି ସମ୍ପୂର୍ଣ୍ଣରୂପେ ଅଦାୟ ହୋଇ ନାହିଁ । ଫରାସୀମାନେ ସନ ୧୮୭୧ ମସିହାରେ ଜର୍ମ୍ମାନ ଜର୍ମ୍ମିନ ସଙ୍ଗେ ହେଲାରୁ ଦଶକୋଟି ପାଉଣ୍ଡ ଖଣ୍ଡପ୍ରବଳ ଦେଇଥିଲେ । ଚୀନ ସଙ୍ଗେ ଜାପାନ ଯୁଦ୍ଧ କରି ଜୟ ଲାଭ କଲା ପରେ ଦେଢ଼କୋଟି ପାଉଣ୍ଡ ଏବ ତିନିକୋଟି ପାଉଣ୍ଡ ଦାବି କରିଥିଲେ । ଫରମୋସା ଦ୍ୱୀପ ମଧ୍ୟ ନେଇ ଯାଇଥିଲା । ଟ୍ରାନ୍ସଭାଲ ଯୁଦ୍ଧ ଶେଷ ହେଲେ ଇଂରେଜ ଯେ ବହୁତ ଟଙ୍କା ଓ ଜମି ଦାବି କରିବାକୁ ପଡ଼ିଅଛି ସେଥିପାଇଁ ଟ୍ରାନ୍ସଭାଲବାସୀମାନଙ୍କଠାରୁ ଇଂରେଜ କି ଖଣ୍ଡପ୍ରବଳ ଦାବି କରିବେ ଦେଖାଯିବ ।

ଏମେରିକାର ଶାନ୍ତିମାନଙ୍କ ରୁଷିଆର ସୁଲତାନ ଖଣ୍ଡପ୍ରବଳ ଦେଇ ନ ପାରିବା ହେତୁ ଉକ୍ତ ଉଭୟ ରାଜ୍ୟ ମଧ୍ୟରେ ଗୋଳମାଳ ଉପସ୍ଥିତ ହୋଇଅଛି । ପରିଣାମ ଅନ୍ତରେ ଦେଖାଯିବ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

## ପୂର୍ବ ପ୍ରକାଶିତ ଉତ୍ତାରୁ ।

୪ । ୰ବ୍ରଜାନନ୍ଦ ଦାସ ସେହି ସଭାରେ ରେମୁଣା ଗ୍ରାମସ୍ଥ କାୟସ୍ଥମାନଙ୍କୁ ଅପମାନ ଦେବା ମାନସରେ ସନ ୧୮୬୫ ଖ୍ରୀଷ୍ଟାବ୍ଦରେ ଏକ ସମାଜ ଉତ୍ପନ୍ନ କରିଥିଲେ । ତହିଁରେ ରେମୁଣା ଗ୍ରାମର କାୟସ୍ଥ ଛଡ଼ା ବାଲେଶ୍ୱର ଜିଲ୍ଲାର ଉତ୍ତରାଂଶ ଓ ମେଦନୀପୁର ଜିଲ୍ଲାର ଦକ୍ଷିଣାଂଶର ସମସ୍ତ ବର୍ଦ୍ଧିଷ୍ଣୁ କାୟସ୍ଥମାନଙ୍କୁ ଅହ୍ୱାନ କରିବାରେ ସେମାନେ ମିଶଙ୍କ ପକ୍ଷରୁ ଅମାନନା କରି ଉପସ୍ଥିତ ହୋଇ ବ୍ରଜାନନ୍ଦ ଦାସଙ୍କ ଗୃହରେ ଭୋଜନ କରିଥିଲେ । ଏଥିରେ ଲକ୍ଷ୍ମୀକାନ୍ତ ମିଶ୍ର ଅନେକ ପ୍ରକାର ବାଧା ବିଘ୍ନ ଘଟାଇଥିଲେ କିନ୍ତୁ କୃତକାର୍ଯ୍ୟ ହୋଇ ପାରିଲେ ନାହିଁ । ଏହି ସମାଜ ଉତ୍ସବ ରେ କାୟସ୍ଥକୁଳ ଚୂଡ଼ାମଣି ଲକ୍ଷ୍ମଣନାଥର ସର୍ବ୍ବାତ ଜମିଦାର ୰ଶିବନାରାୟଣ ରାୟ ମହାଶୟ ମହୋଦୟ ସ୍ୱୟଂ ଉପସ୍ଥିତ ଥାଇ ସଭାପତିର ଆସନ ଗ୍ରହଣ କରିଥିଲେ । ଏ ଛଡ଼ା ଟେଲଗୋଦା ଓ ଦେନ୍ତୁଉ଼ବାର ମହାଶୟମାନେ ଓ କାୟସ୍ଥ ଅଦମ ପ୍ରାୟ ପାଞ୍ଚହଜାର ଲୋକ ଉପସ୍ଥିତ ହୋଇଥିଲେ ଏମାନଙ୍କୁ ପାଞ୍ଚହଜାରଙ୍କୁ ରକ୍ଷି ଯଥାବିଧି ସମ୍ମାନ ସହିତ ବିଦାୟ କରିଥିଲେ ।

୫ । ମିଶ୍ର ମହାଶୟ ଉକ୍ତ କାର୍ଯ୍ୟରେ ପରାସ୍ତ ହୋଇ କାଉପୁର ଓ କେଦାରପୁର ମହାଶୟମାନଙ୍କୁ ଉତ୍ତେଜିତ କରିଥିଲେ; ସେମାନଙ୍କ ନିକଟରେ ଏହିପରି ବ୍ୟାଖ୍ୟା କରିଥିଲେ, ବ୍ରଜାନନ୍ଦ ଦାସ ଉତ୍କଳବାସି କାୟସ୍ଥମାନଙ୍କୁ ଘୃଣା କରନ୍ତି ଏବ ସମାଜ ଉତ୍ସବ ରେ ଆପଣମାନଙ୍କୁ ଅହ୍ୱାନ କଲେ ନାହିଁ ବା ଆପଣଙ୍କର ଜାତୀୟ ପଦ ମର୍ଯ୍ୟାଦା ପ୍ରଦାନ କଲେ ନାହିଁ । ଅଧିକ ମଧ୍ୟ ବାଲେଶ୍ୱର ଜିଲ୍ଲାର ଦକ୍ଷିଣ ବିଭାଗସ୍ଥ କାୟସ୍ଥମାନଙ୍କୁ ସମାଜ ଉତ୍ସବ ରେ ନିମନ୍ତ୍ରଣ କଲେ ନାହିଁ । କଣ୍ଟେଶ୍ୱର ଲକ୍ଷ୍ମଣନାଥର ମହାଶୟ ପ୍ରଭୃତି କାୟସ୍ଥ ମହୋଦୟଗଣ ଆପଣମାନଙ୍କର ଅନୁମତି ନ ନେଇ ବ୍ରଜାନନ୍ଦ ଦାସଙ୍କ ଘରେ ଆମନ୍ତ୍ରଣ ଗ୍ରହଣ କରିଥିବାରୁ ସେମାନଙ୍କ ସହିତ ଅନ୍ନ ଆଦାନ ପ୍ରଦାନ କରିବା ଉଚିତ ନୁହେଁ ବୋଲି ମହାଶୟଗଣ ଉପଦେଶ କାରଣରୁ ପରାନ୍ମୁଖ ହୋଇ ବ୍ରଜାନନ୍ଦୀୟ ପକ୍ଷ କାୟସ୍ଥମାନଙ୍କୁ “ବ୍ରଜାନନ୍ଦୀ ଦଳ” ବୋଲି ଆଖ୍ୟା ଦେଇ ଅଦ୍ୟାବଧି ପର୍ଯ୍ୟନ୍ତ ଏହି ଉଭୟ ପକ୍ଷ ମଧ୍ୟରେ ଅଦାନ ପ୍ରଦାନ ଏକକାଳୀନ ବନ୍ଦ ଥିଲା ।

୬ । ଉକ୍ତ ୰ବ୍ରଜାନନ୍ଦ ଦାସ ଓ ୰ଲକ୍ଷ୍ମୀକାନ୍ତ ମିଶ୍ରଙ୍କର ମୃତ୍ୟୁ ପରେ ଏହି ଉଭୟ ଦଳ ମଧ୍ୟରେ ବର୍ତ୍ତମାନ ପୁଣି ଅଦାନପ୍ରଦାନ ଓ ଭୋଜନ ବ୍ୟବହାର ଚଳୁଅଛି । କିନ୍ତୁ ରେମୁଣା ବାସି କାୟସ୍ଥମାନେ ଅଦ୍ୟ ପର୍ଯ୍ୟନ୍ତ ବ୍ରଜାନନ୍ଦ ଦାସଙ୍କ ଘରେ କୁଟୁମ୍ବିତା କରି ନାହାନ୍ତି । ଯେଉଁମାନେ କୁଟୁମ୍ବିତା କରିଅଛନ୍ତି ତାଙ୍କ ସହିତ କୁଟୁମ୍ବିତା କରୁଅଛନ୍ତି । ଅର୍ଥାତ୍ ବାଲେଶ୍ୱର ଜିଲ୍ଲାର ଉତ୍ତରାଂଶର ଯେଉଁ କାୟସ୍ଥମାନେ ବ୍ରଜାନନ୍ଦ ଦାସଙ୍କ ଘରେ ଭୋଜନାଦି କରିଥିଲେ ତ ବର୍ତ୍ତମାନ ପୁଣି କୁଟୁମ୍ବିତା କରୁଅଛନ୍ତି ସେମାନଙ୍କ ସହିତ ରେମୁଣା ବାସିମାନେ ଓ ବାଲେଶ୍ୱର ଜିଲ୍ଲାର ଦକ୍ଷିଣାଂଶର କାୟସ୍ଥମାନେ ବର୍ତ୍ତମାନ ପୁଣି ଅଦାନ ପ୍ରଦାନ କରୁଅଛନ୍ତି । ସେ ସମସ୍ତଙ୍କର ପରିଚୟ ଦେଇ ସବିଶେଷ ଲେଖିବାରୁ ଗଲେ ଏହି ପତ୍ରିକାରେ ଏକକାଳୀନ ପର୍ଯ୍ୟନ୍ତ ଲେଖିଲେ ସ୍ଥାନ ସ୍ଥାନର ଅକୁଳାନ ହେବ । ଏ ହେତୁ ସେ ସମସ୍ତ ପରିତ୍ୟାଗ କରି ଦୁଇଗୋଟି ମହତ୍ ଘଟନାର ଉଲ୍ଲେଖ ନିମ୍ନରେ କରୁଅଛୁଁ ତହିଁରୁ ବାବୁ ଦୁର୍ଗାଚରଣ ରାୟଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଏକକାଳୀନ ପାଇବେ ଏବ ଓଡ଼ିଶାବାସି କାୟସ୍ଥ ମହୋଦୟଗଣ ଯେଉଁମାନେ ବ୍ରଜାନନ୍ଦର ସବିଶେଷ ବିବରଣ ଅବଗତ ନାହାନ୍ତି ସେମାନଙ୍କର ମଧ୍ୟ ମନର ସଂଶୟ ଛେଦନ ହେବ ।

କ୍ରମଶଃ

୨୨।୪।୧୯୦୦ } ବଶମ୍ବଦ
ଗ୍ରାମ } ଶ୍ରୀ ଦୁର୍ଗାଚରଣ ଦାସ ଘୋଷ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ବଶ୍ୱନାଥ ଚୂଡ଼ାମଣି ନାଟ୍ୟଶାଳା | | [illegible] |
| „ ଲୋକନାଥ ସିଂହ | ଦୁଲ୍ଲଭି | [illegible] |
| „ ଗୋବିନ୍ଦଚନ୍ଦ୍ର ମହାପାତ୍ର | କମ୍ପରଗଡ଼ | [illegible] |
| ମାନେଜର । କ । ଲେଭାନାଲ | | [illegible] |
| ପଣ୍ଡିତ କୃଷ୍ଣବାସ ଶତପଥି | କେନ୍ଦୁପୁର | [illegible] |
| ସ୍କୁଲ । ବ । ପଞ୍ଚଷ | | [illegible] |

## ବିଜ୍ଞାପନ ।

## ADVERTISEMENT.

Wanted a Gymnastic and Drill Teacher for the Baripada High English School, Mourbhanj. He must have passed the Entrance Examination and will have to teach the last class and to do clerical duties.

The salary of the post is Rs. 15 a month.

Baripada has a healthy climate and is 30 miles from the Baripada Road Station Bengal Nagpur Railway.

Applications will be received up to 31st May 1900.

Baripada, } N. D Chackerbutty.
21—4—1900. } Offg. Supdt. of F. T. Mourbhanj.

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ।

ଶ୍ରୀଯୁକ୍ତ ଦର୍ପଣି ରଜାଙ୍କ ପକ୍ଷରୁ ଦର୍ପଣି ବନ୍ଦୋବସ୍ତ କାର୍ଯ୍ୟ ଚଲାଇବା ପାଇଁ ଜଣେ ଅଭିଜ୍ଞ କର୍ମଚାରୀ ମାହିନା ଟ ୨୦ ଟଙ୍କା ବେତନରେ ଆବଶ୍ୟକ। ଭଲକାର୍ଯ୍ୟ କଲେ କିଲ୍ଲାରେ ସ୍ଥାୟୀକାର୍ଯ୍ୟ ପାଇବାର ସମ୍ପୂର୍ଣ୍ଣ ସମ୍ଭବ। ପ୍ରଶଂସା ପତ୍ର ସହ ନିମ୍ନ ସ୍ୱାକ୍ଷରକାରଙ୍କ ପାଖକୁ ମେ ମାସ ୮ ତାରିଖ ମଧ୍ୟରେ ଆବେଦନପତ୍ର ପଠାଇବାକୁ ହେବ। ପ୍ରକାଶ ଥାଉ କି ଓଡ଼ିଶା ବନ୍ଦୋବସ୍ତରେ କାର୍ଯ୍ୟ କରିଥିବା ଲୋକ ଗ୍ରହଣ କରାଯିବ।

୨୫ । ୪ । ୧୯୦୦ } କୃଷ୍ଣଚନ୍ଦ୍ର ନନ୍ଦ
ଏଃ ମାନେଜର
ଦର୍ପଣି।

## NOTICE

Is hereby given that, thoroughly experienced man is wanted for Durpun Estate on Rs. 20 per mensem to conduct Settlement works on behalf of the proprietor of the Killah. He should produce testimonials from proper authorities about his honesty and sincerity. Preference will be given to one, who worked in the Orissa Settlement. Applications will be received by the undersigned till 8th May. In case the officer works hard and sincerely looks to the interests of the estate, he will have every possible chance of being provided with a suitable appointment in connection with this Killah after the Settlement is over.

Krishna Ch. Nanda
Asstt. Manager
Killah Durpun.
25-4-1900.

### ବିଜ୍ଞାପନ।

ଅନୁଗୁଳ ଜିଲାର ପୁଲିସ ବିଭାଗ ସକାଶେ ଇଂରାଜୀ ଜାଣିଥିବା ଦୁଇଜଣ ଚତୁର୍ଥ ଶ୍ରେଣୀର ହେଡ଼ କନଷ୍ଟେବଲ ନିଯୁକ୍ତ ହେବାର ଆବଶ୍ୟକ। ଓଡ଼ିଆ ଭାଷାର ସମ୍ପୂର୍ଣ୍ଣ ବ୍ୟୁତ୍ପତ୍ତି ଥିବାର ପ୍ରୟୋଜନୀୟ ଅଟଇ। କଲିକତା ବିଶ୍ୱବିଦ୍ୟାଳୟର ଏଣ୍ଟ୍ରାନ୍ସ ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିମାନଙ୍କୁ ଏବଂ ଓଡ଼ିଶା ପ୍ରଦେଶର କୌଣସି ଜିଲାର ସିଲଟର କନଷ୍ଟେବଲମାନଙ୍କୁ ବିଶେଷ ମନୋନୀତ କରାଯିବ। କର୍ମାକାଂକ୍ଷୀ ବ୍ୟକ୍ତିମାନେ ନ ୨୫ ବର୍ଷରୁ ନ୍ୟୂନ ବୟସ୍କ ହେବେ ଏବଂ ପାଞ୍ଚଫୁଟ ଏକଇଞ୍ଚ ଉଚ୍ଚ ହେବେ ଓ ସେମାନଙ୍କର ବକ୍ଷସ୍ଥଳର ମାପ ୩୧ ଇଞ୍ଚ ହେବ। ଉକ୍ତ ପୁଲିସ ବିଭାଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କର କି ଯାହାଙ୍କର ବୟସ ନ ୨୫ ରୁ ଊର୍ଦ୍ଧ୍ୱ ଓ ନ ୩୦ ବର୍ଷରୁ ନ୍ୟୂନ ଥିବ ସେମାନଙ୍କର ଆବେଦନ ପ୍ରତି ସ୍ୱତନ୍ତ୍ର ବିବେଚନା କରାଯିବ।

ଅନୁଗୁଳଜିଲାର ଶ୍ରୀଯୁକ୍ତ ଶ୍ରୀ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ବାହାଦୂରଙ୍କ ହଜୂରକୁ ଦରଖାସ୍ତମାନ ପ୍ରେରିତ ହେବ।

ତା ୨୭ ରିଖ ମାର୍ଚ୍ଚ ସନ ୧୯୦୦ ମସିହା।

J. E. Armstron
*Dist. Supdt. of Police,*
ANGUL.

## ବିଜ୍ଞାପନ।

( ବ୍ୟାକରଣାନୁଶୀଳନୀ )

ବାଳକମାନଙ୍କର ବୃହଦ୍ବ୍ୟାକରଣାନୁଶୀଳନୀ ଗୁଡ଼ିକରୁ ସଂସ୍କୃତ ଭାଷାରେ ସହଜରେ ବ୍ୟୁତ୍ପତ୍ତି ଲାଭ ହୋଇ ପାରୁ ନାହିଁ। ଅମ୍ଭେ ବାଳକମାନଙ୍କୁ ଅଧ୍ୟାପନା କରାଇବା ସମୟରେ ଏ ଅଭାବ ଦୂର କରିବା ନିମନ୍ତେ ବାରମ୍ବାର ସଚେଷ୍ଟ ହୋଇ ବ୍ୟାକରଣରେ ସହଜରେ ଜ୍ଞାନଲାଭ କରାଇବା ନିମନ୍ତେ କେତେକ ସୂତ୍ର ଅବଲମ୍ବନ କରି ପଢ଼ାଇବାଦ୍ୱାରା କୃତକାର୍ଯ୍ୟ ହୋଇଅଛୁଁ। ଏହି ପ୍ରଣାଳୀ ଭୂତପୂର୍ବ ଇନ୍‌ସପେକ୍ଟର ମହୋଦୟ ଏବଂ ଅନ୍ୟାନ୍ୟ ବିଜ୍ଞ ବ୍ୟକ୍ତିମାନେ ବାଳକମାନଙ୍କର ସହଜରେ ସଂସ୍କୃତ ଜ୍ଞାନ ହେବା ନିମନ୍ତେ ପୁସ୍ତକାକାରରେ ଛପାଇବାକୁ ଅମ୍ଭଙ୍କୁ ଅନୁରୋଧ କରିଥିବାରୁ ଅମ୍ଭେ ଏହା ପୁସ୍ତକାକାରରେ କଟକ ଅରୁଣୋଦୟ ପ୍ରେସରେ ମୁଦ୍ରଣ କରାଇ ପ୍ରକାଶ କରୁଅଛୁଁ। ସାଧାରଣର ଉପକାର ନିମିତ୍ତ ଏହାର ମୂଲ୍ୟ ଟ ୦।୵ ସ୍ଥଳେ ଟ ୦।୵ ଧାର୍ଯ୍ୟ କରୁଅଛୁଁ। ଏହାଦ୍ୱାରା ବାଳକମାନେ କୃତକାର୍ଯ୍ୟ ହେଲେ ପରିଶ୍ରମ ସାର୍ଥ ହେବ।

ଏ ପୁସ୍ତକ ଏଣ୍ଟ୍ରାନ୍ସ ଏଫ୍ ଏ, ବି, ଏ, ପ୍ରଭୃତି କ୍ଲାସରେ ପଢ଼ୁଥିବା ଛାତ୍ରମାନେ ଅନୁଶୀଳନ କଲେ ସଂସ୍କୃତରେ ବ୍ୟୁତ୍ପନ୍ନ ଲାଭ କରି ପାରିବେ। ସାଧାରଣଙ୍କର ଅବଗତି ନିମନ୍ତେ ଏ ବିଜ୍ଞାପନ ପ୍ରକାଶିତ ହେଲା। ଏ ପୁସ୍ତକ ଅମ୍ଭ ନିକଟରେ ଏବଂ କଟକ ଟ୍ରେନିଙ୍ଗ ସ୍କୁଲ ପଣ୍ଡିତ ଶ୍ରୀ ବଇଦର ରଥ ମହୋଦୟଙ୍କ ନିକଟରେ ପ୍ରାପ୍ତ ହେବ।

୨୭।୩।୧୯୦୦ } ଶ୍ରୀ ସଦାଶିବ ମିଶ୍ର କାବ୍ୟକଣ୍ଠ
ପୁରୀ } ହେଡ଼ପଣ୍ଡିତ ଜିଲାସ୍କୁଲ ପୁରୀ

## ନୂତନ ପୁସ୍ତକ।

ଉତ୍କଳକବି ୰ ହଳଧର ଦାସଙ୍କ କୃତ
ମୂଳଜାତ ଉତ୍କଳ ପଦ୍ୟାନୁବାଦ

# ଅଧ୍ୟାତ୍ମ ରାମାୟଣ।

( ସମ୍ପୂର୍ଣ୍ଣ ସପ୍ତକାଣ୍ଡ )

ମୁଦ୍ରିତ ହୋଇ ବୌଦ ଜଗଦୀଶ ପ୍ରେସରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି।

ମୂଲ୍ୟ ଟ ୨୲

ଏକକାଳେ ଖ ୧୦ ଖଣ୍ଡ କ୍ରୟ କଲେ, ଖ ୨ ଖଣ୍ଡ ବିନା ମୂଲ୍ୟରେ ଦିଆଯିବ। ଭିଃ ପିଃ ଡ଼ାକରେ ପୁସ୍ତକ ପଠା ଯାଇପାରେ।

ମେନେଜର, ଜଗଦୀଶ ପ୍ରେସ ବୌଦ।

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*

IRRIGATION DEPARTMENT.

## NOTICE.

It is hereby notified that the High Level Canal, Ranges I and II, from Chowdwar to Rorya, will be closed or annual repairs from 8th May to 10th June 1900, both days inclusive.

Calcutta, The 26th March 1900. } A. H. C. MacCarthy, Under-Secy. to the Govt. of Bengal.

## ପ୍ରୟୋଜନୀୟ ପୁସ୍ତକ।

ପାରିବାରିକ ଚିକିତ୍ସା ଗୋଟିଏ ଅଣା, ଜ୍ୱର ଚିକିତ୍ସା ତିନିଅଣା, ଗୋଚିକିତ୍ସା ୧ ମହିଷ ଏକଅଣା, ୨ ସୂତିକା ଦୁଇଅଣା, ବସନ୍ତ ଚିକିତ୍ସା ଏକଅଣା, ବସନ୍ତରୋଗ ଚିକିତ୍ସା ଉକ୍ତ ପରିମିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି। ଯେଉଁମାନେ ସାମାନ୍ୟ ଲେଖାପଢ଼ା କରିପାରନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳ, ପତ୍ରଦ୍ୱାରା ଉପରୋକ୍ତ ରୋଗମାନ ଦମନ କରିପାରିବେ। ପଣକିଆମାଳିକାର ସପ୍ତମ ସଂସ୍କରଣ ଏକଅଣାରେ ମିଳିବ। ସମଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେବାରୁ ସ୍କୁଲ ପାଠ୍ୟ ହୋଇଅଛି।

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

**ଉଦ୍‌ଯୋଗି ସମିତିର**

ଭଣ୍ଡାରର ଅଧିକାଂଶ
ଜିନିସ ଦେଶୀ

---

**ଦେଶୀ ଜିନିସ,**

ମଜଭୁତ ଅବଶ୍ୟ ଭଲ
ଦାମ ମଧ୍ୟ ଶସ୍ତା !

---

**ଉଦ୍‌ଯୋଗି ସମିତିର**

**ଭଣ୍ଡାର**

କଟକ ଅଦାଲତ ନିକଟରେ
ଖୁଉବଧା ନାହିଁ, କାଳିବିକି ନାହିଁ
ମନରେ କିଛି ଧୋକା ରହେ ନାହିଁ

---

**ନୂଆ ଆମଦାନୀ**

ଗ୍ରୀଷ୍ମକାଳର ଉପଯୋଗୀ
ନାନାବିଧ ଦେଶୀ ଲୁଗା ।
ଟୁଇଲ, ଟୁଇଡ଼, ଛିଟ, ଡମର,
କାପଡ଼ ଇତ୍ୟାଦି ।

## ବନାରସୀମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ସ୍ୱଭାବତଃ ନାନାସ୍ଥାନର ରଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳରୁ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ମୟୂରଭଞ୍ଜ, ସରେଇକଲା ପ୍ରଭୃତିର ରଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି, ଗୋଡ଼ି, ଟୋପି, କେଣା, ବଂଶାପ, ବାପ୍ତା, ସଟୀ ଦୋପଟ୍ଟା ମହଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନାପ୍ରକାର ଇତ୍ୟାଦି ଗଢ଼ଣ ଅଳଙ୍କାର ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ଦାଗିର ଦାବୁଦା ପ୍ରଭୃତି ବରାତ ଅନୁସାରେ ତୟାର କରିଦେଉଁ । ବରାତ ଦେବାବେଳେ ଅନୁମାନିତ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁ, ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ, ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ୍ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲୁମାଲ ଭୋଲାନାଥ,
କୃଷ୍ଣଗଲ ଫାଟକ, ବନାରସ ସିଟି ।

---

ନିମ୍ନପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ମେନେଜର ।

ସଚିତ୍ର

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତହିଁର ମୂଲ୍ୟ ଏକ ସାଇରେ ଟ ୧୬୷ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୲ |
| ୨ ସଭା ପର୍ବ | ଟ ୨୲ |
| ୩ ବନ ପର୍ବ | ଟ ୨୲ |
| ୪ ଭଳ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପ[illegible] | ଟ ୧୧ |
| ୯ କର୍ଣ୍ଣ ପ[illegible] | ଟ ୦।୷ |
| ୧୦ ଶଲ୍ୟ ପ[illegible] | ଟ ୦ ୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ କାର୍ଣ୍ଣିକା ବା ଐଷିକ ପର୍ବ | ଟ ୦।୵ |
| ୧୩।୧୪ ଶାନ୍ତି ଓ ଅନୁ ପର୍ବ | ଟ ୧ ୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦୲ |
| ୧୭ ମୂଷଲୀ ପର୍ବ | ଟ ୦।୶ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |

---

## ନୂତନପୁସ୍ତକ ।

ବହୁସଙ୍କୀର୍ତ୍ତନ ।

ଅଭିନୂତନ ଅଭିନୂତନ ଅଭିନୂତନ

ମୂଲ୍ୟ ଟ ୦ ୷ ଦୁଇଅଣା

| | |
|---|---|
| ଦାର୍ଢ଼୍ୟଭକ୍ତି ପୁନର୍ମୁଦ୍ରିତ | ଟ ୧୧ |
| ଅଧ୍ୟାତ୍ମରାମାୟଣ (ବଳଧରପଟ୍ଟନାୟକକୃତ) | ଟ ୨୧ |
| ସଟୀକ ଅମରକୋଷ ଅଭିଧାନ | |
| ପଦ୍ୟାନୁବାଦିତ | ଟ ୧। |
| ବତ୍ରିଶସିଂହାସନ | ଟ ୦୲ |

ନାନ୍ଦସାଇଁବାଣୀ । ଅଣାଏଁ ଦେଇ ନିଅ ଭାଇ ଭଉଣୀ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ହାର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୷ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ହାର ଟ ୦ ୲ ଠାରୁ ଊଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ହାର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂ ବିଭାଗ "ଉମିଟେଡ୍"ଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୪୩ | ଅଗ୍ରୀମ ଟ ୩୦
୧୮ ସଂଖ୍ୟା | ତା ୫ ପଞ୍ଚ ମାସେ ମଠ ଗୁଜ ୧୯ ୦ ୦ ମଧିକା । ମ । ତ ୨୪ ନ ବୈଶାଖ ସନ ୧୩୦୭ ସାଲ ଶନିବାର | ପଶ୍ଚାଦ୍ଦେୟ ଟ ୬୯

ବାଲେଶ୍ୱର ମିଉନିସିପାଲିଟୀର ନୂତନ କମିଶନରମାନଙ୍କ ବୈଠକ ଗତଇ ମାଷ ତା୧୯ଖଠାରୁ ଆରମ୍ଭ ହୋଇଅଛି । କମିଶ୍ନରମାନେ ଥୁକଂ ଚେୟାରମାନ ବାବୁ ସାଧାଚରଣ ଦାସଙ୍କୁ ଓ ଭାଇସଚେୟାରମାନ ବାବୁ ଭଗବାନ ପ୍ରସାଦ ମହାପାତ୍ରଙ୍କୁ ସନ୍ତୋଷ ସହିତ କାର୍ଯ୍ୟ କରିଥିବା ପ୍ରଯୁକ୍ତ ଧନ୍ୟବାଦ ପ୍ରଦାନ କରି ବାବୁ ସାଧାଚରଣ ଦାସଙ୍କୁ ପୁନଶ୍ଚ ଚେୟାରମାନ ପଦରେ ଓ ବାବୁ ହରିଶ୍ଚନ୍ଦ୍ର ସରକାରଙ୍କୁ ଭାଇସ୍ ଚେୟାରମାନ ପଦରେ ନିର୍ବାଚନ କଲେ ।

ହାଇକୋର୍ଟର ଜଜ ମିଃ ଚନ୍ଦ୍ରମାଧବ ଘୋଷ ଫର୍ଲୋ ଛୁଟିରେ ଅନୁପସ୍ଥିତ କାଳରେ ମିଃ ବି, ଏଲ ଗୁପ୍ତ ହାଇକୋର୍ଟର ଜଜ କାର୍ଯ୍ୟ କରିବା ନିମନ୍ତେ ନିଯୁକ୍ତ ହୋଇଅଛନ୍ତି । କଲିକତାର ହାଇକୋର୍ଟ ଓକିଲ ସଭା ଏହି ନିଯୋଗ ବିରୁଦ୍ଧରେ ଏକ ଆବେଦନ ଭାରତ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଦାଖଲ କରିଅଛନ୍ତି । ମାନ୍ୟବର ଚନ୍ଦ୍ରମାଧବ ଜଜ ହେବା ପୂର୍ବରୁ ଓକିଲ ଥିଲେ, ପବ୍ଲିକ୍ ସର୍ଭିସ କମିଶନଙ୍କ ସୁପାରସଦ୍ୱାରା ତାଙ୍କର ନିଯୋଗ ହୋଇଥିଲା ବର୍ତ୍ତମାନ୍ ଓକିଲ ସଭାର ଆପତ୍ତି ଯେ ତାଙ୍କ ସ୍ଥାନରେ ଜଣେ ଓକିଲ ନିଯୁକ୍ତ ହେବା ଉଚିତ ଥିଲା । ଓକିଲ ସଭାର ଆପତ୍ତି ଅନ୍ୟାଯ୍ୟ ନୁହେଁ । ଆମ୍ଭେମାନେ ଆଶା କରୁଁ ଭାରତ ଗବର୍ଣ୍ଣମେଣ୍ଟ ସଭାର ପ୍ରାର୍ଥନା ସୁବିବେଚନା କରିବେ ।

ହାବଡ଼ାଜିଲା ବୋର୍ଡର ଭାଇସ୍ ଚେୟାରମାନ ବାବୁ ଆଶୁତୋଷ ବସୁ ଅନେକଗୁଡ଼ିଏ ସରକାରୀ ତହବିଲ ଅପହରଣ କରିଥିବାର ସ୍ୱୀକାର କରିଅଛନ୍ତି । ବାରମ୍ବାର ତାଗିଦ ଦେବାରୁ ହିସାବ ବହି ଦେଖୁଁ ଟ ୨,୩୫୫ କାର ଅମେଳ ଦେଖିଲେ । ଡେପୁଟି କଲେକ୍ଟରଙ୍କ ବରୁଦ୍ଧରେ ନୋଟିସ ଜାରି ହେଲା । ସେ ଗ୍ରେପ୍ତାର ହୋଇ ଅଛନ୍ତି ଓ ତାଙ୍କ ନାମରେ ଫୌଜଦାରୀ ମୋକଦ୍ଦମା ହାଜର ହେଲା ଓ ତାଙ୍କଠାରୁ ତହବିଲ ତୋଷରଫି ଟଙ୍କା ମଧ୍ୟ ଆଦାୟ ହେଲା । ଅନ୍ତର ଟ ୩୦୦ କା ତୋଷରଫ୍ ହୋଇଥିବାର ବାହାରିବାରୁ ଏ ଟଙ୍କା ମଧ୍ୟ ତେଜ୍ଜ ବସୁଣିଙ୍କଠାରୁ ଉସୁଲ ହେଲା ଏ ସବୁ ହିସାବ ବହି ସରକାରୀ ଅଡିଟରଙ୍କଦ୍ୱାରା ପୂର୍ବରୁ ତଦାରଖ ହୋଇଥିଲା ମାତ୍ର ଏ ସବୁ ତାଙ୍କ ନଜରରେ ପଡ଼ି ନ ଥିଲା ସରକାରଙ୍କର ଅନେକ କର୍ମଚାରୀ ଥିଲେହେଁ ଏହିପରି ଗୋଳ ପ୍ରାୟ ଘଟୁଅଛି ।

ଗତ ଅପ୍ରେଲମାସ ତା ୨୧ ରିଖ ଦିବସ କଲିକତା ସିନେଟହଲରେ ସିନେଟର ବାର୍ଷିକ ଅଧିବେଶନ ହୋଇଥିଲା । ଉକ୍ତ ସଭାରେ ନିମ୍ନଲିଖିତ ଏକ ପ୍ରସ୍ତାବ ଉପସ୍ଥିତ ହୋଇଥିଲା । ଗ୍ରାଜୁଏଟ ଅର୍ଥାତ୍ ବିଶ୍ୱବିଦ୍ୟାଳୟର ଉପାଧିଧାରୀ ଦଶବର୍ଷ ଆଇନଦ୍ୱାରା ବଞ୍ଚିତ ହେଲେ ସେମାନେ ଯେପରି ସେମାନଙ୍କ ଉପାଧିରୁ ବଞ୍ଚିତ ହୋଇ ପାରନ୍ତି, ସେ ସମ୍ବନ୍ଧରେ ଏକ ବିଧି ହେବା ଆବଶ୍ୟକ । ପ୍ରସ୍ତାବ ସମ୍ବନ୍ଧରେ ଅନେକ ତର୍କ ବିତର୍କ ହୋଇ ମତ ଗ୍ରହଣ ହେବାରୁ ଦେଖା ଗଲା ଯେ ଜ ୧୫ ଣ ସଭ୍ୟ ପ୍ରସ୍ତାବ ସପକ୍ଷରେ ଓ ଜ ୧୩ ଣ ବିପକ୍ଷରେ ମତ ଦେଇ ଥିଲେ । ପ୍ରତିକୂଳମତ ଅଧିକ ହେବାରୁ ପ୍ରସ୍ତାବ ପ୍ରତ୍ୟାହାର ହେଲା । ବର୍ତ୍ତମାନକାଳରେ ବୋଧ ହୁଏ ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ଏତେ ଅଶାନ୍ତକାର୍ଯ୍ୟ ଉପସ୍ଥିତ ହେଉଅଛି ଯେ ସେହିସବୁ ଦମନ କରିବା ନିମନ୍ତେ ସ୍ଥାନେ ଆଇନର ସାହାଯ୍ୟ ନେବାର ଆବଶ୍ୟକ ବୋଧ ହେଉଅଛି, ନଚେତ୍ ଉପରୋକ୍ତ ପ୍ରକାର ପ୍ରସ୍ତାବର ଆବଶ୍ୟକତା ଅନ୍ୟ କାରଣ ?

କଲିକତା କଲେକ୍ଟରୀରୁ ୫୮ ସହସ୍ର ମୁଦ୍ରାର ଷ୍ଟାମ୍ପ କାଗଜ ଅମେଳ ହୁଏ । ଅନେକ ଦିବସ ପର୍ଯ୍ୟନ୍ତ ଖୋଜ ତଲାସ କରି କରି ସ୍ୱରତା ନ ମିଳିବାରୁ ଖଜାଞ୍ଚିଙ୍କଠାରୁ ଟଙ୍କା ଉସୁଲ କରିବାର ଉଦ୍ୟୋଗ ଲାଗିଥିଲା, ଏମନ୍ତ ସମୟରେ ତଦନ୍ତ କାଗଜରେ ଗୋଟିଏ ଧରା ପଡ଼ିଲା । ଯାହା ହେଉ ଭାଗ୍ୟବଶତଃ ଖଜାଞ୍ଚି ଛୁଟିବାର ପାଇଲେ ଏଠା କଲେକ୍ଟର କହିଲେ ସେହି ଷ୍ଟାମ୍ପ କମ ହୋଇଥିଲା ତାହା ଖଜାଞ୍ଚିଙ୍କଠାରୁ ଉସୁଲ ହୋଇଅଛି । ମାତ୍ର ଶୁଣା ଯାଉଅଛି ଯେ ଷ୍ଟାମ୍ପ ସାତଶହ ଟଙ୍କା କମ୍ ହୋଇଥିବାର ଯାହା ପ୍ରଥମରେ ଜଣା ଯାଇଥିଲା ତାହା ଠିକ ନୁହେ । ହିସାବ ଭ୍ରମରୂପେ ତଦାରଖ କରିବାରେ ପ୍ରାୟ

Digitized by srujanika@gmail.com

Split by PDF Splitter



ଛନ୍ଦସତ ଫଉଜ କମ ଥିବାର ପ୍ରକାଶ ପାଇଅଛି । ହିସାବ ଉଦାଇଷ ଉତ୍ତମରୂପେ ନ ହୋଇ ଖଜାଞ୍ଚିଙ୍କଠାରୁ ବେଶୀ ଫଉଜ ଉସୁଲ କରିବା ସରକାରଙ୍କର ଅଭ୍ୟାସ ନୁହେଁ କି ? ଇଂରେଜର ସାହେବ କି ଏଥି ନିମନ୍ତେ ଦାୟୀ ନୁହନ୍ତି ? ଏକ ଜଣ ହୋସେରଫ ଭଳି ବହୁ ଅନ୍ୟ ଜଣ ଦଣ୍ଡ ଭୋଗ କରିବେ ପ୍ରତି କେଉଁଥିରେ ଅଛନ୍ତି । ଛନ୍ଦଳ ହୋସେରଫ ତତ୍ତ୍ୱରେ ଅନ୍ୟ ଚିନ୍ତାରେ ପଡ଼ିଅଛି ।

---

## ଟ୍ରାନ୍ସଭାଲ ଯୁଦ୍ଧ ।

ଗତ ଅପ୍ରେଲ ତା ୨୫ ଋଖ ଜେନେରଲ ଚର୍ମ୍ମସାଇଡ ଡାଉସଦର୍ପ ଶର୍ଦ୍ଦବାଦରେ ଦଖଲ କଲେ । ଜେନେରଲ ରଣ୍ଡେଲ ମଧ୍ୟ ସେଠାରେ ପହୁଞ୍ଚିଥିଲେ । ଜେନେରଲ ପୋଲକାରୁଷ କଗ୍ରାଗ ରଡେଡ୍ଲୋ ପରେ ପହୁଞ୍ଚି ଥିଲେ । ଇଂରେଜ ସୈନ୍ୟମାନେ ମଜାର କିମ୍ବା ଅତିକ୍ରମ କରୁଥିଲେ । ଏଥିସହି ଅଚିରକାଳରେ ବୁଲର ଉଏପେନର ପଉଣ୍ଟେଷ୍ଟିନ ଅଧିକ । ସୁତରାଂ ବୁଅରମାନେ ଲେଡିଗ୍ରାଣ୍ଡ ରାସ୍ତା ପାର୍ଶ୍ୱ ଦେଇ ଉତ୍ତର ଦିଗକୁ ଗମନ କଲେ । ସେମାନଙ୍କର ବଳ ୫୦୦୦ ଓ ୬୦୦୦ ମଧ୍ୟରେ ଥିଲେ । ବୁଅରମାନଙ୍କ ପ୍ରସ୍ଥାନ ସମୟରେ ଇଂରେଜ ସେମାନଙ୍କର ପଛରେ ଗୋଡ଼ାଇ ନାହାନ୍ତି । କର୍ଣ୍ଣେଲ ଭାଲେଣ୍ଟିଙ୍କ ଅବରୁଦ୍ଧ ସୈନ୍ୟ ସମୂହ ମଧ୍ୟରୁ କେବଳ ୫୦ ଜଣ ମୃତ ଓ ୧୩୨ ଜଣ ଆହତ ହୋଇଥିଲେ ।

ଲର୍ଡ ମେଥୁଏନ ବୋସଫରେ ଅବସ୍ଥାନ କରୁଅଛନ୍ତି । ବୁଅରମାନେ ଫେର୍ଣ୍ଣ ଓ ବୋସଫଜ ମଧ୍ୟସ୍ଥଳରେ ଅଛନ୍ତି ।

ବ୍ଲୋମଫଣ୍ଟେନକୁ ଅନ୍ୟୂନ ୧୦୦୦୦ ଅଶ୍ୱ ଆସିଲେଣି କିନ୍ତୁ ୨୦୦୦୦ ଅଶ୍ୱ ପ୍ରିଟୋରିଆକୁ ଯିବା ନିମନ୍ତେ ସେଠାରେ ପହୁଞ୍ଚିବେ । ଅଶ୍ୱ ଅଭାବରେ ଲର୍ଡ ରବର୍ଟ ବ୍ଲୋମଫଣ୍ଟେନଠାରେ ବସି ରହିଅଛନ୍ତି । ବୁଅରମାନେ କ୍ରୁନ୍ଷ୍ଟାଡଲର ସହର ନିକଟରେ ଏକତ୍ରିତ ହୋଇଅଛନ୍ତି । ମେଫକିଂକୁ ପାଶରେ ପକାଇବା ନିମନ୍ତେ ବୁଅରମାନେ ଯୋଗାଡ଼ କରୁଥିଲେ । ୫୦୦ ବୁଅର ଖାଦ୍ୟ ଉଟଟକୁ ଶତ୍ରୁଙ୍କ ଯାଉଥିଲେ କିନ୍ତୁ କର୍ଣ୍ଣେଲ ବେଡେନପାୱେଲ ସେମାନଙ୍କୁ ଘେରିଲେ ।

ବର୍ତ୍ତମାନ ପାର୍ଲ୍ୟାମେଣ୍ଟ ଭାଙ୍ଗି ଯାଇ ନୂତନ ପାର୍ଲ୍ୟାମେଣ୍ଟ ବସିବାର ଜନରବ ଉଠିଅଛି କିନ୍ତୁ ସ୍ଥିରତା ନାହିଁ ।

ଜେନେରଲ ଫ୍ରେଞ୍ଚ ଥାବାଞ୍ଚୁଠାରେ ଉପସ୍ଥିତ ହୋଇଅଛନ୍ତି; ଜେନେରଲ ରଣ୍ଡେଲ ଆଠ ମାଇଲ ଅନ୍ତରରେ ଥିଲେ । ସେଣ୍ଟ ପଶ୍ଚାତରେ ଧାବମାନ ହୋଇଅଛନ୍ତି । ଜେନେରଲ ଚର୍ମ୍ମ ସାଇଡ ଡାଉସଦର୍ପରେ ଅବସ୍ଥାନ କରୁଅଛନ୍ତି । ଥାବାଞ୍ଚୁଠାରେ ବୁଅରଙ୍କ ଗୋଲାବର୍ଷଣ ହୋଇଥିଲା । ବୁଅରମାନେ ପରାସ୍ତ ହୋଇ ପଳାୟନ କରୁଅଛନ୍ତି । ଥାବାଞ୍ଚୁର ଚତୁଃପାର୍ଶ୍ୱ ପାହାଡ଼ରେ ବୁଅରମାନେ ଅସ୍ତ୍ର ସ୍ଥାପନ କରିଅଛନ୍ତି । ଜେନେରଲ ଫ୍ରେଞ୍ଚ ସେଥିର ତଥ୍ୟ ନେଉଅଛନ୍ତି । ମେଫକିଂର ଅବରୋଧ ଗତ ମାସ ଶେଷ ତାରିଖକୁ ଛ ମାସ ପୂର୍ଣ୍ଣ ହେଲା ।

---

## କରବେଟ ନରସିଂହ ମୋକଦ୍ଦମା ସମ୍ବନ୍ଧେ ଗଭର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟ ।

ପାଠକମାନଙ୍କୁ ଅବଗତ ଥିବ ଯେ ଛୁଟି ସ୍ଥିତ କନେଷ୍ଟବଲ ନରସିଂହ ଦାସ ମଙ୍ଗମତ କାର୍ଯ୍ୟରେ ସାହାଯ୍ୟ ପ୍ରଦାନ ନ କରିଥିବା କାରଣରୁ ପୋଲିସ ଅଃ ସୁଃ କରବେଟଙ୍କ ଦ୍ୱାରା ଅଯାଚିତ ପ୍ରାପ୍ତ ହୋଇଥିବା ସରକାରୀ କାର୍ଯ୍ୟରେ ବ୍ୟାଘାତ ଦେବା ଅପରାଧରେ ଦଣ୍ଡିତ ହୋଇଥିଲେ ମାତ୍ର ଜଷ୍ଟିସ ମିଃ ପେଟେନ ଅପିଲ ବିଚାରରେ ନରସିଂହକୁ ମୁକ୍ତି ପ୍ରଦାନ କରି ଏହି ମୋକଦ୍ଦମାରେ ଲିପ୍ତ ଥିବା କର୍ମ୍ମଚାରୀଙ୍କ ଉପରେ ତୀବ୍ର ମନ୍ତବ୍ୟ ସ୍ପଷ୍ଟରେ ପ୍ରକାଶ କରିଥିଲେ । ମୋକଦ୍ଦମାର ଆଦ୍ୟନ୍ତ ବୃତ୍ତାନ୍ତ ଗଭର୍ଣ୍ଣମେଣ୍ଟଙ୍କ ଗୋଚରରେ ଆସିବାରୁ ଗଭର୍ଣ୍ଣମେଣ୍ଟଙ୍କ ଯେଉଁ ମନ୍ତବ୍ୟ ପ୍ରକାଶିତ ହୋଇଅଛି ସେଥିର ସାର ମର୍ମ୍ମ ନିମ୍ନେ ପ୍ରଦତ୍ତ ହେଲା ।

ଲେଟଲଟ ବାହାଦୁରଙ୍କ ବିବେଚନାରେ ନରସିଂହ କରବେଟଙ୍କୁ ଉତ୍ତେଜନା କରିଥିବା ହେତୁରୁ କରବେଟ ତାଙ୍କୁ ଆଘାତ କରିଥିବା ଚୌକିର ଅଭିଯୋଗ ଅବିଶ୍ୱାସ କରି ଅଛନ୍ତି, ନରସିଂହ ବିରୁଦ୍ଧରେ ଅଭିଯୋଗ ଆଣିବା ନିମନ୍ତେ ଆଦେଶ ଦେବା ଜଏଣ୍ଟ ମାଜିଷ୍ଟ୍ରେଟ ଟ୍ରିଭେଲିଆନଙ୍କ ବଡ଼ର ଅବିଜ୍ଞତା ପ୍ରକାଶ ପାଇଅଛି । ଡେଃ ମାଜିଷ୍ଟ୍ରେଟ ମୌଲବୀ ଜାକର ହୋସେନ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଉତ୍ତେଜିତ ହୋଇ କାର୍ଯ୍ୟ କରିବା ଦ୍ୱାରା ସେ ତାଙ୍କର ଚରିତ୍ରର ଦୁର୍ବଳତା ଓ ଅବିଚାରଜ୍ଞତା ପ୍ରକାଶ କରିଅଛନ୍ତି । ପୋଲିସ ସୁପରିଣ୍ଟ ମିଃ କ୍ରାଉନ ନରସିଂହ ବିରୁଦ୍ଧର ଅଭିଯୋଗରେ ଅଳ୍ପ ସଲିପ୍ତ ଥିଲେ ମଧ୍ୟ ମୋକଦ୍ଦମା ଅଭିଯୋଗ ଅନୁଯୁକ୍ତ ଓ ବାଦୀ ସପକ୍ଷରେ ମୋକଦ୍ଦମା ଚଳାଇବା ସାହାଯ୍ୟ କରିଥିବା ହେତୁ ତାଙ୍କ ଆଚରଣ ମଧ୍ୟ ତିରସ୍କାର ବିଷୟରେ ଅନ୍ତର୍ଗତ ହୋଇଅଛି । ଏହି ପ୍ରକାର ଆଚରଣ ନିମନ୍ତେ ଲେଟଲଟ ବାହାଦୁର ମିଃ ଟ୍ରିଭେଲିଆନଙ୍କ ଜୁଲାଇ ବାଟ ଏକବର୍ଷ ଯାଏଁ ବନ୍ଦ କରି ଦେଇଅଛନ୍ତି, ମିଃ କରବେଟଙ୍କ ଅଃ ସୁପରିଣ୍ଟ ପଦରେ ପକ୍କା ହେବାର ସମୟ ଉପସ୍ଥିତ ହୋଇଅଛି, ଏହାଙ୍କର ଜୁଲାଇ ଏକବର୍ଷ ସ୍ଥଗିତ ରହିବ, ମିଃ କ୍ରାଉନ ଓ ମୌଲବୀ ହୋସେନଙ୍କ ବ୍ୟବହାରରେ ଲେଟଲଟ ବାହାଦୁର ବିଶେଷ ଅସନ୍ତୁଷ୍ଟ ହୋଇଅଛନ୍ତି । ଏତଦ୍ବିଷୟ ଭାରତ ଗଭର୍ଣ୍ଣମେଣ୍ଟଙ୍କ ଗୋଚରରେ ଆସିବାରେ ଭାରତ ଗଭର୍ଣ୍ଣମେଣ୍ଟ ହାଇକୋର୍ଟଙ୍କୁ ମିଃ ପେଟେନଙ୍କ ରାୟ ସମ୍ବନ୍ଧରେ ମତ ପ୍ରକାଶ କରିବାକୁ ଅନୁରୋଧ କରିଥିଲେ । ହାଇକୋର୍ଟ ଉତ୍ତର ଦେଲେ ଯେ ରାୟରେ ମିଃ ପେଟେନ ଯେଉଁ ସକଳ କଥା ଉଲ୍ଲେଖ କରିଅଛନ୍ତି ତାହା ସମସ୍ତ ସ୍ଥିରବୁଦ୍ଧି—ପ୍ରଣୋଦିତ ଏବଂ ସଙ୍ଗତ ଭାବରେ ଲେଖି ହୋଇ ନାହିଁ । ହାଇକୋର୍ଟ ଏହି ମନ୍ତବ୍ୟ ପେଟେନ ସାହେବଙ୍କୁ ଜଣାଇ ଦେଇଅଛନ୍ତି ।

ସର୍ବୋଚ୍ଚ ଭାରତ ଗଭର୍ଣ୍ଣମେଣ୍ଟ ଲେଟଲଟ ବାହାଦୁରଙ୍କ ଉପସ୍ଥିତ ପ୍ରଭାବ ହିଁ ଅନୁମୋଦନ କରିଅଛନ୍ତି ଓ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ଯେ ନରସିଂହ ମିଃ କରବେଟଙ୍କୁ ଉତ୍ତେଜନା କରିଥିଲେ ମଧ୍ୟ ନରସିଂହକୁ ପ୍ରହାର କରିବା ମିଃ କରବେଟଙ୍କ ପକ୍ଷରେ ଅବୈଧ ହୋଇଅଛି ଓ ସ୍ୱୀୟ ମର୍ଯ୍ୟାଦା ଅନୁରୂପ ହୋଇ ନାହିଁ । ମିଃ କରବେଟ ଏକ ଜଣ ଇଂରେଜ କର୍ମ୍ମଚାରୀ । ତାଙ୍କପରି ପଦସ୍ଥ ଇଂରେଜ କର୍ମ୍ମଚାରୀର ଦେଶୀୟମାନଙ୍କ ସମ୍ବନ୍ଧରେ ଏକ ଦାୟିତ୍ୱ ଅଛି । ଦେଶୀୟମାନଙ୍କ ଚକ୍ଷୁରେ ସେମାନେ ମହାରାଣୀଙ୍କ ଗଭର୍ଣ୍ଣମେଣ୍ଟ ସ୍ୱରୂପ । ଲୋକମାନଙ୍କ ସହିତ ବ୍ୟବହାରରେ ତାଙ୍କର ହିଁ ଏ ବିଷୟ ସଂଯତ ହୋଇ ଚଳିବା ଉଚିତ । ପୋଲିସ କର୍ମ୍ମଚାରୀମାନେ ଯେପରି ବ୍ୟବହାର କରୁଅଛନ୍ତି ସେମାନେ ସେମାନଙ୍କ ହସ୍ତରେ ଯେଉଁ କ୍ଷମତା ନ୍ୟସ୍ତ କରାହୋଇଅଛି ତାହା ସମ୍ପୂର୍ଣ୍ଣ ଦୁରୁପଯୋଗ କରୁଅଛନ୍ତି ।

ସେସନ୍ସ ଜଜ ମିଃ ପେଟେନ ନରସିଂହଙ୍କ ଅପିଲ ଶୁଣାଣି କରିଥିଲେ । ସୁତରାଂ ତାଙ୍କର ଅପିଲ ଶୁଣାଣି ବିଷୟ ଅର୍ଥାତ୍ ନରସିଂହର ଦଣ୍ଡ ଠିକ୍ କିମ୍ବା ବେଠିକ୍ ଏହା ନ କରି ସ୍ୱୟଂ କର୍ମ୍ମଚାରୀମାନଙ୍କର ଆଚରଣ ବିଷୟ ତାଙ୍କର [illegible]

Digitized by srujanika@gmail.com

Split by PDF Splitter



ଲକ୍ଷ ହୋଇଥିଲା । ଯଦ୍ୟପି ସେ ଉପସ୍ଥିତ କର୍ମଚାରୀମାନଙ୍କୁ ସାକ୍ଷୀ ସ୍ୱରୂପ ଆଣିଥିଲେ କିନ୍ତୁ ଅଧୁନାରେ ଆସାମୀ ପରି ସେମାନଙ୍କ ପ୍ରତି ବ୍ୟବହାର କରୁଅଛନ୍ତି । ମୋକଦ୍ଦମା ତଦାରଖ କରିଥିବା ଅଭିଯୋଗ ଯିବା କାର୍ଯ୍ୟକାରୀ କର୍ମଚାରୀଙ୍କ ଉଚିତ ନୁହେ, ତଦ୍ୱାରା ସେମାନେ ସ୍ୱତନ୍ତ୍ର ବିଚାର ବ୍ୟତିକ୍ରମ କରନ୍ତି । ବର୍ତ୍ତମାନ ବିଷୟରେ ଯେନେରଲ ସାହେବ ସେହିପରି ବ୍ୟକ୍ତିଗତ ଜଣାଅଛନ୍ତି ଓ ହାଇକୋର୍ଟ ଯାହା ମନେ କରି ଅଛନ୍ତି ଲେଫ୍ଟେନାଣ୍ଟ ଗବର୍ଣ୍ଣର ଜେନେରଲ ମଧ୍ୟ ହାଇକୋର୍ଟଙ୍କ ସହିତ ଏକମତ । ବଡ଼ଲାଟ ବାହାଦୁର ଆଶା କରନ୍ତି ଭବିଷ୍ୟତରେ ଯେପରି ଏପ୍ରକାର ଘଟନା ନ ହୁଏ ।

---

### ଭାରତର ଇଉରେସୀୟ ସମାଜ ।

ଇଉରୋପ ଏବଂ ଏସିଆର ସମ୍ମିଳନରୁ ଭାରତରେ ଯେଉଁ ଜାତିର ସୃଷ୍ଟି ହୋଇଅଛି ତାହାର ନାମ ଇଉରେସୀୟ, ଏହି ଇଉରେସୀୟମାନଙ୍କର ଗୋଟିଏ ସମାଜ ଅଛି । ଅଳ୍ପ ଦିନ ହେଲା ସମାଜର କେତେ ଜଣ ପ୍ରତିନିଧି ଭାରତର ଗବର୍ଣ୍ଣର ଜେନେରଲ ବାହାଦୂରଙ୍କ ନିକଟରେ ଗୋଟିଏ ଅଭିନନ୍ଦନ ପ୍ରଦାନ କରିଥିଲେ ଏବଂ ତହିଁରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ସେମାନଙ୍କର ଅବସ୍ଥା ଉନ୍ନତି ନିମନ୍ତେ ଏଗାରଟି ପ୍ରାର୍ଥନା କରିଥିଲେ । ଯଥା—୧—ଗୋଟିଏ ଇଉରେସୀୟ ସୈନ୍ୟଦଳ ଗଠିତ ହେଉ । ୨—ରେଲ ଏଣ୍ଟାବେ ଅଧିକ ଇଉରେଶୀୟଙ୍କୁ ଚାକର ରଖାଯାଉ । ୩—ପୋଲିସ ଓ ଶାସନ ବିଭାଗରେ ସେମାନଙ୍କୁ ଅଧିକ ନିଯୁକ୍ତ କରାଯାଉ । ୪—ସେମାନଙ୍କର ଶିକ୍ଷା ନିମନ୍ତେ ବିଶେଷ ବନ୍ଦୋବସ୍ତ ହେଉ ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ଲର୍ଡ କର୍ଜନ ବାହାଦୁର ସମାଜର ପ୍ରତିନିଧିମାନଙ୍କୁ ଯଥୋଚିତ ଅଭ୍ୟର୍ଥନାର ସହିତ ଦେଇ ଏବଂ ସେମାନଙ୍କର ସକଳ କଥା ଶୁଣି ଦୀର୍ଘ ଉପଦେଶ ପୂର୍ଣ୍ଣ ଉତ୍ତର ପ୍ରଦାନ କଲେ । ତହିଁର ସଂକ୍ଷେପ ମର୍ମ ନିମ୍ନେ ପ୍ରକାଶ କରୁଅଛୁଁ ।

ପ୍ରଥମ ପ୍ରାର୍ଥନା ସମ୍ବନ୍ଧରେ ସେ କହିଲେ ଭାରତ ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କ ମଧ୍ୟରେ ଇଉରେସୀୟମାନଙ୍କର ବଳର ଅଭାବ ନାହିଁ । ସେମାନେ ଏ ବିଷୟରେ ଅନେକ ଚେଷ୍ଟା କରୁଅଛନ୍ତି । ପରିଶେଷରେ ଅମୃତ ଅମଳରେ ଭାରତ ଗବର୍ଣ୍ଣମେଣ୍ଟ ପରୀକ୍ଷାସ୍ୱରୂପ ଗୋଟିଏ ଇଉରେସୀୟ ରେଜିମେଣ୍ଟ ପ୍ରସ୍ତୁତ କରିବା ନିମନ୍ତେ ଅନେକ ଯୁକ୍ତି ଦେଖାଇ ବିଲାତକୁ ସରକାରୀ ପତ୍ର ଲେଖିଥିଲେ ମାତ୍ର ଷ୍ଟେଟ ସେକ୍ରେଟରୀ ତାହା ଗ୍ରାହ୍ୟ କରି ପାରି ନାହାନ୍ତି ।

୨ୟ ପ୍ରାର୍ଥନା ସମ୍ବନ୍ଧରେ ସେ କହିଲେ ରେଲ ଏଣ୍ଟାବେ ସେମାନଙ୍କର ଚାକର କରିବା ବିଷୟରେ ସରକାର କୌଣସି ଅଟକ ରଖି ନ ଥିବା ସ୍ଥଳେ ଯେବେ ସେମାନେ ଅଧିକ ପରିମାଣରେ କାର୍ଯ୍ୟ ପାଇ ନ ଥାନ୍ତି ତେବେ ସେ ଦୋଷ ସେମାନଙ୍କର ନିଜର ବୋଲିବାକୁ ହେବ ।

୩ୟ ପ୍ରାର୍ଥନାର ଏହି ଉତ୍ତର ଦେଲେ ଯେ ସିଭିଲସରଭିସ କମିଶନରମାନଙ୍କ ପରାମର୍ଶ ମତେ ସରକାରୀ କାର୍ଯ୍ୟରେ ଲୋକ ନିଯୁକ୍ତ କରିବାର ଯେଉଁ ବ୍ୟବସ୍ଥା ଗବର୍ଣ୍ଣମେଣ୍ଟ କରିଅଛନ୍ତି ତାହା ଭାରତବାସୀ ସକଳ ସମ୍ପ୍ରଦାୟର ଲୋକଙ୍କ ପ୍ରତି ସମାନରୂପେ ଖଟଇ । ନିର୍ଦ୍ଦିଷ୍ଟ ପରୀକ୍ଷାରେ ଯେ ପାସ୍ କରିବ ସେ କାର୍ଯ୍ୟ ପାଇ ପାରିବ । ବରଂ ଆସାମ, ବର୍ମା, ସରଭେ, ଏକାଉଣ୍ଟ ପ୍ରଭୃତି କେତେକ ବିଭାଗର ଅଧସ୍ତନ ଶ୍ରେଣୀରେ ଇଉରେଶୀୟଙ୍କୁ ନିଯୁକ୍ତ କରିବାର ଅଧିକ ସୁବିଧା ଦିଆଯାଇଅଛି । ତହିଁପାଇଁ ପ୍ରତିବାଦ ମଧ୍ୟ ହେଉଅଛି । ଏପରି ସ୍ଥଳେ ଗବର୍ଣ୍ଣମେଣ୍ଟ ପକ୍ଷରୁ କୌଣସି ତ୍ରୁଟି ହେବାର ବୋଲିଯାଇ ପାରେ ।

୪ର୍ଥ ବିଷୟରେ ସରକାରୀ ଆୟ ବ୍ୟୟର ହିସାବରୁ ଲାଟ ବାହାଦୁର ଦେଖାଇ ଦେଲେ ଯେ ଇଉରେଶୀୟଙ୍କର ଶିକ୍ଷା ଦାନ ବିଷୟରେ ଗବର୍ଣ୍ଣମେଣ୍ଟ ବରଂ ଅଧିକତର ମନୋଯୋଗୀ ଅଟନ୍ତି ।

ଉପସଂହାରରେ ଲାଟ ବାହାଦୁର କହିଲେ ଭାରତରେ ନାନାବିଧ ଶିଳ୍ପ ବ୍ୟବସାୟ ଅଛି ଯାହା ଇଉରେସୀୟ ସମ୍ପ୍ରଦାୟ ନିମନ୍ତେ ବିଶେଷ ଉପଯୋଗୀ ମାତ୍ର ତାହାର ମନ ସେଆଡ଼କୁ ଯାଉ ନାହିଁ । ଦେଶ ଭାରତର କଳ କାରଖାନାର ଅଧିକାରୀମାନେ ଯନ୍ତ୍ରାଦି ବ୍ୟବହାର ଜାଣିବା ବ୍ୟକ୍ତି ଏ ଦେଶରେ ନ ପାଇ ବିଲାତରୁ ଆଣାଉ ଅଛନ୍ତି । ଇଂରାଜୀ ବାଦ୍ୟକର ଏବଂ ସେମାନଙ୍କର ପରିବାର ବିଲାତରୁ ଆଣିବାର ଆବଶ୍ୟକ ହେଉଅଛି । କତିପୟ ସାହେବମାନଙ୍କର ଘରର ସର୍ଦାର ସୁନ୍ଦର ଗୃହିଣୀ ଏ ଦେଶର ଅନ୍ୟାନ୍ୟ ସମ୍ପ୍ରଦାୟରୁ ଗୃହୀତ ହେଉଅଛି । ଇଉରେଶୀୟମାନେ ଉପଯୁକ୍ତ ହେଲେ ଅଧିକାଂଶ ସେହିପରି କାର୍ଯ୍ୟ କରି ପାରିବେ । ତାହା ନ ହେବାର କାରଣ ଏହିକି ଇଉରେସୀୟମାନେ ଭୁଲ ଭାବରେ ଶିକ୍ଷିତ ହୋଇଅଛନ୍ତି । ଏବଂ ଭାରତର ଅନୁରୂପ ବ୍ୟବହାର ଠିକ ଇଉରୋପୀୟମାନଙ୍କ ପରି ଅର୍ଥାତ୍ ସେମାନେ ପୂର୍ଣ୍ଣ ସାହେବ ସୁତରାଂ ସେମାନେ ଅନ୍ୟ କେଷ୍ଟରେ ନାନା ଉପାୟରେ ନିର୍ବାହ ହେଉଅଛନ୍ତି ଏବଂ ଗୁହାରି କରନ୍ତି ନାହିଁ । ଅନ୍ୟ ଭାବର ଅନୁରୂପ ବ୍ୟବହାର ସେପରି ନୁହେ । ସେମାନେ ଇଉରୋପୀୟ ବା ସାହେବୀ ଭାବରେ ଚଳିବାକୁ ଇଚ୍ଛା କରନ୍ତି ମାତ୍ର ତାହା ସ୍ଥିର ରଖି ପାରନ୍ତି ନାହିଁ । ଦେଶ କାଳ ପାତ୍ର ବୁଝି ଆତ୍ମ ନିର୍ଭର କରି ଚଳି ପାରିଲେ ଦୁଃଖ ହେବ ନାହିଁ । ଯେତେଦୂର ପାରୁଁ ଆପଣମାନଙ୍କର ଭଲ କରିବା ଆମ୍ଭର ଏକାନ୍ତ ଇଚ୍ଛା । ମାତ୍ର ଆପଣମାନେ ସରଳ ବାଟରେ ଗଲେ ସୁଫଳ ପାଇବେ । ଅର୍ଥାତ୍ ଅସଙ୍ଗତ କଥା ପରିହାର ଏବଂ ଆପଣାର ଅବସ୍ଥା ବୁଝି କାର୍ଯ୍ୟ କରିବାକୁ ହେବ ଏବଂ ନିଜର ବ୍ୟବହାର ବିବେଚନା ପ୍ରଭୃତିଦ୍ୱାରା ଏପରି ଦେଖାଇବାକୁ ହେବ ଯେମନ୍ତ କି ଭାରତ ଗବର୍ଣ୍ଣମେଣ୍ଟ ଜାତିର ଖାତିରରେ ନୁହେ ମାତ୍ର ଗୁଣର ପୁରସ୍କାରସ୍ୱରୂପ ଆପଣମାନଙ୍କର ସାହାଯ୍ୟ କରୁଅଛନ୍ତି । ଏହି ଉପଦେଶମାନ ସର୍ବାଂଶରେ ନ୍ୟାୟସଙ୍ଗତ ଅଟେ ।

---

### କାକଟାଠାରୁ ପୁରୀ ପର୍ଯ୍ୟନ୍ତ ରେଲପଥ ପ୍ରସ୍ତୁତ ।

ଏ ବାଟରେ ଅନେକ କଠିନ ତଥାପି ପୋଲ ସବୁ ପ୍ରସ୍ତୁତ ହୋଇ ରେଲ ଗଡ଼ାଯାଉ ହେଉଅଛି । କଟକ ସମ୍ବାଦର ବଙ୍ଗବାସୀରେ ଯୋ ୮ ଟି ସେତୁର ବିବରଣ ପ୍ରଦତ୍ତ ହୋଇଅଛି । ଏହା ଓଡ଼ିଶାସ୍ଥ ଲୋକମାନଙ୍କର ଗୋଟିଏ ଜାଣିବାର ବିଷୟ ଅଟେ । ଅତଏବ ସାଧାରଣଙ୍କ ଗୋଚରାର୍ଥେ ଏହା ନିମ୍ନେ ଉଦ୍ଧୃତ କରାଗଲା ।

"୧ । ଲୁଣାଖାଇ ସେତୁ—୧୮୯୭ ସାଲର ଡିସେମ୍ବର ତା ୧୯ ଦିନରେ ଆରମ୍ଭ ହୋଇ ୧୯୦୦ ସାଲ ମାର୍ଚ୍ଚମାସ ତା ୩୧ ଦିନରେ ଶେଷ ହୋଇଅଛି । ମୋଟରେ ୨୬ ମାସ ୧୨ ଦିନ ଲାଗିଲା; ସେଥିରୁ କର୍ମ ବନ୍ଦ ଥାଇ ଯାଇ ନଟ ୧୫ ମାସ ୨୧ ଦିନ ଲାଗିଲା । ଏହି ପୁଲରେ ୨୦ ଟି କୂପ ପ୍ରତ୍ୟେକ କୂପ ୧୦୦ ଫୁଟ ପୁଲର ସର୍ବସୁଦ୍ଧା ଦୈର୍ଘ୍ୟ ୩୨୧୦ ଫୁଟ; ଜଳ ଉପରକୁ ଆଏ ୩୦୦୦ ଫୁଟ । ସେତେ କୂପ କେତେ ଖୁଣ୍ଟ ଉପରେ ସ୍ଥିର କରିଅଛି । କୂପ ନଦୀଗର୍ଭକୁ ୮୦ ଫୁଟ ପ୍ରବେଶ କରିଅଛି ଏ ପୁଲରେ ୧୪ ଲକ୍ଷ ୩୧ ହଜାର ଟଙ୍କା ବ୍ୟୟ ହୋଇଅଛି ।

Digitized by srujanika@gmail.com

Split by PDF Splitter



୨ । କାଠଯୋଡ଼ୀ ପୁଲ—୧୮୯୭ ମସିହା ତା ୨୬ରିଖ ଡିସେମ୍ବରରେ ଆରମ୍ଭ ହୋଇ ୧୯୦୦ ମସିହା ମାର୍ଚ୍ଚ ତା ୧୦ ରିଖରେ ଶେଷ ହୋଇଅଛି ଏଥିରେ ମା ୨୭ ସ ଦ୧୫ଦ ଲାଗିଅଛି । କିନ୍ତୁ କାର୍ଯ୍ୟ ବନ୍ଦ ଦିନ ବାଦଦେଲେ ଠିକ ମା ୧୪ସ ଦ୧୫ ଦ ହେଉଅଛି । ଏହି ପୁଲରେ ୧୮ ଟା କୂପ ପ୍ରତ୍ୟେକ କୂପ ୧୫୦ ଫୁଟ, ପୁଲର ମୋଟ ଦୈର୍ଘ୍ୟ ୨୮୫୦ ଫୁଟ ଜଳଉପରକୁ ଥାଏ ଫୁ ୨୭୦୦ ଟ ୧୮ଟି କୂପରେ ୧୮ ଟି ସ୍ତମ୍ଭ; ସ୍ତମ୍ଭ ଜଳଗର୍ଭ ଦେବତ୍ତରୁ ମାଟି ଭିତରକୁ ୮୦ ଫୁଟ ଯାଇଅଛି । ଏ ପୁଲରେ ୧୩,୫୫,୦୦୦ ଟଙ୍କା ଖର୍ଚ୍ଚ ହୋଇଅଛି ।

୩ । ମହାନଦୀ ପୁଲ—୧୮୯୮ ମସିହା ଫେବୃଅରୀ ମାସ ତା ୮ ରିଖରେ ଆରମ୍ଭ ହୋଇ ୧୯୦୦ ମସିହା ମାର୍ଚ୍ଚ ତା ୮ ରିଖରେ ଶେଷ ହୋଇଅଛି ଏଥିରେ ମା ୨୫ ସ ଲାଗିଅଛି । କାର୍ଯ୍ୟ ବନ୍ଦ ବାଦ ଦେଲେ ମା ୧୩ ସ ଓ ୧୨ ଦ କାର୍ଯ୍ୟ ହୋଇଥିଲା । ଏହି ପୋଲରେ ୨୪ ଟି କୂପ, ପ୍ରତ୍ୟେକ କୂପ ୧୦୦ ଫୁଟ, ପୁଲର ମୋଟ ଦୈର୍ଘ୍ୟ ୨୯୧୨ ଫୁଟ, ଜଳ ଉପରକୁ ଥାଏ ୨୪୦୦ ଫୁଟ, ୨୪ କୂପରେ ୨୪ଟି ସ୍ତମ୍ଭ, ସ୍ତମ୍ଭଗୁଡିକ ଜଳ ଗର୍ଭରେ ମାଟି ଭିତରକୁ ଯାଇଅଛି ଫୁ ୬୧ ଟ । ଏ ବୃହତ ପୁଲରେ ୨୨,୮୮,୨୦୦ ଟଙ୍କା ଖର୍ଚ୍ଚ ହୋଇଅଛି ।

୪ । ବିରୂପାପୁଲ—୧୮୯୮ ସାଲ ମାର୍ଚ୍ଚ ତା ୯ ରିଖରେ ଆରମ୍ଭ ହୋଇ ୧୮୯୯ ସାଲ ଅକ୍ଟୋବର ତା ୧ ରିଖରେ ଶେଷ ହୋଇଅଛି । ମା ୧୮ ସ ଓ ୨୨ ଦ ଲାଗିଅଛି । କିନ୍ତୁ ବର୍ଷ ବନ୍ଦ ବାଦ ଦେଲେ ଠିକ ମା ୧୫।୧୩ ଦ ହୋଇଅଛି । ଏ ପୁଲରେ ୧୬ ଟା କୂପ, ପ୍ରତ୍ୟେକ କୂପ ୧୦୦ ଫୁଟ, ପୁଲର ମୋଟ ଦୈର୍ଘ୍ୟ ୧୭୦୦ ଫୁଟ କିନ୍ତୁ ଜଳ ଉପରକୁ ଥାଏ ୧୬୦୦ ଫୁଟ, ୧୭ ଖାଲରେ ୧୭ଟି ସ୍ତମ୍ଭ, ସ୍ତମ୍ଭ ଜଳ ଗର୍ଭରୁ ମାଟି ଭିତରକୁ ୪୩ ଫୁଟ ଯାଇଅଛି । ଏଥିରେ ଟ ୭,୯୮,୫୫୦୯ ଖର୍ଚ୍ଚ ହୋଇଅଛି ।

କ୍ରମଶଃ—

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଡେପୁଟି ଜେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ... ଗୋଲିକ ... ଅଷ୍ଟ୍ରେଲିଆ ତା ୧୧ରିଖଠାରୁ ୦ ୧୫ ଦିନ ଛୁଟି ପ୍ରାପ୍ତ ହୋଇଥିଲେ ।

ମିଃ ... ଗୁପ୍ତ ... ବାହାଦୂରଙ୍କର ... ସବଡ଼ିଭିଜନରେ ନିଯୁକ୍ତ ହୋଇଅଛନ୍ତି ।

ଦର୍ପଣର ଡେପୋଜିଟ୍‌କଲେକ୍ଟର ମିଃ ଯେମସ ଟେଲର ତାଙ୍କର ବର୍ତ୍ତମାନ କାର୍ଯ୍ୟର ସଙ୍ଗେ ସ୍ୱରୂପ ଓଡ଼ିଶାର ... ମଧ୍ୟ ଡେପୋଜିଟ୍ କାର୍ଯ୍ୟରେ ନିଯୁକ୍ତ ହେଲେ ।

ସବଡେପୁଟୀକଲେକ୍ଟର ବାବୁ ... ମହାନ୍ତି କଷ୍ଟା ଦର୍ପଣର ସହକାରୀ ଡେପୋଜିଟ୍‌କଲେକ୍ଟର ପଦରେ ନିଯୁକ୍ତ ହେଲେ ।

କାନୁନ୍‌ଗୋ ବାବୁ ଜଗନ୍ନାଥ ଦାସ କଷ୍ଟା ଅଚ୍ଛେ ସହକାରୀ ଡେପୋଜିଟ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

କାଃ ଲକ୍ଷ୍ମୀର ... ଅବୈତନିକ ମାଜିଷ୍ଟ୍ରେଟ ରାଜା ବୈକୁଣ୍ଠନାଥ ଦେ ବାହାଦୂର ୧ମ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ କଟକଜିଲ୍ଲା ବୋର୍ଡର ସଭ୍ୟ ପଦରେ ନିର୍ବାଚିତ ହୋଇଅଛନ୍ତି ।

ବାବୁ ଗୋକୁଳାନନ୍ଦ ଚୌଧୁରୀ
" ନନ୍ଦକିଶୋର ଲାଲ
" ମାଧବଚନ୍ଦ୍ର ମଜୁମଦାର
ରାଏ ଯୋଗେଶ୍ୱରଚନ୍ଦ୍ର ଭଦ୍ର ବାହାଦୂର
ବାବୁ ଜଗବନ୍ଧୁ ଦାସ
" ଗୋପୀମୋହନ ବସୁ
" ନବକିଶୋର ଦାସ
" ଶ୍ରୀରାମଚନ୍ଦ୍ର ବୋଷ
ମହମ୍ମଦ ... ।
ବାବୁ ଯୋଗେନ୍ଦ୍ରନାଥ ମଲ୍ଲିକ ।

ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ ବୋର୍ଡର ସଭ୍ୟ ପଦରେ ନିଯୁକ୍ତ ହୋଇଅଛନ୍ତି ।

ଡାଃ ... ଏସ ମାଡ଼୍ରେ ...
ଇଞ୍ଜିନିୟରିଙ୍ଗ ... ବ୍ରାହ୍ମଣୀ ବୈତରଣୀ ଡିଭିଜନ
... ଓ
ସ୍କୁଲସମୂହର ଡେପୁଟି ଇନ୍‌ସପେକ୍ଟର
ଡେପୁଟି ... ହେବ
ରାଏ ହରିବଲ୍ଲଭ ଘୋଷ ବାହାଦୂର
ମିଃ ଏମ୍ ଏମ୍ ଦାସ
ବାବୁ ଗୌରଶଙ୍କର ରାୟ ।
" ଜାନକୀନାଥ ବୋଷ

ଗତ ସୋମବାର ସନ୍ଧ୍ୟାବେଳେ ଏ ନଗରର ସୁଆ ମଙ୍ଗଳ ... ହସ୍ପିଟାଲରେ ... ଜଣ ... ପ୍ରାପ୍ତ ହୋଇଅଛନ୍ତି ।

ଉତ୍କଳର ... ସାହେବ ... ଅବସ୍ଥା ... ଦର୍ଶନ ... ବାହା ... ଯାତ୍ରା କରିଅଛନ୍ତି । ... ଜଣ ... ଅବଶ୍ୟ ... ଆସିବେ ବୋଲି ଶୁଣା ଯାଉଅଛି ।

... ମୁଖ୍ୟମନ୍ତ୍ରୀ ଆସି ଏ ନଗରରେ ଅବସ୍ଥାନ କରୁଅଛନ୍ତି ... ମୋକଦ୍ଦମାର ... ଛାଡ଼ି ... ମୁଖ୍ୟମନ୍ତ୍ରୀ ପ୍ରତ୍ୟାଗମନ କରିବେ ।

... ସଦର ... ପୁର ଗ୍ରାମର ... ଦିନ ... ରେ ... କର୍ତ୍ତମାନ ... ମହଲ ... ବସୁଅଛନ୍ତି ... ଦର୍ଶିବା ... ଯାଉଅଛି ।

... କଲିକତା ପ୍ରବାସୀ ... ପଡ଼ାର ... ଅଛନ୍ତି ।

ଅଦ୍ଭୁତ ... ରାଜା ... ଶ୍ରୀ ଶ୍ରୀ ଦର୍ପଣ ... ମେଡେଲ ଶ୍ରୀ ... ଗୋଷ ... ମାସରେ ... ହୋଇଅଛି ।

... କଟକ ... ଉଦ୍ୟାନ ... ୧୪ ... କୋର୍ଟ ... ହୋଇଅଛି ।

... ଜଣ ... ମହାନଦୀ ... ଜଗନ୍ନାଥ ... ।

... ତା ୧୩ ... ଗ୍ରାମରେ ... ସମୟରେ ... ତା ୧୪ ... ଦେଖିବ ଗଲେ ।

... ତା ୧୪ ... ଘଣ୍ଟା ସମୟରେ ... ଗ୍ରାମରେ ... ମହାନ୍ତି ... ଜଣେ ... ଖୁଣ୍ଟ ... ଏହି ... ମୃତଦେହ ... ।

... ତା ୨୩ ... ଘ ୧ ... ସମୟରେ ... ମାନ ... ଓ ... ।

... ତା ୧ ... ସମୟରେ ... ଜାହାଜ ... ଗ୍ରାମ ... ଓ ... ।

Split by PDF Splitter



ବୁଅର୍ଙ୍କ ପ୍ରଧାନ ସେନାପତି ଜେନେରଲ ବୁଥା ଉତ୍ତ ଜାତି ଅଟନ୍ତି । ଏ ଜଣେ ଯୁବକ ଏହାଙ୍କ ବୟସ ୩ ୩୭ ବର୍ଷ ଗଲାଣି । ଏ ସମସ୍ତ ସେନାପତିମାନଙ୍କ ମଧ୍ୟରେ ଅଳ୍ପ ବୟସ୍କ ଅଟନ୍ତି । ଏହାଙ୍କର ସ୍ତ୍ରୀ ଇମେଟ ନାମକ ଜଣେ ଅତିଉଚ୍ଚ ଇଉରୋପୀୟ କନ୍ୟା ଅଟନ୍ତି । ବୁଥା ଧର୍ମବାସ୍ତୁ, କର୍ତ୍ତବ୍ୟ ଓ ଉତ୍ତମ ଶିକ୍ଷିତ ଲୋକ ଅଟନ୍ତି । ମାତ୍ର କାର୍ଯ୍ୟତତ୍ପର ଜୁବର୍ତ୍ତ ଓ ଯୁଦ୍ଧର ପ୍ରଧାନ ସେନାପତିର ଯୋଗ୍ୟ ନୁହନ୍ତି । ତଥାପି ବୁଅରମାନେ ଏହାଙ୍କୁ ସେନାପତି ପଦରେ ବରଣ କରି ସ୍ୱାର୍ଥେ ଅସନ୍ତୁଷ୍ଟ ହୋଇଅଛନ୍ତି ।

କଲିକତାରେ ପ୍ଲେଗ ରୋଗର ଅବସ୍ଥା କ୍ରମଶଃ ହ୍ରାସ ହେବାର ବୋଧ ହେଉଅଛି । ଏ ସପ୍ତାହରେ ୩୦ ଓ ୪୦ ଜଣ ମଧ୍ୟରେ ରୋଗାକ୍ରାନ୍ତ ହୋଇଅଛନ୍ତି । ମୃତ୍ୟୁସଂଖ୍ୟା ମଧ୍ୟ ସେହିରୂପ ହେଉଅଛି ।

ଚୀନଠାରେ ଅଦ୍ୟାପି ଶାନ୍ତି ବନ୍ଦୋବସ୍ତ ହୋଇ ନାହିଁ । ତହିଁର ନିକଟବର୍ତ୍ତୀ ସ୍ଥାନରେ ଘୋର ଯୁଦ୍ଧ ହେଉଥିବା ସ୍ଥଳରେ ସମ୍ବାଦମାନ ଆସୁଅଛି । କେବେ ତାହା ନିବୃତ୍ତ ହେବ କହିପାରେ ?

ଅଷ୍ଟ୍ରିଆର ଯୁବରାଜ ଯୁରୋପ ପରିଭ୍ରମଣ କରି ୨୦ ଅପ୍ରେଲମାସ ତାରିଖରେ ଲଣ୍ଡନନଗରରେ ପହଞ୍ଚିଲେ । ଯୁବରାଜ ମହୋଦୟ ଏଲଷ୍ଟୋନଠାରେ ରହିଥିବା ସମୟରେ ଜର୍ମାନିର ସମ୍ରାଟ ହଠାତ୍ ସେଠାରେ ସମୁପସ୍ଥିତ ହୋଇ ତାଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଏଥିରୁ ବିଲାତ ଓ ଜର୍ମାନିର ପ୍ରକୃତ ସୌହାର୍ଦ୍ଦ୍ୟ ଥିବାର ସ୍ପଷ୍ଟ ପ୍ରମାଣ ମିଳୁଅଛି ।

ବୋମ୍ବାଇଠାରେ ଗ୍ରୀଷ୍ମ ଯେମନ୍ତ ଅଧିକ ହୋଇଅଛି ଜଳ ମଧ୍ୟ ସେମନ୍ତ ଦୁଷ୍ପ୍ରାପ୍ୟ ହୋଇଗଲା । ପ୍ରଚଣ୍ଡ ଜଳ ଅଭାବ କାରଣ ବହୁସଂଖ୍ୟକ ଦେଶୀୟ ଶ୍ରମିକ ରେଲଷ୍ଟେସନରେ ଯାଉଅଛନ୍ତି ମାତ୍ର ସବୁସମୟରେ ସେମାନଙ୍କୁ ଜଳ ମିଳୁ ନାହିଁ । ଯେଉଁ ଯେଉଁ ଷ୍ଟେସନଠାରେ ତାଙ୍କୁ ଜଳ ମିଳୁ ନାହିଁ ସେ ସେଠାରେ ସେମାନେ ଅନ୍ୟତ୍ର ଦୂରବର୍ତ୍ତୀ ସ୍ଥାନକୁ ଜଳ ସକାଶେ ଯାଉଅଛନ୍ତି । ମ୍ୟୁନିସିପାଲିଟି ଜଳରେ ବିଶେଷ କୌଣସି ପ୍ରକାର ପ୍ରାଦୁର୍ଭାବ ଦେଖାଯାଉ ନାହିଁ ।

କଲିକତାଠାରେ ଜଣେ ସାହେବ ଷ୍ଟେସନପାର୍ଶ୍ବରେ ଗୋଲି ଲାଗି ଆତ୍ମହତ୍ୟା କରିଥିବାର ସମ୍ବାଦ ମିଳିଛି । ଏ ସାହେବ ହେଲଥର ଲୁମ୍ବାର୍ଡ଼ଙ୍କର ଏକ ହୋଟେଲରେ କାର୍ଯ୍ୟ କରୁଥିଲେ ଏବଂ ସେଠାରେ ବାସ କରୁଥିବାର ଉଚ୍ଚତନ୍ତ୍ର ସାହେବଙ୍କ ନାମରେ ଉପସ୍ଥିତ ହୋଇ ତାଙ୍କୁ ସ୍ୱଚ୍ଛା କାରଣ ଯୋଗୁଁ ଗୁଳିଦ୍ୱାରା ସାହେବ ଉଭୟଙ୍କେ ଆତ୍ମହତ୍ୟା କରିଅଛନ୍ତି ।—ଭସ୍ମ ନାହିଁ କାହାର ?

ଫୁଲଷ୍ଟ ଓ ଜ ଅମେରିକାର ଜାହାଜ ଧ୍ୱଂସ କରିବା କାରଣ ପ୍ରସ୍ତୁତ ହୋଇଥିବାର ସମ୍ବାଦ ମିଳିଛି । ସୁତରାଂ ଉଭୟ ରାଜ୍ୟ ମଧ୍ୟରେ ଯେ ସମର ଉପସ୍ଥିତ ହୋଇଥିଲା ତାହା ଶୀଘ୍ର ନିଷ୍ପତ୍ତି ପାଇଥିବ ।

କାନପୁରଠାରେ ମଧ୍ୟ ଜଳକଷ୍ଟ ଉପସ୍ଥିତ ହୋଇଥିବାର ସମ୍ବାଦ ମିଳିଛି ।

ମଧ୍ୟପ୍ରଦେଶର ଦୁର୍ଭିକ୍ଷ ସାହାଯ୍ୟ ଖଞ୍ଜାଯାଇଥିବା ଛାଉଣିମାନଙ୍କରେ ଓଲାଉଠା ରୋଗ ଉପସ୍ଥିତ ହୋଇଥିବାର ସମ୍ବାଦ ମିଳିଛି । ଜେନେରାଲ ଗଞ୍ଜଠାରେ ଏହା ବଡ଼ ବିଶେଷ ଭୟଙ୍କର ଆକାର ଧାରଣ କରିଥିବାର ସମ୍ବାଦ ମିଳିଛି । ଏ ସମସ୍ତ ଛାଉଣୀରେ ଯେବେ ଏକ ଦିନରେ ବାଳକମାନେ ମରୁଅଛନ୍ତି । ଦୁଃଖୀମାନେ ପ୍ରାଣ ଭୟରେ ପଳାଉଅଛନ୍ତି । ଏମନ୍ତ କେଉଁ ସ୍ଥାନରେ ଯାବତୀୟ ଯେବେ କାର୍ଯ୍ୟ କରି ଜୀବନ ବଞ୍ଚାଉଥିଲେ ସେଠାରେ ୬୫୦୦ ଲୋକ ଦେଖିବାକୁ ମିଳୁଥିଲେ । ଯାହାର ପ୍ରାଣ ଥିବା ଲୋକଙ୍କ ଉପରେ ନିର୍ଭର ହୋଇଅଛି ତାହାକୁ ରକ୍ଷା କରିବା ନିମିତ୍ତ ସମ୍ଭବ ନୁହଁ ।

ଜବଲପୁରଠାରେ ଗୋଟିଏ ପଦର ମାଷ୍ଟର ଟାଇଗା ଶିକାର କରୁଥିବା ସମୟରେ ବନ୍ଧୁକ ଟେଲର ଗୁଳିଟିଏ ସ୍ଲିପରେ ଲାଗି ତାହାର ଦେହ ଭେଦ ଏବଂ ଅଳ୍ପ ସମୟ ମଧ୍ୟରେ ତାହାର ପ୍ରାଣବାୟୁ ବାହାରି ଗଲା ।

ଗତ ମାସ ଶେଷ ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପ୍ରାର୍ଥୀଙ୍କ ସଂଖ୍ୟା ସାଢ଼େ ପଞ୍ଚାଅଶ ଲକ୍ଷ ଥିଲା ଏବଂ ଅଳ୍ପ ଦିନରେ ଠାକୁର ସାହାଯ୍ୟ ବୃଦ୍ଧି ହୋଇଥିଲେହେଁ ତହିଁର ବିଶେଷ କୌଣସି ଉପକାର ହୋଇ ନାହିଁ । ମୃତଙ୍କ ସଂଖ୍ୟା ହ୍ରାସ ହୋଇ ନାହିଁ । ଏକା ମଧ୍ୟପ୍ରଦେଶର ଜଙ୍ଗଲୀଙ୍କ ସଂଖ୍ୟା ୪୦୦୦୦ ଅଟଇ ।

ପାରସ୍ୟର ସମ୍ରାଟ ଏଥର ଇଉରୋପର ନାନା ସ୍ଥାନରେ ଭ୍ରମଣ କରିବେ, ରୁଷିୟା ହୋଇ ପରେ ବଙ୍ଗ ମଧ୍ୟ ଯିବେ ।

ଗାଜିପୁର ଅଫିମର ଏଥର ସେରୂପ ଦୁର୍ଦ୍ଦଶା ଘଟିଅଛି ଏପରି ଅନେକ କାଳରୁ ଘଟି ନ ଥିଲା । ଅଫିମ ଜନ୍ମିଅଛି କମ ତାହା ମଧ୍ୟ ଭଲ ନୁହେଁ ।

ଅଯୋଧ୍ୟାର ସତ୍ତରକୁ ଯାଜିରେ ଏଥର ମଧ୍ୟ ଗତ ବୈଶାଖ ମାସ ତା ୨୭ ଦଶରେ ୭ ଲକ୍ଷ ହିନ୍ଦୁଙ୍କର ସମାଗମ ହୋଇଥିଲା । ଜ୍ୱାର ଦର୍ଶକ ମେଳା ଦେଖିବା ହେତୁ ବିନା ବାର ବ୍ୟବସ୍ଥା ହୋଇଥିଲା କିନ୍ତୁ ହିନ୍ଦୁଙ୍କର ମାଜିଷ୍ଟ୍ରେଟ ବନ୍ଦ ହେବାର କାରଣ ଜାଣି ମାଜିଷ୍ଟ୍ରେଟ ଓଲଡ଼ହାମ ସାହେବ ମେଳା ବସାଇବାକୁ ଦେଇ ଧନ୍ୟବାଦାର୍ହ ହୋଇଅଛନ୍ତି ।

ଏଥର ଲେଂଡା, ବୋମ୍ବାଇ ଫଳରେ ଅମ୍ବ ଦୁଷ୍ପ୍ରାପ୍ୟ । ମାଳଦିଆରେ ମଧ୍ୟ ଅମ୍ବ ନାହିଁ ।

GISTERED No. 9.81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୩୫ ସଂ ୨୦ ସଂଖ୍ୟା

ତା ୧୯ ରଖ ମାର୍ଚ୍ଚ ମଇ ସନ ୧୯୦୦ ମସିହା । ମା ଚ ୭ କ ଚୈତ୍ର ସନ ୧୩୦୭ ସାଲ ଶନିବାର

ଅଗ୍ରୀମ ୪ ୩॥
ପଶ୍ଚାଦ୍ଦେୟ ୪ ୬॥

ଗତ ସପ୍ତାହର ସରକାରୀ ରପୋର୍ଟରୁ ପ୍ରକାଶ ଯେ ଦୁର୍ଭିକ୍ଷ ସାହାଯ୍ୟ ପାଉବା ଲୋକଙ୍କ ସଂଖ୍ୟା ୬୪,୪୮୦ ଊଣା ପଡ଼ିଅଛି ଅର୍ଥାତ୍ ତହିଁ ପୂର୍ବ ସପ୍ତାହରେ ୫୬,୪୪,୧୮୭ ଲୋକ ସାହାଯ୍ୟ ପାଇଥିଲେ ଏ ସପ୍ତାହରେ ୫୫,୭୯,୭୦୬ ଲୋକ ସାହାଯ୍ୟ ପାଉଅଛନ୍ତି । ଊଣା ପଡ଼ିବାର କାରଣ ଜଣା ଯାଉ ନାହିଁ । ପକ୍ଷାନ୍ତରେ ମଧ୍ୟପ୍ରଦେଶରେ ବୃଦ୍ଧି ହୋଇଅଛି । ଆଗାମୀ ସପ୍ତାହରେ ଏହିପରି ଊଣା ପଡ଼ିଲେ ଶୁଭଲକ୍ଷଣ ବୋଲାଯିବ ।

———

ମାନ୍ଦ୍ରାଜର ପ୍ରାଦେଶିକ ସମ୍ମିଳନ ଅଧିବେଶନ ଏଥର କାଲିକଟ ନଗରରେ ଗତ ତା ୧୦ ରୁଖ ଠାରୁ ଦ ୩ ନ ହୋଇଥିଲା । ମାନ୍ୟବର ଭଜନ୍ନ-ନାଶବରନ ସଭାପତିର କାର୍ଯ୍ୟ ନିର୍ବାହ କରୁଥିଲେ ଅନ୍ୟାନ୍ୟ ବିଷୟ ମଧ୍ୟରେ ଗବର୍ଣ୍ଣମେଣ୍ଟଙ୍କର ଭୂସଂକସ୍ତନାଇ, ଜଙ୍ଗଲ ଆଇନ ଏବଂ ମାଲବାର ପ୍ରଦେଶର ନୂତନ ବନ୍ଦୋବସ୍ତର ପ୍ରତିବାଦ ହୋଇଥିଲା । ଭେଟେରିନରୀ ସ୍ଥାପନ ବିଷୟର ଚର୍ଚ୍ଚା ମଧ୍ୟ ହୋଇଥିଲା ।

———

ବଙ୍ଗାଳ ନାଗପୁର ରେଲୱେ କମ୍ପାନୀର ମେଦିନୀପୁର କଟକ ଶାଖା ରେଲଓ୍ୱେରେ ଗତ ପୂର୍ବ ମଙ୍ଗଳବାର ଡାକଗାଡ଼ି ଓ ମାଲଗାଡ଼ିରେ ବାଲେଶ୍ୱରର ଉତ୍ତରରେ ସଂଘର୍ଷଣ ହେବାର ଲେଖିଥିଲୁଁ ଓଡ଼ିଆ ଓ ନବସଂବାଦରେ ପାଠ କଲୁଁ କି ସେହି ଦୁର୍ଘଟନା ଖଡ଼ଗପୁରର ଦକ୍ଷିଣ ମାଧପୁର ଷ୍ଟେସନରେ ହୋଇଥିଲା ଏବଂ ତହିଁ-ରେ ଖଣ୍ଡିଏ ଏଞ୍ଜିନ ଓ ଖଣ୍ଡିଏ ଶକଟ ଭାଙ୍ଗି-ଯାଇଥିଲା । ଏକଜଣ ଇଉରୋପୀୟ ଓ ଦୁଇଜଣ ଦେଶୀୟ ଲୋକ ହତ ଏବଂ କେତେ ଲୋକ ଆହତ ହୋଇଥିଲେ । ମହାଜନମାନଙ୍କର ଅନେକ ଧାନ ଚାଉଳ ନଷ୍ଟ ହୋଇଅଛି ।

———

ବମ୍ବାଇର ପ୍ରାଦେଶିକ ସମ୍ମିଳନ ଅଧିବେଶନ ସେତାରା ନଗରଠାରେ ଗତ ତା ୧୩।୧୪ ରୁଖରେ ହୋଇଥିଲା । ମାନ୍ୟବର ଗୋକୁଳ ଦାସ ପାରେକ ସଭାପତିର ଆସନ ଗ୍ରହଣ କରିଥିଲେ । ତାହାଙ୍କର ବକ୍ତୃତା ଦୁର୍ଭିକ୍ଷ ଏବଂ ପ୍ରଜାମାନଙ୍କର ଅବସ୍ଥା ସମ୍ବନ୍ଧରେ ଥିଲା । ଖଜଣା ବୃଦ୍ଧି ପ୍ରଜାଙ୍କର କଷ୍ଟର ପ୍ରଧାନ କାରଣ ସେ ଏହି କଥା ପ୍ରତିପନ୍ନ କଲେ । ଖଜଣାର ଦର ସ୍ଥିର ଦୃଷ୍ଟି କରିବା, ପ୍ଲେଗ ନିବାରଣ କାର୍ଯ୍ୟର ବ୍ୟୟ ସ୍ଥାନୀୟ ପାଣ୍ଠିରୁ ଦିଆ ନ ଯାଇ ଗବର୍ଣ୍ଣମେଣ୍ଟ ତାହା ଦେବା ଏବଂ ପ୍ଲେଗର ଟୀକା ଜୋର ନ କରିବା ଇତ୍ୟାଦି ବିଷୟମାନ ଅବଧାରିତ ହୋଇଥିଲା ।

———

ସରକାରୀ ଋତୁ ପରୀକ୍ଷକ କହୁଅଛନ୍ତି କି ଏବର୍ଷ ମୌସୁମି ବୃଷ୍ଟିକାଳ ଜନ୍ମୁଁଚିତ ରୂପେ ହେବାର ସମସ୍ତ ଲକ୍ଷଣ ଦେଖା ଯାଉ-ଅଛି । ଆଜ ଗତ ମାସରୁ ବ୍ରହ୍ମ, ଆସାମ, ବଙ୍ଗ ଓ ମାନ୍ଦ୍ରାଜ ପ୍ରଦେଶମାନଙ୍କରେ ଯେଉଁପରି ବୃଷ୍ଟି ହେଉଅଛି ତାହା ଦେଖି ଭରସା ହେଉଅଛି । ଗତବର୍ଷ ଏହି ସମୟରେ ଓଡ଼ିଶାରେ ଉତ୍ତମ ବୃଷ୍ଟି ହୋଇଥିଲା । ମାତ୍ର ବର୍ଷାକାଳରେ ଜଳର ଏମନ୍ତ ଅଭାବ ଘଟିଲା ଯେ ଦଶଦିନ ଝଡ଼ି ହୋଇ ନ ଥିଲେ ଅନ୍ନକଷ୍ଟ ପଡ଼ିଥାନ୍ତା । ଏବର୍ଷ ସେହି ଅବସ୍ଥା ଦେଖି ଭୟ ହେଉଅଛି । ମାତ୍ର ବୃଷ୍ଟିର ପରିମାଣଠାରୁ ବତାସ ଅଧିକ ହେବାରୁ ପ୍ରବଳ ନଦୀବଢ଼ିର ଭୟ ହେଉଅଛି ।

———

ଭାରତର କୃଷି ବିଭାଗର ଡିରେକ୍ଟର ଜେନେରଲ କାର୍ଯ୍ୟ ନିମନ୍ତେ ବର୍ତ୍ତମାନ ଭାରତ ସରକାରଙ୍କୁ ଏପର୍ଯ୍ୟନ୍ତ ଜଣେ ଉପଯୁକ୍ତ ଲୋକ ଖୋଜି ପାଇ ନାହାନ୍ତି । ଖୋଜିବାରେ କଛୁ ତ୍ରୁଟି ଅଛି ବା ଉପଯୁକ୍ତ ବେତନ ନ ହେବାରୁ ଯେପରି ଯୋଗ୍ୟଲୋକ ଖୋଜା ହେଉଅଛି ସେପରି କେହି ଲୋକ ସମ୍ମତ ହେଉ ନାହାନ୍ତି ଏହା ବୁଝାଯାଉ ନାହିଁ । ଯାହାହେଉ ଯେପରି ଉପଯୁକ୍ତ ଲୋକ ନିକ୍ତ ପଦଟି ଗ୍ରହଣ କରିବାରୁ ଆସ୍ଥା କରିବ ଶୀଘ୍ର ତହିଁର ବିଧାନ ହେବା ଆବଶ୍ୟକ । କୃଷି ଭାରତର ସର୍ବ ପ୍ରଧାନ ଜୀବିକା ଏବଂ ତହିଁର ତତ୍ତ୍ୱାବଧାନ ଓ ଉନ୍ନତି ସାଧନ ନିତାନ୍ତ ପ୍ରୟୋଜନୀୟ ଅଟେ ।

———

କଲିକତା, ଲକ୍ଷ୍ନୌ ଏବଂ ଦାରଜିଲିଂ ଏହି ତିନି ସ୍ଥାନରେ ଫିରିଙ୍ଗି ମାନଙ୍କର ଶିକ୍ଷା ନିମନ୍ତେ ଉଚ୍ଚ ବିଦ୍ୟାଳୟ ଅର୍ଥାତ୍ କଲେଜ ସ୍ଥାପିତ ହୋଇଅଛି । ସେହି କଲେଜ ସବୁରେ ପଢ଼ୁଥିବା ଛାତ୍ରମାନଙ୍କ ମଧ୍ୟରେ ଯେଉଁମାନେ ସୈନିକ ବିଭାଗରେ ନିଯୁକ୍ତ ହେବାକୁ ସମ୍ମତ ଅଛନ୍ତି

Digitized by srujanika@gmail.com

Split by PDF Splitter



ସେମାନଙ୍କର ନାମ ରେଜେଷ୍ଟରୀ କରିବାର ଆବଶ୍ୟକ ହୋଇଅଛି । ଫିରିଙ୍ଗିମାନେ ସରକାରୀ ନୌକରୀ ପାଇବା ନିମନ୍ତେ ଗବର୍ଣ୍ଣମେଣ୍ଟରେ ଆବେଦନ କରିଥିଲେ । ମହାମାନ୍ୟ ଲର୍ଡ୍ କର୍ଜନ ସେମାନଙ୍କୁ ସୈନିକ ବିଭାଗୀୟ କାର୍ଯ୍ୟରେ ଅଧିକ ପରିମାଣରେ ଭର୍ତ୍ତି କରିବାର ଉପାୟ କରିଦେବାକୁ ସ୍ୱୀକୃତ ହୋଇଅଛନ୍ତି । ସେ କାର୍ଯ୍ୟ ଫିରିଙ୍ଗିମାନଙ୍କ ପକ୍ଷରେ ବିଶେଷ ସୁବିଧାଜନକ ଏଥିରେ ସନ୍ଦେହ ନାହିଁ ।

ପୁରୀ ହିନ୍ଦୁ ବାଳିକା ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଗତ ତା ୧୬ ରଖରେ ଯଥା ସମାରୋହରେ ହୋଇଥିଲା । ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ଗ୍ୟାରେଟସାହେବଙ୍କ ପତ୍ନୀ ମହୋଦୟା ସଭାପତିର ଆସନ ଗ୍ରହଣ କରିଥିଲେ । ସୁଖର ବିଷୟ ଯେ ମାନ୍ୟବର କମିଶନର ସାହେବ ବାହାଦୁର ସ୍କୁଲମାନଙ୍କର ବାଳିକାବର୍ଗ ଉପରେ ବିଶେଷ ଅନୁଗ୍ରହ ପ୍ରକାଶ କରି ଶୁଭାଗମନ କରିଥିଲେ । ବିଦ୍ୟାଳୟ ସ୍ଥାପନଠାରୁ ବାଳିକାମାନଙ୍କର ଏପରି ସୌଭାଗ୍ୟ ଘଟି ନ ଥିଲା । ବାବୁ ରାମଚନ୍ଦ୍ର ଦାସ, ବାବୁ ମହେନ୍ଦ୍ର ପ୍ରସାଦ ଘୋଷ, ବାବୁ ଜଗନ୍ନାଥ ଦାସ ଓ ବାବୁ ମଧୁସୂଦନ ପଣ୍ଡା ପରୀକ୍ଷୋତ୍ତୀର୍ଣ୍ଣା ଛାତ୍ରୀମାନଙ୍କୁ ଗୋଟିଏ ଲେଖାଏଁ ରୌପ୍ୟପଦକ ପ୍ରଦାନ କରିବାହେତୁ ପ୍ରଶଂସାର୍ହ ହୋଇଅଛନ୍ତି । ଡେପୁଟୀ, ଉକିଲ, ମୁକ୍ତାର ଓ ଦେଶୀୟ ଅମଲା ଉପସ୍ଥିତ ହୋଇ ସଭାସ୍ଥଳୀକୁ ମଣ୍ଡିତ କରିଥିଲେ ।

ଖଣ୍ଡଗିରିରୁ ଜଣେ ଲେଖିଅଛନ୍ତି କି ମଧୁପୁର ଓଳସ ସରଗଡ଼ା ପ୍ରଭୃତି ଅନେକ ଗ୍ରାମରେ ଗତବର୍ଷଠାରୁ ବରଂ ଅଧିକ ପରିମାଣରେ ଏବର୍ଷ ଗୋ ବସନ୍ତ ହୋଇଅଛି ଏବଂ ଅନେକ ଗୃହସ୍ଥର ଗୋଶାଳ ଗୋଶୂନ୍ୟ ହେବାର କହିଲେ ଅତ୍ୟୁକ୍ତି ହେବ ନାହିଁ । ମୋଙ୍ଗଲର ପ୍ରଜା ଅଧିକାଂଶ କୃଷି ଏବଂ କୃଷିର ପ୍ରଧାନ ଅବଲମ୍ବନ ବଳଦ । ଗାଈ ବାଛୁରି ସଙ୍ଗେ ବହୁତ ବଳଦ ଉକ୍ତ ରୋଗରେ ନଷ୍ଟ ହେବାରୁ ଅନେକ ପ୍ରଜାଙ୍କ ଭାରି ମନସ୍ତାପ ହୋଇଅଛି । ପତ୍ରପ୍ରେରକ ପଚାରୁଅଛନ୍ତି ଏ ରୋଗର କିଛି ପ୍ରତିକାର ନାହିଁ କି ? ଦୁର୍ଭାଗ୍ୟ ବଶତଃ ଅଧିକାଂଶ ଲୋକର ଧାରଣା ଯେ ମନୁଷ୍ୟ ପରି ଗୋରୁର ବସନ୍ତ ମଧ୍ୟ ଠାକୁରାଣୀଙ୍କର କାର୍ଯ୍ୟ ସେ ଉଦୟ ହୋଇ ଚଳେ ଚଳିଲେ ସହଜରେ ଆରୋଗ୍ୟ ଲାଭ ହୁଅଇ ନଭୁବା ମୂଳ ବିଷୟ, ଏହି କାରଣରୁ ଲୋକେ କେବଳ ଦୈବ ଉପରେ ନିର୍ଭର କରି ରହନ୍ତି ଏବଂ ଆରୋଗ୍ୟର କୌଣସି ଚେଷ୍ଟା କରନ୍ତି ନାହିଁ । ସେମାନେ ବୁଝନ୍ତି ନାହିଁ ଯେ ଏହା ଛୁଆଁ ରୋଗ, କୌଣସି ଗାଈ ବା ଅନ୍ୟ ପାଳିତ ପଶୁକୁ ଏ ରୋଗ ଧରିଲେ ତାହାକୁ ଅଲଗା କରିଦେବା ନିତାନ୍ତ ଆବଶ୍ୟକ । ତାହା ହେଲେ ରୋଗ ବିସ୍ତାର ହୋଇ ପାରେ ନା । ଏହା ରୋଗ ନିବାରକ ଅଟେ । ପତ୍ରପ୍ରେରକ ଜାଣି ନାହାନ୍ତି ଯେ ଏଠା ଜିଲ୍ଲା ବୋରଡ ୪ ଜଣ ପଶୁ ଚିକିତ୍ସକ ନିଯୁକ୍ତ କରିଅଛନ୍ତି ଏବଂ ଏ ନଗରର ସଣିବାଟଠାରେ ଗୋଟିଏ ପଶୁ ଚିକିତ୍ସାଳୟ ସ୍ଥାପିତ ହୋଇଅଛି । ଯେଉଁ ଗ୍ରାମରେ କୌଣସି ପଶୁମଡ଼କ ଉପସ୍ଥିତ ହେବ ଗ୍ରାମବାସୀମାନେ ଜିଲ୍ଲା ବୋର୍ଡ଼କୁ ସମ୍ବାଦ ଦେଲେ ଡାକ୍ତର ସେ ସ୍ଥାନକୁ ଯାଇ ରୋଗ ନିବାରଣ ଏବଂ ଆରୋଗ୍ୟର ବିହିତ ଉପାୟ କରିବେ ।

ଭାରତ ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠିର ମୋଟ ଟଙ୍କା ଏପର୍ଯ୍ୟନ୍ତ ୭୩ ଲକ୍ଷ ଟଙ୍କାରୁ କିଛି ଅଧିକ ହୋଇଅଛି । ବିଦେଶରୁ ଟଙ୍କା ଆସିବା ବନ୍ଦ ହୋଇ ନାହିଁ ଓ ସ୍ୱଦେଶର ମୋଫସଲମାନଙ୍କରେ ଟଙ୍କା ସଂଗୃହୀତ ହେଉଅଛି । ଅନୁମାନ ହୁଅଇ ଆଉ ୧୦।୧୫ ଲକ୍ଷ ଟଙ୍କା ପ୍ରାପ୍ତ ହେବ ଏବଂ ତାହା ହେଲେ ମୋଟ ଟଙ୍କା ଏକକୋଟି ପାଖକୁ ଆସିବ ମାତ୍ର ସନ ୧୮୯୭ ସାଲର ଦୁର୍ଭିକ୍ଷ ପ୍ରତିକାର ନିମନ୍ତେ ୧ କୋଟି ୭୦ ଲକ୍ଷ ଟଙ୍କା ହୋଇ ଉଠିଥିଲା । ତହିଁର ଅର୍ଦ୍ଧେ ଶୁଦ୍ଧା ଏଥର ନ ଉଠିବାରୁ ପାଠକମାନେ ଏମନ୍ତ ବୁଝିବେ ନାହିଁ ଯେ ଗତଥରଠାରୁ କଷ୍ଟ ପ୍ରତି ସାଧାରଣ ସହାନୁଭୂତି ପୂର୍ବାପେକ୍ଷା ଉଣା ପଡ଼ିଅଛି ମାତ୍ର ଦକ୍ଷିଣ-ଆଫ୍ରିକାର ଯୁଦ୍ଧ ହେତୁ ଇଂଲଣ୍ଡ ଏବଂ ଇଂରାଜ ସାମ୍ରାଜ୍ୟାଧୀନ ସମସ୍ତ ଦେଶ ଉତ୍ତେଜିତ ବ୍ୟସ୍ତ ଥିବା ଏବଂ ସେ ସଙ୍କଟରେ ଟଙ୍କା ଦେଣ ପଡ଼ିବାରୁ ଯେପରି ଘଟିଅଛି । ତଥାଚ ଏକ ଏକ ଦେଶରୁ ପୂର୍ବଠାରୁ ଅଧିକ ଟଙ୍କା ଆସିଅଛି । ଯଥା ଷ୍ଟ୍ରେଟସେଟଲମେଣ୍ଟ ପ୍ରଦେଶ ଗତ ଦୁର୍ଭିକ୍ଷରେ ୩୮ ହଜାର ଟଙ୍କା ଦେଇଥିଲେ ଏଥର ୧ ଲକ୍ଷ ୨୦ ହଜାର ଟଙ୍କା ପଠାଇଅଛନ୍ତି । ନିଉଜିଲଣ୍ଡ, ତାସମାନିଆ, ଅଷ୍ଟ୍ରେଲିଆ ପ୍ରଭୃତି ପୂର୍ବଠାରୁ ଅଧିକ ପଠାଇଅଛନ୍ତି । ଏପର୍ଯ୍ୟନ୍ତ ଯେତେ ଟଙ୍କା ଆସିଅଛି ତହିଁ ମଧ୍ୟରୁ ୫୭ ଲକ୍ଷ ଟଙ୍କା ପ୍ରଧାନ କମିଟି ଭିନ୍ନ ଭିନ୍ନ ପ୍ରଦେଶର ସାହାଯ୍ୟ କମିଟିଙ୍କ ନିକଟକୁ ପଠାଇ ଦେଇଅଛନ୍ତି । ବର୍ତ୍ତମାନ ବୃଷ୍ଟି ଆରମ୍ଭ ହେବାର ସମୟ ସୁତରାଂ ଅଧିକ ସାହାଯ୍ୟଦାନର ଆବଶ୍ୟକ । ପାଣ୍ଠିର ଟଙ୍କା ବ୍ୟୟ ହେବା ଦୃଷ୍ଟିରେ ଆଶା କରୁ ଲୋକେ ସାହାଯ୍ୟ ଦେବାକୁ ଆଉ ବିଳମ୍ବ କରିବେ ନାହିଁ ଏବଂ ଗତଥରଠାରୁ ଅଧିକ ଲୋକ କଷ୍ଟ ପାଉଥିବା ସ୍ଥଳେ ତାହା ନିବାରଣ ନିମନ୍ତେ ଯେ ଯେତେ ଟଙ୍କା ଦେବ ତାହା କାମରେ ଲାଗିବ । ସୁତରାଂ ଟଙ୍କା ଦେଲେ ଦାନପତ୍ରକ ଏପରି ତାହାର ଭୟ କରିବାର କାରଣ ନାହିଁ ।

କଲିକତା ଶୋଭାବଜାରର ରାଜା ବିନୟ କୃଷ୍ଣ ବାହାଦୁର ବଙ୍ଗପ୍ରାଦେଶିକ ସମିତିର ସଭାପତି ସ୍ୱରୂପ ଗତ ମାସରେ ଭାଗଲପୁର ଅଧିବେଶନରେ ଯେଉଁ ସୁନ୍ଦର ବକ୍ତୃତା କରିଥିଲେ ତହିଁରେ ପୁଲିସ ସମ୍ବନ୍ଧରେ କହିଥିଲେ ଯେ ପଲ୍ଲୀବାସୀ ସକଳ ମହାମାରୀ ଅପେକ୍ଷା ପୁଲିସକୁ ଅଧିକ ନିନ୍ଦା କରନ୍ତି । ସେପରି ନିନ୍ଦା କରିବା ଭଲ ନୁହେ । ପୁଲିସ କାର୍ଯ୍ୟର ଯେଉଁ ଅସୁବିଧା ଅଛି ସେ ସବୁ ଅତିକ୍ରମ କରି ପୁଲିସ କର୍ମଚାରୀମାନେ ଯେପରି କାର୍ଯ୍ୟ କରନ୍ତି ଲୋକେ ତହିଁର ଯଥୋଚିତ ଆଦର କରନ୍ତି ନାହିଁ । ଅନ୍ୟାନ୍ୟ ଲୋକପରି ପୁଲିସର ମଧ୍ୟ ଦୋଷ ଓ ଦୁର୍ବଳତା ଅଛି ଏବଂ ସେ ସବୁ ଘଟନାର ଫଳ ଅଟେ । ସେମାନେ ମନେ କରନ୍ତି ଯେ ପ୍ରକୃତ ଅପରାଧୀକୁ ଧରି ନ ପାରିଲେ ଜଣେ ଅପରାଧୀ ଛିଡ଼ା କରିବାକୁ ହେବ । ଏହି ଧାରଣା ସେମାନଙ୍କ ମନରୁ ଉଠାଇଦେବାକୁ ହେବ ଏବଂ ସେମାନଙ୍କର ଅବସ୍ଥା ପରିବର୍ତ୍ତନ କରିବାକୁ ହେବ । ଗବର୍ଣ୍ଣମେଣ୍ଟଙ୍କୁ ପୁଲିସ ସଂସ୍କାର ନିମନ୍ତେ ସର୍ବଦା ପ୍ରାର୍ଥନା କରାଯାଉଅଛି ମାତ୍ର ଅଦ୍ୟାପି ସଫଳ ହୋଇ ନାହିଁ । ହୁଜୁରଙ୍କ ସରଳ ଏବଂ ଯୋଗ୍ୟ ଲୋକ ପୁଲିସ ମହକୁମରେ ଭର୍ତ୍ତି କରିବାର ଆବଶ୍ୟକତା ଗବର୍ଣ୍ଣମେଣ୍ଟ ଅନୁଭବ କରୁଅଛନ୍ତି ମାତ୍ର ଅର୍ଥର ଅଭାବ ଏବଂ କେତେକ ଲୋକଙ୍କ ଆପତ୍ତି ହେତୁ ତାହା କରିପାରୁ ନାହାନ୍ତି । ସବ-ଇନସ୍ପେକ୍ଟରର ନିଯୋଗ ସମ୍ବନ୍ଧରେ କଥଞ୍ଚିତ ନିୟମ ହୋଇଅଛି ମାତ୍ର ଜିଲ୍ଲା ସୁପରିଣ୍ଟେଣ୍ଡ ଓ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡ ନିଯୋଗ ସମ୍ବନ୍ଧରେ ସେପରି କିଛି ହୋଇ ନାହିଁ । ପୁଲିସ କର୍ମଚାରୀଙ୍କ କଷ୍ଟର ଏବଂ କାର୍ଯ୍ୟର ନୂତନ ଶୃଙ୍ଖଳା ଏବଂ ବେତନର ନୂତନ ବନ୍ଦୋବସ୍ତ ଆବଶ୍ୟକ । ସୁଯୋଗ୍ୟ ଲୋକ ବାଛିନେବାର ସୁନିୟମ ଆବଶ୍ୟକ ଅଟେ । ଏଥିରେ ଅବଶ୍ୟ ବ୍ୟୟ ବୃଦ୍ଧି ହେବ । ମାତ୍ର ବ୍ୟୟ ବୃଦ୍ଧିକୁ ଡରିବା ଉଚିତ ନୁହେ । ଯହିଁରେ କାର୍ଯ୍ୟ ଭଲ ହେବ ତାହା କରିବା ଉଚିତ । ଗବର୍ଣ୍ଣମେଣ୍ଟଙ୍କ ସନ୍ତୋଷଜନକ

Digitized by srujanika@gmail.com

ଇଚ୍ଛା ମୂଳ ଅଟେ । ଇଚ୍ଛାକଲେ ଅନାୟାସରେ ତହିଁରୁ ବାଟ ବାହାର କରିବେ ।

———

## କଟକରେ ବାଘାପାଲା ।

ବଲଙ୍ଗାବଜାର ପ୍ରେଣ୍ଟିଂକମ୍ପାନୀଙ୍କର ଗୃହ ସମ୍ମୁଖରେ ୧୦।୧୫ ରାତ୍ର ଲଗାଇପାଲା ହୋଇ ଗତ ଇତବାର ଶେଷ ହେଲା । କଟକ ଓ ପୁରୀଜିଲ୍ଲାରେ ଥିବା ପ୍ରଧାନ୨ ପାଲାବାଲା ଅର୍ଥାତ୍ ଅମୂଲ୍ୟକଣାଇ ନିଯୋଗ ବାଉଳ ଓ ବାଣ୍ଡମୁକୁନ୍ଦପୁରର କୃଷ୍ଣ ଶାନ୍ତ୍ର ସ୍ୱାଇଙ୍କୁ ଆଣିବାକୁ ଲୋକ ପଠା ଯାଇଥିଲା । ମାତ୍ର ସେମାନେ ଉପୁରେ ନ ଆସିବାରୁ ମଧୁଜନର ଅଭିନ୍ନ ପଣ୍ଡା ଓ ମାଳସାହିର ନୂଆ ପାଲୁ ଆସି ୬।୭ ଦିନ ପାଲା କଲେ । ମାତ୍ର ଏମାନଙ୍କ ଗାଇଣାରେ ସମସ୍ତେ ସନ୍ତୁଷ୍ଟ ନୋହିବାରୁ ବେହାଲ ସହେଲ କର ଓ ବାସପୁରର ଦଇ ପଣ୍ଡିତଙ୍କୁ ଅଣାଯାଇ ୩।୪ ରାତ୍ରି ପୂଜା ହେଲା ପର ବେଲାଯଶା ହଜାରୀ ଭାଗବତ ଦାସ ଆସି ପାଲା ଆରମ୍ଭ କରିବାରୁ ପାଲା ବେଶ ଜମି ଥିଲା । ଏହାଙ୍କ ଗାଉଣା ଶୁଣିବାକୁ ପ୍ରତିଦିନ ଏତେ ଲୋକ ଜମା ହେଉଥିଲେ ଦୁଇପାଖ ରାସ୍ତା ପୂର୍ଣ୍ଣ ହୋଇ ଯାଉଥିଲା । ଏହାଙ୍କର ସୁମଧୁରକଣ୍ଠସ୍ୱର ଏବଂ ରସିଲା, ଛନ୍ଦ ଗାଉଣା ଶୁଣିବାକୁ ଲୋକେ ବିଶେଷ ଆଗ୍ରହ ପ୍ରକାଶ କରୁଥିଲେ ଏବଂ ସର୍ବଦା ଏହି ପାଳାବାଲା ଛଡ଼ା ହୋଇ ଗୀତ ଗାଇବାକୁ ଅଧିକାଂଶ ଲୋକଙ୍କର ଇଚ୍ଛା ବୋଲି ପ୍ରତୀୟମାନ ହେଉଥିଲା । ସେ ଯାହା ହେଉ ଆମ୍ଭମାନଙ୍କ ବିବେଚନାରେ ଭାଗବତ ଦାସଙ୍କ ଦଳ ଗାଇବା ବଜାଇବାରେ ଯେପରି ପାରଗ ପୁରୁଣା ଧରଣର ଚଉପଦୀ ପ୍ରଭୃତି ତାଙ୍କଠାରୁ ଶୁଣା ନ ଯିବାରୁ ଭଲ ବୋଧ ହେଲା ନାହିଁ । ସହେଲ କରଙ୍କୁ ବୟସ ଅଧିକ ହୋଇଥିବା ଏବଂ ତାଙ୍କର କଣ୍ଠର ସ୍ୱର ଚଡ଼ମାଳିଥିବାରୁ ତାଙ୍କର ଗାଉଣା ଅଧିକ ସୁଖକର ନ ହେଲେହେଁ ତାଙ୍କର ଗୀତ, ଚଉପଦୀ ପ୍ରଭୃତି ଅଧିକାଂଶ ପୁରାତନ କବିଙ୍କର ଏବଂ ଏହାଙ୍କର ଗାଇବା ଭାବ ଢଙ୍ଗରୁ ଏ ଜଣେ ପୂର୍ବେ ଭଲ ଗାୟକ ଥିବାର ଉତ୍ତମ ପରିଚୟ ହେଉଥିଲେ । ବାସପୁରର ଦଇ ପ୍ରହରାଜଙ୍କର ସଙ୍ଗର ପାଳିଆମାନେ ଭଲ ନ ଥିଲେହେଁ ସେ ଯାହା ଗାଇଲେ ତାହା ମନୋରଞ୍ଜନ ହୋଇଥିଲା । ମାତ୍ର ଏ ନାନାପୁରଣରେ ବିଷୟ ଜାଣିବା ଏବଂ ଅଲଙ୍କାର ନିୟମରେ ଚଉପଦୀ ପଢ଼ିବା ବିଷୟରେ ଅନ୍ୟାନ୍ୟମାନଙ୍କ ଅପେକ୍ଷା ଯେତେଦୂର କ୍ଷମ ତାହାଙ୍କ ପକ୍ଷରେ ଅବଶ୍ୟ ପ୍ରଶଂସାର ବିଷୟ ଅଟେ, ବାଦିବା ଅର୍ଥାତ୍ ଶାସ୍ତ୍ର ପ୍ରମାଣ ଦେଇ ଛନ୍ଦ ଉତ୍ତର ଯାହା ଲଗାଇପାଲାର ଗୋଟିଏ ପ୍ରଧାନ ଅଙ୍ଗ ଅଟେ ତହିଁରେ ଅଳ୍ପ ଚର୍ଚ୍ଚା ହୋଇଥିଲା ଓ ତହିଁରେ ପ୍ରାୟ ସମାନ ଦେଖାଗଲେ ।

———

## 'କଇସରେହିନ୍ଦ' ପଦକ ।

ଯେ ସମସ୍ତ ଇଉରୋପୀୟ ଏବଂ ଦେଶୀୟ ଲୋକମାନେ ସାଧାରଣ କାର୍ଯ୍ୟରେ ସରକାରଙ୍କର ବିଶେଷ ସାହାଯ୍ୟ କରନ୍ତି ଏବଂ ସାଧାରଣ ହିତ କାର୍ଯ୍ୟରେ ବିଶେଷ ଉତ୍ସାହୀ ସେମାନଙ୍କର ସମ୍ମାନ ନିମନ୍ତେ ଗବର୍ଣ୍ଣମେଣ୍ଟ ସି, ଏସ୍, ଆଇ, ସି, ଆଇ, ଇ, ରଜା, ରାୟ ବାହାଦୁର ପ୍ରଭୃତି ଅନେକ ପଦବୀ ସୃଷ୍ଟି କରିଅଛନ୍ତି । ମାତ୍ର ସେ ସମସ୍ତ ପ୍ରଦାନର ଆୟତନ ସୀମାବଦ୍ଧ । ସୁତରାଂ ଯେଉଁ ଇଉରୋପୀୟ ବା ଦେଶୀୟ ଲୋକମାନେ ସରକାରୀ ଓ ମ୍ୟୁନିସିପାଲିଟି ଲୋକାଲ ସମ୍ବନ୍ଧୀୟ ନାନା କାର୍ଯ୍ୟରେ ପ୍ରଶଂସା ଲାଭ କରନ୍ତି ଏବଂ ଦୁର୍ଭିକ୍ଷ, ଓଲାଉଠା, ମଡ଼କ ଇତ୍ୟାଦି ନିବାରଣ ପକ୍ଷରେ ବିଶେଷ ପରିଶ୍ରମ ଓ ଯତ୍ନ କରନ୍ତି ସେପ୍ରକାର ସମସ୍ତଙ୍କର ଗୁଣ ସ୍ୱୀକାର କରିବାର ସୁବିଧା ନାହିଁ । ଏହି ବିବେଚନାରେ ଭାରତର ବର୍ତ୍ତମାନ ଗବର୍ଣ୍ଣର ଜେନେରଲ ଲର୍ଡ କର୍ଜନ ବାହାଦୁରଙ୍କର ପ୍ରସ୍ତାବମତେ ଶ୍ରୀମତୀ ଭାରତେଶ୍ୱରୀ ସଦୟ ହୋଇ ସାଧାରଣ କାର୍ଯ୍ୟର ପୁରସ୍କାର ନିମନ୍ତେ ଗୋଟିଏ ପଦକ ପ୍ରଦାନର ବ୍ୟବସ୍ଥା କରିଅଛନ୍ତି ଏବଂ ଶ୍ରୀମତୀ ମହାରାଣୀ ଭାରତର ସାମ୍ରାଜ୍ଞୀ ହେବା ସମୟରେ ପ୍ରଥମେ 'କଇସରେ ହିନ୍ଦ' ପଦ ଗ୍ରହଣ କରିଥିବାରୁ ପଦକର ନାମ 'କଇସରେ ହିନ୍ଦ' ରଖା ଯାଇଅଛି । ଏହି ପଦକ ୨ ଶ୍ରେଣୀର ଅର୍ଥାତ୍ ୧ମ ଶ୍ରେଣୀ ସୁନା ଏବଂ ୨ୟ ଶ୍ରେଣୀ ରୁପା ଏହି ଦୁଇ ଧାତୁର ପୃଥକ୍ ରୂପେ ପ୍ରସ୍ତୁତ ହେବ ଏବଂ ଯେ କୌଣସି ସରକାରୀ କର୍ମଚାରୀ ବା ବେସରକାରୀ ଇଉରୋପୀୟ ଅଥବା ଦେଶୀୟ ପୁରୁଷ ବା ସ୍ତ୍ରୀ ସାଧାରଣ ହିତ କାର୍ଯ୍ୟରେ ଅଥବା ଦୁର୍ଭିକ୍ଷ, ମଡ଼କ, ଓଲାଉଠା ପ୍ରଭୃତି ବିପଦ ନିବାରଣ ବିଷୟରେ ସାହାଯ୍ୟ କରିବ ତାହାଙ୍କୁ ସେହି ପଦକରୁ ଗୋଟିଏ ଦିଆଯିବ । କେବଳ ଗୁଣର ଦୃଷ୍ଟିରେ ଏ ପଦକ ଦିଆଯିବ । ରଜାଠାରୁ ସାମାନ୍ୟ ପ୍ରଜା ପର୍ଯ୍ୟନ୍ତ ଏ ପଦକ ପାଇବାର ଅଧିକାରୀ ଅର୍ଥାତ୍ ଏହା ପ୍ରଦାନ କଲେ ଜାତି, ସମ୍ପ୍ରଦାୟ, ଅବସ୍ଥା ପ୍ରଭୃତି କୌଣସି ଭେଦାଭେଦ ରହିବ ନାହିଁ । ଶ୍ରୀମତୀ ଭାରତେଶ୍ୱରୀ ଭାରତର ମଙ୍ଗଳ ନିମନ୍ତେ ସ୍ୱୟଂ ସର୍ବଦା ଚିନ୍ତିତ ଏବଂ ଭାରତର ସେହି ଭାବ ଦେଖାଇବା କାରଣ ଏହି ପଦକର ସୃଷ୍ଟି କରିଅଛନ୍ତି । ମହାରାଣୀଙ୍କର ଜନ୍ମଦିନ ଦିନ ଏହି ପଦକ ପାଇବା ବ୍ୟକ୍ତିଙ୍କର ପ୍ରଥମ ତାଲିକା ବାହାର ହେବ । ଯେଉଁମାନେ ଉତ୍ତମ କାର୍ଯ୍ୟ କରିବାର ପୁରସ୍କାର ସ୍ୱରୂପ ଏ ପଦକ ପାଇବେ ସେମାନେ ତହିଁ ଉତ୍ତାରୁ ସେପରି କାର୍ଯ୍ୟ ଆଉ ଯେତେ ଥର କରିବେ ଓ ତହିଁ ନିମନ୍ତେ ସେମାନଙ୍କୁ ଆଉ ପଦକ ଦିଆ ନ ଯାଇ ପ୍ରଥମ ଥରର ପଦକରେ ଲାଗିଥିବା ଫିତାରେ ଗୋଟିଏ ଲେଖାଏ ରେଖା ଚିହ୍ନିତ ହେବ ଯେ ତହିଁରୁ କେଉଁ ବ୍ୟକ୍ତି କେତେ ଥର ପ୍ରଶଂସନୀୟ କାର୍ଯ୍ୟ କରିଅଛି ତାହା ଜଣା ପଡ଼ିବ ।

ଉପରଲିଖିତ ବିଷୟ ଇଣ୍ଡିଆ ଗଜେଟରେ ପ୍ରକାଶିତ ହୋଇଅଛି ଏବଂ ତାହା ଅବଗତ ହୋଇ ସମସ୍ତେ ଆନନ୍ଦିତ ହେବେ ସନ୍ଦେହ ନାହିଁ । ଗୁଣର ପୁରସ୍କାର ଦେବାକୁ ଶ୍ରୀମତୀ ଭାରତେଶ୍ୱରୀ ସର୍ବଦା ପ୍ରସ୍ତୁତ । ଉଚ୍ଚଦରର ଲୋକମାନଙ୍କ ନିମନ୍ତେ ବଡ଼ ବଡ଼ ଉପାଧିମାନ ଅଛି ମାତ୍ର ସାମାନ୍ୟ ଲୋକଙ୍କର ଉତ୍ସାହ ନିମନ୍ତେ କେବେ କେବେ ଖଣ୍ଡେ ଲେଖାଏଁ ସାର୍ଟିଫିକେଟ ପ୍ରଦାନ ଛଡ଼ା ଆଉ କିଛି ନ ଥିଲା । ଏଣିକି ସାର୍ଟିଫିକେଟ ବଦଳରେ ତଦପେକ୍ଷା ମୂଲ୍ୟବାନ୍ ଦ୍ରବ୍ୟ ଦିଆଯିବ ଏବଂ ତାହା ଦେଖାଇବାର ଅଧିକ ସୁବିଧା ହେବ ସନ୍ଦେହ ନାହିଁ । କଳ୍ପନାଟି ସୁନ୍ଦର ହୋଇଅଛି ସନ୍ଦେହ ନାହିଁ । ଯେଉଁମାନଙ୍କଦ୍ୱାରା ତାହା ବିତରିତ ହେବ ସେମାନେ ସୁବିବେଚନାପୂର୍ବକ କାର୍ଯ୍ୟ କରିବାକୁ କେତେଦୂର ସମର୍ଥ ହେବେ ପରେ ଜଣା ପଡ଼ିବ ।

———

## ଓଡ଼ିଶାର ସଦସ୍ୟ ନିର୍ବାଚନ ।

ଓଡ଼ିଶାର ସଦସ୍ୟ ନିର୍ବାଚନ ସମ୍ବନ୍ଧରେ ଗତ ସୋମବାର ସକାଳ ସାଢ଼େ ୮ ଘଣ୍ଟା ବେଳେ କଟକଜିଲ୍ଲା ବୋର୍ଡର ଯେଉଁ ବିଶେଷ ଅଧିବେଶନ ହୋଇଥିଲା ତାହା ଗୋଟିଏ ବୃହତ ସଭା ଥିଲା । ଏହି ସଭା ଜିଲ୍ଲା ବୋର୍ଡର ନୂତନ ମେମ୍ବରମାନଙ୍କର ପ୍ରଥମ ଅଧିବେଶନ ଥିଲା । ଏବଂ ବଙ୍ଗୀୟ ବ୍ୟବସ୍ଥାପକ ସଭା ନିମନ୍ତେ ସଦସ୍ୟ ମନୋନୀତ କରିବାର ଅଧିକାର ଗୋଟିଏ ଅତ୍ୟନ୍ତ ଗୁରୁତର ବ୍ୟାପାର ଯାହାକି ଅନେକ ବର୍ଷରେ ଥରେ ହାତକୁ ଆସିବାର କଥା ଏବଂ ତହିଁର ସମସ୍ତ ମେମ୍ବରମାନଙ୍କର ଯୋଗ ଦେବା ନିତାନ୍ତ କର୍ତ୍ତବ୍ୟ । ଏହି ବିବେଚନାରେ କେବଳ ଯାଜପୁର ଓ କେନ୍ଦ୍ରାପଡ଼ାର ସବଡିଭିଜନ ଅଫିସରମାନେ ଓ ଆଉ ଏକଜଣ ଛଡ଼ା ଅନ୍ୟ ସମସ୍ତ ମେମ୍ବର (ଜ ୧୬ ଣ) ସମବେତ ହୋଇଥିଲେ ଏବଂ ତହିଁମଧ୍ୟରେ ସଦସ୍ୟ

Split by PDF Splitter

Digitized by srujanika@gmail.com

ପଦପ୍ରାର୍ଥୀ ସମ୍ପୃ ହରବଲ୍ଲଭ ବୋଷ ବାହାଦୂର ଏବଂ ବାବୁ ମଧୁସୂଦନ ଦାସ ମେମ୍ବରମାନେ ଉପସ୍ଥିତ ଥିଲେ । ପ୍ରଥମେ ସାଧାରଣ ସଭାର କାର୍ଯ୍ୟ ସମାଧା ହେବାରୁ ବିଶେଷ ଅଧିବେଶନ ଆରମ୍ଭ ହୁଅନ୍ତେ ଜିଲା ବୋର୍ଡର ନୂତନ ମେମ୍ବରଙ୍କ ନାମ ଗଜେଟ ହୋଇଥିଲା ମାତ୍ର ଚେଅର୍ମେନଙ୍କର ନୂତନ ନିଯୋଗ ଗଜେଟରେ ବାହାର ନ ଥିବା ସ୍ଥଳେ ବୋର୍ଡ ଆଇନସଙ୍ଗତ ରୂପେ ଗଠିତ ହେବାର ବୋଲାଯିବ କି ନା ଏହି କଥା ପଡ଼ିଥିଲା । ଏଥିରୁ ଯେତେବେଳେ ଜିଲାର ମାଜିଷ୍ଟ୍ରେଟ ବୋର୍ଡର ଚେଅରମେନ ସର୍ବଦା ହୋଇ ଆସୁଅଛନ୍ତି ଏବଂ ପୂର୍ବ ନିଯୋଗ ଅନୁସାରେ କାର୍ଯ୍ୟ କରୁଅଛନ୍ତି ଅଥଚ ଅନ୍ୟ କେହି ନିଯୋଗ ହୋଇ ନାହିଁ ବା ହେବାର ସମ୍ଭାବନା ନାହିଁ ସେତେବେଳେ କିଛି ଆଇନଘଟିତ ଦୋଷ ହୋଇ ନ ପାରେ । ଏହି ତର୍କଆପତ୍ତିର ଉତ୍ତରରୁ ସଭାର ପ୍ରକୃତ କାର୍ଯ୍ୟ ସମ୍ବନ୍ଧରେ ବାବୁ ଗୌରୀଶଙ୍କର ରାୟ ପ୍ରସ୍ତାବ କଲେ କି ଗବର୍ଣ୍ଣମେଣ୍ଟଙ୍କର ନିର୍ଦ୍ଧାରଣ ଅନୁସାରେ ବଙ୍ଗୀୟ ବ୍ୟବସ୍ଥାପକ ସଭାର ସଦସ୍ୟ ମନୋନୀତ କରିବାକାରଣ ଏହି ବୋର୍ଡ ପକ୍ଷରୁ ରେଭରେଣ୍ଡବେଲ ସାହେବଙ୍କୁ ପ୍ରତିନିଧି ନିଯୁକ୍ତ କରାଯାଉ ଏବଂ ତାହାଙ୍କୁ ଉପଦେଶ ଦିଆଯାଉ କି ସେ ବାବୁ ମଧୁସୂଦନ ଦାସଙ୍କୁ ମନୋନୀତ କରିବାର ଯତ୍ନ କରିବେ । ରେଭରେଣ୍ଡବେଲ ସାହେବ ତଦନୁଯାୟୀ କାର୍ଯ୍ୟ କରିବାକୁ ସମ୍ମତ ହେଲେ ଏବଂ ସୈୟଦ ମହମ୍ମଦ ଅଲି ସେ ପ୍ରସ୍ତାବ ଅନୁମୋଦନ କଲେ । ସେଥିରେ ଆଉ କାହାର କିଛି କହିବାର ଅଛି କି ନାହିଁ ଏଥିସକାଶେ ଚେଅରମେନ ସାହେବ ପ୍ରଶ୍ନ କରନ୍ତେ ବାବୁ ଜାନକୀନାଥ ବୋଷ ଛିଡ଼ା ହୋଇ ଅନ୍ୟ ଦୁଇ ଜଣ ପଦପ୍ରାର୍ଥୀଙ୍କର ଆବେଦନପତ୍ରମାନ ଦେଖିବାର ଓ ଆଉ କିଛି କହିବାର ଚେଷ୍ଟା କରୁଥିଲେ ଏମନ୍ତ ସମୟରେ ସମ୍ପୃ ହରବଲ୍ଲଭ ବୋଷ ବାହାଦୁର କହିଲେ କି ତାହାଙ୍କର ଶାରୀରିକ ଏବଂ ମାନସିକ ଅବସ୍ଥା ବର୍ତ୍ତମାନ ଭଲ ନ ଥିବା ଓ ସେ ଯେ ସମସ୍ତ ସମ୍ମାନ ପାଇଅଛନ୍ତି ତହିଁ ଉପରେ ଅଧିକ ସମ୍ମାନ କାମନାରେ ବ୍ୟସ୍ତ ନ ଥିବା ଓ ସେ କେବଳ ବନ୍ଧୁମାନଙ୍କ ଉପରୋଧରେ ପ୍ରାର୍ଥୀ ହୋଇଥିବାରୁ ତାହାଙ୍କ ବିବେଚନାରେ ସଭାରେ ଆଗତ ହୋଇଥିବା ପ୍ରସ୍ତାବ ଏକମତରେ ଗୃହୀତ ହେବା ଉଚିତ । ଏହିପରି ସେ ଆପଣା ପ୍ରାର୍ଥନା ପରିତ୍ୟାଗ କଲେ ଏବଂ ପ୍ରସ୍ତାବ କରୁଥିଲେ ଆଉ କେହି କିଛି ନ କହିବାରୁ ତାହା ସର୍ବସମ୍ମତିକ୍ରମେ ଅବଧାରିତ ହୋଇ ସଭା ଭଙ୍ଗ ହେଲା । ଅତଏବ ସଭାର କାର୍ଯ୍ୟ ବଡ଼ ସୁନ୍ଦର ରୂପେ ନିର୍ବାହ ହୋଇଗଲା । ଯେଉଁମାନେ ଅନେକ ବାଦାନୁବାଦ ଶୁଣିବାର ଆଶା କରି ଆସିଥିଲେ ସେମାନେ ବିଫଳକାମ ହୋଇ ଫେରି ଗଲେ, ସମ୍ପୃ ବାହାଦୁର ଉଚିତ କାରଣରେ ଆପଣାର ଦାବୀ ପରିତ୍ୟାଗ କରି ସୁବୁଦ୍ଧିର ଓ ମହତ୍ତ୍ୱର କାର୍ଯ୍ୟ କଲେ ଏବଂ ତାହାଙ୍କର ପ୍ରକୃତ ଅବସ୍ଥା ନ ଜାଣି ଯେଉଁ ବନ୍ଧୁମାନେ ତାହାଙ୍କୁ ମତାଇଥିଲେ ସେମାନଙ୍କର ବିବେଚନା ଓ ଯତ୍ନର ଦୋଷ ପ୍ରକାଶ ହୋଇଗଲା । ଆମ୍ଭେମାନେ ପ୍ରଥମରୁ କହିଥିଲୁଁ ଯେ ସମ୍ପୃ ବାହାଦୁର ଏ ପଦପାଇଁ ବ୍ୟସ୍ତ ନ ଥିଲେ ଏବଂ ପରିଶେଷରେ ତାହା ପ୍ରତ୍ୟକ୍ଷ ହେଲା । ସନ୍ତୋଷର ବିଷୟ ବୋର୍ଡର ଏହି ଅଧିବେଶନର କାର୍ଯ୍ୟ ଅତ୍ୟନ୍ତ ପ୍ରୀତିକର ହେବାର କାରଣ ଏହି କି ଅନେକ ମେମ୍ବର ଉପରୋଧ, ଅନୁରୋଧ, ବାଧା ବିଘ୍ନ ପ୍ରତି ଆଦୌ ଦୃଷ୍ଟି ନ କରି କେବଳ ବିଶ୍ୱାସ ଓ ବିଚାର ଅନୁସାରେ କର୍ତ୍ତବ୍ୟ ପାଳନର ଦୃଢ଼ତା ଦେଖାଇ ଅଛନ୍ତି । ଏପରି ସଭାର ବିଶେଷ ଗୌରବ ଅଛି ସନ୍ଦେହ ନାହିଁ ଏବଂ ଏଥିପାଇଁ ଆମ୍ଭେମାନେ ଆପଣାରୁ ଧନ୍ୟବାଦ ଜ୍ଞାପନ କରୁଁ । ଆମ୍ଭେମାନେ ବିଶ୍ୱସ୍ତ ସୂତ୍ରେ ଅବଗତ ହୋଇଅଛୁଁ ଯେ କେହି କେହି ମେମ୍ବର ବ୍ୟକ୍ତିବିଶେଷ ସକାଶେ ମତ ଦେବା ଓ ତାହା ନ ହେଲେ ସଭାରେ ଉପସ୍ଥିତ ନ ହେବା କାରଣ ବିଶେଷରୂପେ ଅନୁରୋଧ ହୋଇଥିଲେ ମାତ୍ର କର୍ତ୍ତବ୍ୟର ଅନୁରୋଧ ପାଖରେ ତାହା ଠାବ ପାଇଲା ନାହିଁ ।

---

ଗତ ଏଫ୍, ଏ, ଓ ଏଣ୍ଟ୍ରାନ୍ସ ପରୀକ୍ଷାର ଫଳ ବାହାରି ଅଛି ।

ଓଡ଼ିଶାରୁ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଏଫ୍, ଏ,

୧ ମ ଶ୍ରେଣୀ ।

| | |
|---|---|
| ୧ ବୈଦ୍ୟନାଥ ମିଶ୍ର | ରେଃ କଲେଜ କଟକ |

୨ୟ ଶ୍ରେଣୀ ।

| | |
|---|---|
| ୨ । ବ୍ରଜସୁନ୍ଦର ଦାସ | " |
| ୩ । ଗୋପବନ୍ଧୁ ଦାସ | " |
| ୪ । ଗୋପୀନାଥ ଦାସ | " |
| ୫ । ଲୋକନାଥ ପଟ୍ଟନାୟକ | " |

୩ୟ ଶ୍ରେଣୀ ।

| | |
|---|---|
| ୬ । ଛୋଟଗୋବିନ୍ଦ ବସୁ | " |
| ୭ । ଲକ୍ଷ୍ମୀଧର ମିଶ୍ର | " |
| ୮ । ଧୀରେନ୍ଦ୍ରନାଥ ଚକ୍ରବର୍ତ୍ତୀ | " |
| ୯ । ଯୋଗେନ୍ଦ୍ରଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ | " |
| ୧୦ । ଦେବେନ୍ଦ୍ରନାଥ ଦାସ | " |
| ୧୧ । ହରିବଲ୍ଲଭ ଦାସ | " |
| ୧୨ । ଭଗୀରଥ ଦେ | " |
| ୧୩ । ଅତୁଳକୃଷ୍ଣ ଘୋଷ | ରେଃ କଲେଜ କଟକ |
| ୧୪ । ଲୋକନାଥ ଦାସ | " |
| ୧୫ । ଅଟଳଚନ୍ଦ୍ର ମହାନ୍ତି | " |
| ୧୬ । ଯୋଗୀନ୍ଦ୍ରନାଥ ମହାନ୍ତି | " |
| ୧୭ । ହରିପ୍ରସନ୍ନ ମିତ୍ର | " |
| ୧୮ ବିଶ୍ୱନାଥ ମୁଖୋପାଧ୍ୟାୟ | " |
| ୧୯ । ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକ | " |
| ୨୦ । ଜଗଦ୍ବନ୍ଧୁ ପଟ୍ଟନାୟକ | " |
| ୨୧ । ଭୁବନାନନ୍ଦ ଶତପଥୀ | " |
| ୨୨ । ରାଜେଶ୍ୱର ମିଶ୍ର | ପିଷ୍ଟ |

ଏଣ୍ଟ୍ରାନ୍ସ ।

୧ ମ ଶ୍ରେଣୀ ।

| | |
|---|---|
| ୧ ଚିନ୍ତାମଣି ଆଚାର୍ଯ୍ୟ | କଟକ ପ୍ୟାରୀମୋହନ ଏକାଡେମୀ |
| ୨ ଲକ୍ଷ୍ମୀନାରାୟଣ ଭଟ୍ଟାଚାର୍ଯ୍ୟ | ଭଦ୍ରକ |
| ୩ ଦୁର୍ଗାଚରଣ ଦାସ | ରେଃ କଃ ସ୍କୁଲ |
| ୪ ଗୁରୁପ୍ରସାଦ ଦାସ | ବାଲେଶ୍ୱରଜିଲା ,, |
| ୫ ଶୀତାମ୍ବରଚନ୍ଦ୍ର ଦେ | ,, |
| ୬ ସୁରେନ୍ଦ୍ର ଗୁପ୍ତ | କଟକ ଏକାଡେମୀ |
| ୭ ଘନଶ୍ୟାମ ମହାନ୍ତି | ବାଲେଶ୍ୱରଜିଲା ସ୍କୁଲ |
| ୮ ଦାମୋଦର ମିଶ୍ର | ରେଃ କଃ ,, |
| ୯ ମୌଫିଜୁଦ୍ଦିନ ମହମ୍ମଦ | ,, |
| ୧୦ ପୁତ୍ସାଭ ସ୍ୱନାସମ | ବାମଣ୍ଡଗ |
| ୧୧ ସଦାଶିବ ରଥ | ପୁରୀ ଜିଲାସ୍କୁଲ |
| ୧୨ ଗୌରପଦ ମିଶ୍ର | ,, |
| ୧୩ ମହେଶ୍ୱର ଗୁପ୍ତ | ,, |
| ୧୪ ଅଜିତନାଥ ସେନ | ,, |
| ୧୫ ଜଗନ୍ନାଥ ତ୍ରିପାଠୀ | ରେଃ କଃ ସ୍କୁଲ |

୨ୟ ଶ୍ରେଣୀ ।

| | |
|---|---|
| ୧୬ ବାବୁଲାଲ ସାହା | ବାଲେଶ୍ୱର ଖ୍ରୀଷ୍ଟିୟାନସ୍କୁଲ |
| ୧୭ ମହମ୍ମଦ ଅବଦୁଲ | ରେଃ କଃ ସ୍କୁଲ |
| ୧୮ ବାମନ ଦାନୁଗୋ | ,, |
| ୧୯ ଭାଗବତ ପଟ୍ଟେଲ | ,, |
| ୨୦ ଲଳିତମୋହନ ଚଟ୍ଟୋପାଧ୍ୟାୟ | ବାଲେଶ୍ୱର ଜିଲା |
| ୨୧ ଗଗନଚନ୍ଦ୍ର ଦାସ | କଟକ ମିସନ |
| ୨୨ ପ୍ରବୋଧଚନ୍ଦ୍ର ଦାସ | ,, |
| ୨୩ ହରପ୍ରସାଦ ଦାସ | ବାଲେଶ୍ୱର ଜିଃ |
| ୨୪ ମଧୁସୂଦନ ମହାପାତ୍ର | ,, |
| ୨୫ ମିର୍ଜା କରିମ ବକ୍ସ | ,, |
| ୨୬ ମହମ୍ମଦ ଲତିଫ ଖାଁ | ,, |
| ୨୭ ସୁଦର୍ଶନ ଦାସ | ରେଃ କଃ ସ୍କୁଲ |
| ୨୮ ରୁଦ୍ରନାଥ ଦାସ | ,, |
| ୨୯ ଗୋପାଳ ଜେ | ,, |
| ୩୦ ହାରୁନ୍ ଅହମ୍ମଦ | ,, |
| ୩୧ ହରମୋହନ ପଣ୍ଡିତ | ,, |

Split by PDF Splitter
Digitized by srujanika@gmail.com

Split by PDF Splitter



| | | |
|---|---|---|
| ୩୨ | ହରେକୃଷ୍ଣ ଠାକୁର | କଟକ ମିସନ |
| ୩୩ | ଏ ଘୋଷ | ” |
| ୩୪ | ଶରତ୍‌ଚନ୍ଦ୍ର ପାଲ | ” |
| ୩୫ | ସୟଦ ରେଜାକ ଇସ୍‌ଲ | ରେଃ କଃ ସ୍କୁଲ |
| ୩୬ | ମାଧବାନନ୍ଦ କାବ୍ୟତୀର୍ଥ | ଯାଜପୁର ସ୍କୁଲ |
| ୩୭ | ଦେବେଶମହାଦେବ ଓ ଗୁରୁବକ୍ସ | ବାଲେଶ୍ୱର |
| ୩୮ | ବାଳକୃଷ୍ଣ ମହାନ୍ତି | ବାଲେଶ୍ୱର |
| ୩୯ | ନରସିଂହ ମିଶ୍ର | ” |
| ୪୦ | ଗୋପାଳଚନ୍ଦ୍ର ପଟ୍ଟନାୟକ | ” |
| ୪୧ | ହୃଷୀକେଶ ମିଶ୍ର | କଟକ ଏକାଡେମୀ |
| ୪୨ | ବ୍ରଜବନ୍ଧୁ ନନ୍ଦ | ” |
| ୪୩ | ଗୁରୁଚରଣ୍ ମିଶ୍ର | ଲକ୍ଷ୍ମଣନାଥ ସ୍କୁଲ |
| ୪୪ | ଶରତଚନ୍ଦ୍ର ନାଗ | ” |
| ୪୫ | ସୟଦ ସଖାଓତ୍ ଅଲି | ରେଃ କଃ ସ୍କୁଲ |
| ୪୬ | ” ଉଥ୍‌ମାନ୍ ଅଲି | ” |
| ୪୭ | ନାରାୟଣ ମିଶ୍ର | ପୁରୀଜିଲା ସ୍କୁଲ |

୩ୟ ଶ୍ରେଣୀ ।

| | | |
|---|---|---|
| [illegible] | ଏତାଏତ ଅଲି | ରେଃ କଃ ସ୍କୁଲ |
| ୪୯ | ସୁରେନ୍ଦ୍ରକିଶୋର ଦାସ | ” |
| ୫୦ | ଗୁରୁଷଷ୍ଠୀ ବନ୍ଦ୍ୟୋପାଧ୍ୟାୟ | ପୁରୀଜିଲା ସ୍କୁଲ |
| ୫୧ | ପ୍ରସନ୍ନଚନ୍ଦ୍ର ବେହେରା | କଟକ ମିସନ |
| ୫୨ | ଟେ, ଦାସ | ” |
| ୫୩ | କୃପାସିନ୍ଧୁ ଗର୍ଡ | ” |
| ୫୪ | ଗୋବିନ୍ଦନାଥ ପାଲ | ” |
| ୫୫ | ସ୍ୱର୍ଣ୍ଣକଦାସ ପଟ୍ଟନାୟକ | ” |
| ୫୬ | ଜେ ରଥ | ” |
| ୫୭ | ମଦନମୋହନ ସାହୁ | ” |
| ୫୮ | କୃଷ୍ଣପ୍ରସାଦ ଦାସ | ଯାଜପୁର ସ୍କୁଲ |
| ୫୯ | ବଂଶୀଧର ମହାନ୍ତି | ” |
| ୬୦ | ଲୋକନାଥ ଦାସ | କେନ୍ଦ୍ରାପଡ଼ା ” |
| ୬୧ | ଚିନ୍ତାମଣି ମହାନ୍ତି | ” |
| ୬୨ | ସୁଧାକାନ୍ତ କାନୁନ୍‌ଗୋ | |
| ୬୩ | ହରେଶ୍ୱର ଚଟ୍ଟୋପାଧ୍ୟାୟ | |
| ୬୪ | ନରସିଂହଚରଣ ଦାସ | କଟକ ଏକାଡେମୀ |
| ୬୫ | କାମରୁଲ ରହେମାନ | ରେଃ କଃ ସ୍କୁଲ |
| ୬୬ | ସୁରେନ୍ଦ୍ର ମହାପାତ୍ର | ” |
| ୬୭ | ଗୁରୁଚନ୍ଦ୍ର ବସୁ ଚୌଧୁରୀ | ” |
| ୬୮ | ବନମାଳୀ ତ୍ରିପାଠୀ | ” |
| ୬୯ | ଲାଲ ହରିପ୍ରସାଦ ସିଂହ | ଢେଙ୍କାନାଳ |
| ୭୦ | କେଶବଚନ୍ଦ୍ର ମିଶ୍ର | ଢେଙ୍କାନାଳ |
| ୭୧ | ଶ୍ୟାମସୁନ୍ଦର ମହାନ୍ତି | ଭଦ୍ରକ |
| ୭୨ | ଗଙ୍ଗାପ୍ରସାଦ ବସୁ | ” |
| ୭୩ | ଗୋପବନ୍ଧୁ ପାଣିଗ୍ରାହୀ | ବାଲେଶ୍ୱର |
| ୭୪ | ଦ୍ୱିଜେନ୍ଦ୍ରନାଥ ବସୁ | ଲକ୍ଷ୍ମଣନାଥ |
| ୭୫ | ଇନ୍ଦ୍ରକାନ୍ତ ଦେବ | ମୟୂରଭଞ୍ଜ |
| ୭୬ | ରାମକୃଷ୍ଣ ମିଶ୍ର | ” |
| ୭୭ | ଦଣ୍ଡଧର ଦାଶ | ଯାଜପୁର |

ସମ୍ବଲପୁର ସ୍କୁଲରୁ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

୩ୟ ଶ୍ରେଣୀ

| | | |
|---|---|---|
| ୧ | ରାମଚନ୍ଦ୍ର ମିଶ୍ର | ସମ୍ବଲପୁର ସ୍କୁଲ |
| ୨ | ସ୍ୱପ୍ନଚନ୍ଦ୍ର ଶିବାଗ୍ରାମ ମଣ୍ଡଳ | ” |
| ୩ | ଶ୍ୟାମଚରଣ ପାଣି | ” |

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ବାବୁ କାର୍ତ୍ତିକଚନ୍ଦ୍ର ବସୁ ଚୌଧୁରୀ ସବ ଡେପୁଟି କଲେକ୍ଟର ବଦଳରୁ ଜୋଟଜାଗପୁରବଙ୍ଗକୁ ବେଦଳ ହେଲେ ।

ଓକାଲତି ପରୀକ୍ଷାରେ ଓଡ଼ିଶାରୁ ଧନଞ୍ଜୟ ବାହୁବଳ୍ୟ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ନିମ୍ନଲିଖିତ ବ୍ୟକ୍ତିମାନେ ମୁକ୍ତାର ପରୀକ୍ଷାରେ ଓଡ଼ିଶାରୁ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା

ଜଗନ୍ନାଥପ୍ରସାଦ ଘୋଷ । ନନ୍ଦକିଶୋର ଦାସ
ଚଇତନ୍ୟପ୍ରସାଦ ମହାନ୍ତି ।

ଏଠା କଲେକ୍ଟର ଜମିଦାର ବାବୁ ଦଧିବାମନ ଦାସଙ୍କର ଭୂମି ନେବା ମୋକଦ୍ଦମା ଗତ କାଲି ନିଷ୍ପତ୍ତି ହେଲା । ଅଷ୍ଟିଣ୍ଟ ମାଜିଷ୍ଟ୍ରେଟ ସାହେବଙ୍କ ବିଚାରରେ ସେ ମା ୫ ଟ ଜରିମାନା ପାଇଲେ ।

ଗତ ମଙ୍ଗଳବାର ତୃତୀୟପ୍ରହର ବେଳେ ଏକଜଣ ସନ୍ନ୍ୟାସୀ ବୁଢ଼ା ଚୋବଧା କାଠଯୋଡ଼ି କୂଳରେ ହଠାତ୍ ମରିଗଲା । ସଙ୍ଗେ ଥିବା ତାହାରି ସାଥୀଠାରୁ ପ୍ରକାଶ ହେଉଅଛି ଯେ ଅଧିକ ଗଞ୍ଜେଇ ଖାଇବାରୁ ଏପରି ଘଟିଲା ।

ଗତମାସ ତା ୧ ରଖରେ ଜଣେ କେଉଟ କାଠଯୋଡ଼ି ୪ ଘାଟଠାରେ ମାଛ ମାରୁଥିବା ସମୟରେ ତାକୁ କୁମ୍ଭୀର ଧରିଥିଲା । ସେବେଳେ କୌଣସି ଉପାୟରେ ଖସି ପଳାଇଲା ମାତ୍ର ବ୍ୟକ୍ତି କଠିନ ପୀଡ଼ା ଭୋଗି କଷ୍ଟ ପଥରୁ ପ୍ରାପ୍ତ ହେଲା ।

ଗୋବିନ୍ଦପୁରର ଜ ୨ ଣ ସ୍ତ୍ରୀ ବାଣ୍ଡରେ କହସୁଲର ଓ ଅଶ୍ଳୀଳ ଗୀତ ଦେଖାଇ ଗାଉଣା ଅପରାଧ ଗଣନାରେ ମାଜିଷ୍ଟ୍ରେଟ ସାହେବଙ୍କ ବିଚାରରେ ଟ ୩ ୧ ଙ୍କା ଲେଖାଏ ଟ ୭ ୧ ଙ୍କା ଅର୍ଥଦଣ୍ଡ ଦିଆଯାଇଛି ।

ଗଲାଗଲୁ ୮ ୩ ଣ ଲୁଗା ଚୋରି ଅପରାଧରେ । ସେମାନେ ନାଙ୍କଠାରେ ପାଞ୍ଚ ଦିନ ଗୋବଧର ଚେଷ୍ଟାଦନ୍ତିଦକଲ ମୂଲ୍ୟ ଦେବାରୁ ବିଚାରରେ ଟ ୭ ୧ ଙ୍କା ଜରିମାନା ହେଲା ।

ବାଲେଶ୍ୱରର ପାଞ୍ଚଜଣ ଲୋକ ଭୂତନାଥର କୃଷିକ୍ଷେତ୍ର ଅପରାଧରେ ଦୋଷୀ ହୋଇଥିଲେ । ଜାଇଣ୍ଟ ଅଷ୍ଟିଷ୍ଟାଣ୍ଟ ମାଜିଷ୍ଟ୍ରେଟଙ୍କ ବିଚାରରେ ସେମାନଙ୍କ ଉପରେ ପ୍ରତ୍ୟେକ ଜଣଙ୍କୁ ଟ ୧୦ ଟଙ୍କା ଲେଖାଏଁ ଜରିମାନା ହେଲା । ଲୁଗାରେ ଭଣ୍ଡାର ବାହ ଲୁଗାଲେ ହୋଇଥିଲା ଓ ଚାହିଁଲ ନାମ "ବସନ୍ତ ଅକମାଏ" ଦିଆଯାଇଅଛି ।

ତରଣ ପ୍ରଗଣା ଅନ୍ତର୍ଗତ ମହଲପୁର ଗ୍ରାମରେ ଜଣେ ବ୍ରାହ୍ମଣ ଉନ୍ମାଦଗ୍ରସ୍ତ ହୋଇଥିଲା । ଏହି ସମୟରେ ସେ ତାହାର ମାତାକୁ ପଇଡ ଖାଇବାକୁ ମାଗିବାରୁ ତାହାର ମାତା ଖଣ୍ଡେ କଟୁରି ଧରି ପଇଡ ହାଣୁଥିଲା । ଏହି ସମୟରେ ତାହାର ୨ ଜଣ ଝିଅ ଓ ଅଳ କେତେକ ପିଲା ଏକତ୍ରେ ବସି ଖେଳୁଥିଲେ ଓ ନାନାପ୍ରକାର କଥା କହୁଥିଲେ । ପିଲାମାନେ ତାକୁ ଅଧା ବଉଳାଇ ନେଲେ ବଡ ପାଗଳ ମାତା ବୁଢ଼ୀ ହାତରୁ କଟୁରି ଛଡ଼ାଇ ନେଇ ବଡ଼ିକୁ ଗାଅନ୍ତେ ଅନ୍ୟ ପିଲାମାନେ ଭୟରେ ପଳାଇଗଲେ, ମାତ୍ର ତାହାର ଝିଅ ଗୃହ ଧରେ ପଡ଼ିବାରୁ ତାହାକୁ ୩ ଚୋଟ ହାଣି ଦେବାରେ ସେ ତତ୍‌କ୍ଷଣାତ ମରିଗଲା । ପାଗଳଠାରୁ ସବୁବେଳା ସାବଧାନରେ ରହିବାର ଉଚିତ ।

ପଞ୍ଚ କେଲଖାନାର ଡେପୁଟି ଜେଲର ମିଃ ଜେ, ଡନ୍‌କ୍ ବୃଇଜଣ ଦେଶୀୟ କଏଦୀ ଅତ୍ୟନ୍ତ ପ୍ରହାରକରାଇ ମାରି ପକାଇଲେ । ଡେପୁଟି ଜେଲର ସେମାନଙ୍କ ପ୍ରତି ସମସ୍ତଙ୍କର ଘୃଣ ଅତ୍ୟାଚାର କରିବାରୁ ତାହାଙ୍କ ଯଥେଷ୍ଟ ଦଣ୍ଡପାଇ ଜେଲର କଥିତ ହୁଅନ୍ତି । ହତ୍ୟାକାରୀ ଦୁଇଜଣ ମଧ୍ୟରୁ ଜଣେ ଯାବଜ୍ଜୀବନ ଓ ଅନ୍ୟ ଜଣକ ୭ ୧୨ ବର୍ଷ କଏଦଦଣ୍ଡ ପାଇଥିଲା ।

କଲିକତାର ଶିଆଲଦହ ରେଲ ଷ୍ଟେସନର ଟିକଟ ମାଷ୍ଟର ଯାତ୍ରୀମାନଙ୍କଠାରୁ ଟିକଟ ମୂଲ୍ୟ ଅପେକ୍ଷା ଅଧିକ ପଇସା ନେଉଥିବାରୁ ତାହାଙ୍କ ନାମରେ ପୌଲିସରେ ନାଲିସ ହୋଇଥିଲା । ସେଥିରେ ଦୋଷ ପ୍ରମାଣ ହେବାରୁ ମାଷ୍ଟର ବାବୁ ୬ ମାସ କାରାଦଣ୍ଡ ଭୋଗ କରିବାକୁ ଆଦେଶ ହୋଇଅଛନ୍ତି । —ଏବଂ ରେଲବେସରକାର ଟିକଟ ମାଷ୍ଟରମାନଙ୍କ ଅତ୍ୟାଚାର ଦେଖିଲେ ଯାତ୍ରୀଙ୍କ ସମସ୍ତେ ସେମାନଙ୍କ ପ୍ରତି ଘୃଣା କରନ୍ତି ।

କଲିକତା ବଉବଜାର ନିବାସୀ ଜଣେ ସୁନାରୀର ତାହାର ଦୋକାନର ସବୁ ଗୋଡ଼ ନ ପାଇ ଅପଣା ସ୍ତ୍ରୀ ଉପରେ ବଲକ୍ତ ହୋଇ ମୁଁ ଅଛ ଏ ଘରେ ରହିବ ନାହିଁ କହି ଘରୁ ବାହାର ଯିବାରୁ ସ୍ତ୍ରୀ ସେହି କଥାରେ ଦଃଖ କରି ସ୍ୱାମୀର ଚଳା ଖୀର ଗାଡ଼ି ବୃଥା ପ୍ରବ ଘରେ ଥିବା ନାଇଟ୍ରିକ ଏସିଡ ଖାଇ ମରିଗଲା । ଏହିଣ ସୁନ୍ଦରୀ ବଣିକ ଅଟି ଅପଣାର ପରିବାରକୁ ପୁନଃ ଗୋଟିଏବାକୁ ସ୍ଥିର କରିଲା । ମାତ୍ର ସେହି କଥା ସଉକୁ ଯେଉଁ ଯାଇ ଦେଖିଲା । ମରି ଗୋଇଥିଲା !— ପୁଲିସର ଶେଷ ବିଚାରରେ ପ୍ରମାଣ ହେଲା ।

କଲିକତା ଶିଆଲଦହ ଷ୍ଟେସନଠାରେ ଜଣେ କର୍ମଚାରୀ ପକେଟରୁ ଜଣେ ଓ ଗୋଟି ମିଛି ଟ ୩୧୧ ଙ୍କା ଚୋରି ଯାଇଅଛି । ପୋଲିସରେ ଏପରି ସମ୍ବାଦ ଲେଖାଇ ଦିଆ ଯାଇଥିଲେହେଁ ଅଦ୍ୟାପି ଚୋର ଧରା ଯାଇ ନାହିଁ ।—ଷ୍ଟେସନଠାରେ ଯେପରି ଭିଡ଼ ହୁଏ ସେଠାରେ ପକେଟରେ ଟଙ୍କା ନେଇ ବୁଲିବା କଦାପି ଯୁକ୍ତିସଙ୍ଗତ ନୁହଇ ।

ବାଲେଶ୍ୱରଠାରୁ ଗଞ୍ଜାମ ପର୍ଯ୍ୟନ୍ତ ଯେଉଁ ସଡ଼କ ନିର୍ମିତ ହେଉଅଛି ଉହାର କାର୍ଯ୍ୟ ମଧ୍ୟରେ ପଡ଼ିଲ କାର୍ଯ୍ୟ ଶେଷ କରିବା କାରଣ ଲଣ୍ଡନ ଗବର୍ଣ୍ଣମେଣ୍ଟ ଅଧିକା ଟଙ୍କା ମଞ୍ଜୁର କରିଅଛନ୍ତି ।

ପାରିସ ପ୍ରଦର୍ଶନୀକୁ ଉପଯୁକ୍ତ ଦ୍ରବ୍ୟ ପଠାଇବାରେ ଭାରତ ଗବର୍ଣ୍ଣମେଣ୍ଟର ଟ ୮୦୦୦୦ ଙ୍କା ଖର୍ଚ୍ଚ ହୋଇଥିବାର ପ୍ରକାଶ ପାଇଅଛି ।

ହୋଲକାରର ମହାରାଜା ଓଡ଼ିଶାଠାରେ ଗୋଟିଏ ଔଷଧାଳୟ ସ୍ଥାପନ କରିବାର ସମ୍ବାଦ ମିଳିଛି । ଏଥିର ବ୍ୟବସାୟୀମାନେ ଧର୍ମଶାଳାମାନ ସ୍ଥାପିତ ହେଲେ ଅନେକ ଲୋକ ସେଥିରୁ ଉପକୃତ ହେବେ ।

Digitized by srujanika@gmail.com

ଗତ ମାସ ଶେଷଭାଗରେ ଉଦ୍ଧାବାଠାରେ ପ୍ରଚଣ୍ଡ ଅଗ୍ନିକାଣ୍ଡ ସଂଘଟିତ ହୋଇଥିବାର ସମ୍ବାଦ ମିଳଇ । ବହୁସଂଖ୍ୟକ ଘର ଏଥିରେ ଭସ୍ମୀଭୂତ ହୋଇଅଛି । ବହୁଗୁଡ଼ିଏ ଦୋକାନ ଲୁଣ୍ଠିତ ହୋଇଅଛନ୍ତି । ପ୍ରାୟ ଦଶକୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଧ୍ୱଂସ ଏବଂ ଦଶ ଜଣ ଲୋକଙ୍କର ପ୍ରାଣ ନାଶ ହୋଇଅଛି ।

ପାରସ୍ୟ ପ୍ରଦେଶର ମାକରା ବୋଷ୍ଟେ ନୌକା ଡୁବି ପତ୍ତାବାହି ଡଙ୍ଗୀ ଭଲେ ଅନ୍ତା ତ ୧୦ ଣ ଚ୍ରେଞ୍ଜ ବୁଡ଼ି ଏବଂ ୭ ୭୩ ଣ ପୀଡ଼ାଗ୍ରସ୍ତ ହୋଇଥିବାର ସମ୍ବାଦ ମିଳଇ । ଶେଷ ପ୍ରଦେଶର ଅନ୍ୟ ଏକ ସ୍ଥାନର ମଶା ପ୍ରକୋପବଶତଃ ୭ ୨ ଣ ଲୋକ ମୃତ ଏବଂ ୭ ୨ ଜଣ ପୀଡ଼ାଗ୍ରସ୍ତ ହୋଇଅଛନ୍ତି ।

ହାଇଦ୍ରାବାଦଠାରେ ସାର୍ଦ୍ଧ ତିନି ଲକ୍ଷ ଟଙ୍କାର ଦୁର୍ଭିକ୍ଷ ସାହାଯ୍ୟ କାର୍ଯ୍ୟରେ ନିଯୁକ୍ତ ହେବାର ସମ୍ବାଦ ମିଳଇ । ସେମାନଙ୍କର ସାହାଯ୍ୟ ହେତୁ ବଂଶ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇ ଯାଇଅଛି । ସାହାଯ୍ୟ ପ୍ରଦାନର କେତେକ ପଦ୍ଧତିରେ ଉପଦ୍ରବ ମଧ୍ୟ ଉପସ୍ଥିତ ହୋଇ ଦୃଷ୍ଟିଗୋଚର ହେଉଅଛି ।

ଗତ ମାସ ତା ୨୬ ଦିବସରେ ଜୟନଗରଠାରେ ବାବୁ ଯଜ୍ଞେଶ୍ୱର ବାନାର୍ଜୀଙ୍କ ମୃତ୍ୟୁ ହୋଇଥିବାର ସମ୍ବାଦ ମିଳଇ । ମୃତ୍ୟୁ ସମୟରେ ତାହାଙ୍କ ବୟସ ୮୧ ବର୍ଷ ହୋଇଥିଲା ।

ପାଟଣା ଜାଙ୍ଗୁର ଉପକଣ୍ଠରେ ଘରେ କେତେକ ଲୋକ ପଠାଣ ମହୁଲା ଜଙ୍ଗଲକୁ ଯାଇଥିଲେ; ସେମାନଙ୍କ ଦେହରେ ସୁନା ରୂପାର ଗହଣା ଥିବାର ଦେଖି କେତେକ ଦୁଷ୍ଟ ଲୋକ ସେମାନଙ୍କ ଦେହରୁ ଗହଣାଗୁଡ଼ିକ ବଳପୂର୍ବକ କାଢ଼ି ନେବାର ଉଦ୍ୟୋଗ କରନ୍ତେ ସ୍ତ୍ରୀମାନେ ଉକ୍ତ ଲୋକମାନଙ୍କୁ କୌଶଳରେ ଧରି କେତେ ଦୋଷୀଙ୍କ ହସ୍ତରେ ଦେଲେ । ଶକ୍ତିପାଣରୁ ମୁକ୍ତି ପାଇବା ଏତ ଅଳ୍ପ କଥା ।

ଗ୍ରୀଷ୍ମ ଦେଶରେ ୧୮ ବର୍ଷର ପୁରୁଷ ସହିତ ୧୬ ବର୍ଷର ବାଳିକାର ବିବାହ ହେବାର ନିୟମ ପ୍ରଚଳିତ ଅଛି ।—ଯଥା ନ ଦେଶେ ଯଥାଚାରଃ ।

ବୋମ୍ବାଇର ଭଳିଆ ନଦୀ ଗତ ମାସ ତା ୨ ଦିବସରେ ଶୁଖି ଯାଇଥିବାର ସମ୍ବାଦ ମିଳଇ । ଏ ସମୟରେ ଉକ୍ତ ଜଳକଷ୍ଟ ଉପସ୍ଥିତ ହୋଇଥିଲା ଏବଂ ୬୪ ଣ ଲୋକ ଅତ୍ୟନ୍ତ ମଡ଼କରେ ମୃତ୍ୟୁ ପାଇଅଛନ୍ତି ।

ଗତ ମାସ ତା ୨ ରଙ୍ଗ ଅପରାହ୍ନକାଳରେ ଗଙ୍ଗୋତ୍ରୀଠାରେ ଭୂମିକମ୍ପ ହୋଇଥିଲା । ଏ କମ୍ପ ପ୍ରାୟ ୧୫ ସେକେଣ୍ଡ କାଳ ସ୍ଥାୟୀ ଥିଲା । କୌଣ୍ଡୀଆଠାରେ ମଧ୍ୟ ସେହି ସମୟରେ ଦୃଢ଼ ଅଳ୍ପ ଭୂମିକମ୍ପ ହୋଇଥିଲା । ଶ୍ରୀନଗରଠାରେ ମୁଦ୍ଧା ଏକଥର ଭୂମିକମ୍ପ ସେହି ସମୟରେ ଲକ୍ଷିତ ହୋଇଥିଲା ।

ଅଫ୍ରିକାର ସୁବର୍ଣ୍ଣ ଉପକୂଳସ୍ଥ କୁମାସିଠାରେ ଅବସ୍ଥା ଶାନ୍ତ ଜଣାଯାଇ ନାହିଁ । ବେରୋଣ୍ଟଙ୍କ ସୈନ୍ୟ ବେଷ୍ଟିତ ହୋଇଅଛି ଏବଂ ସେମାନେ ଅତ୍ୟନ୍ତ ଦୁର୍ଦ୍ଦଶାରେ ଦୁର୍ଗ ଅଭ୍ୟନ୍ତରରେ ଥିଲେ । ଦୁଇ ଦଳର ଭାରି ଲଢ଼ାଇ ହୋଇ ଉଭୟ ଦଳରୁ ଅନେକ ହତାହତ ହୋଇଥିବାର ସମ୍ବାଦ ମିଳଇ ।

ବର୍ତ୍ତମାନ ଦେଶରେ କେତେଗୁଡ଼ିଏ ସଭାର ଭାରତ ଗଭର୍ଣ୍ଣମେଣ୍ଟଙ୍କ ୧,୮୪,୪୦୦ ଟଙ୍କା ମଞ୍ଜୁର କରୁଅଛନ୍ତି, ଯଥା—ମାନ୍ଦ୍ରାଜଠାରୁ ଉତ୍ତର ଦକ୍ଷିଣକୁ ୮୧,୩୦୦ ଟଙ୍କା ଉତ୍ତର ପଶ୍ଚିମଠାରୁ ପୂର୍ବାଭିମୁଖକୁ ୬୩,୮୦୦ ଟଙ୍କା ଏବଂ ମୁଲ୍ତାନଠାରୁ ଗୋରକ୍ଷପୁରକୁ ୨୧,୪୦୦ ଟଙ୍କା ।

## ସ୍ଥଳ—ସମ୍ବାଦ ।

ସୁଦେଷ୍ଣାକାରର ଗୁଡ଼ିପୋଷୀ ଡ଼ିଷ୍ଟ୍ରିକ୍ଟବୋର୍ଡର ଚେୟାରମାନ ସାହେବ ମହୋଦୟ ଗତ ତା ୧୪ ଦିବସ ଏଠାରେ ପହଞ୍ଚି ପ୍ରିୟଙ୍କର ସ୍ଥାନମାନ ପରିଦର୍ଶନ କରୁଅଛନ୍ତି ।

ଅକ୍ଷୟତୃତୀୟାଠାରୁ ଶ୍ରୀଜୀଉଙ୍କ ଚନ୍ଦନଯାତ୍ରା ହେଉଅଛି ଅଦ୍ୟ ସୋମବାର ଶେଷ ହେବ । ଏବର୍ଷ ଯାତ୍ରାରେ ସମାଗମ ନର୍ଥ ଓ ଜନସଂଯୋଗ ଦର୍ଶକ ଓ ଦୋକାନମାନଙ୍କର ଦଶେଷ କଷ୍ଟ ଓ ଭୟର କାରଣ ହେତୁ ସ୍ଥାନୀୟ ଲୋକଙ୍କର ସତର୍କତାପକ୍ଷେ ସ୍ୱାସ୍ଥ୍ୟ ରକ୍ଷାର୍ଥ ଓ ଠାକୁର ମଧ୍ୟ ଅଧିକାଂଶ ଦଶ ସ୍ନାନାର୍ଥୀମାନଙ୍କ ଯିବାକୁ ପଡ଼ୁ ।

ଗତ ତା ୧୪ ରିଖ ବିଶାଖଶେଷ ସୋମବାର ପୂର୍ଣ୍ଣିମା ଅଥାରୁ ଏବର୍ଷ ସ୍ନେହଜାତବେଳକ ମେଳାରେ ପାଖ ତ ୫୦୧୬୦ ଜାର ମୋଟରଲ ସାକ୍ଷୀ ସମବେତ ହୋଇଥିଲେ ପାପ ଜଳ ଥିବାରୁ ଦର୍ଶକବୃନ୍ଦ ସ୍ଥଳରେ ଦର୍ଶନ ଓ ଅମୋଦପ୍ରମୋଦ କରି ଫେରିଯାଇଥିଲେ । ଏ ଜେ ଚୈତ୍ରମାସରେ ନରେନ୍ଦ୍ରପୁଷ୍କରିଣୀର ଚତୁଃପାର୍ଶ୍ୱ ସେବାଇଣ୍ଟ ଦେଖାଯାଇଥିଲ ।

ଏଥିମଧ୍ୟରେ କମିଶନର ସାହେବ ବାହାଦୁର ପୁରୀରେ ବସ୍ତିମାନଙ୍କର ଅଟ୍ଟାଳିମୋକଦ୍ଦମାମାନ ନିଷ୍ପତ୍ତି କରୁଅଛନ୍ତି ।

କେତେକଦିନ ହେଲା କାଣପୁର ଅଲ୍ଟପୋଷ ପ୍ରଭାକାରଙ୍କ ସାଦୁଗାଁରେ ଶ୍ରୀ ନୃସିଂହଦେବ ଗୋସ୍ୱାମୀଙ୍କ ଜମିଦାରୀ କଟେଇଗଲେ ଖଜଣାବାକି ୪୭,୭୪୨ ଙ୍କା ଅପଲ୍ଲଟଦେବାର ମୁକଦ୍ଦମାରେ ଏଥର ହେବାରୁ ସ୍ୱଚ୍ଛ ଗଜପତିଙ୍କର ବାବୁ ନାରାୟଣଦାସ ବାନାର୍ଜୀଙ୍କ ଅନୁରୋଧରେ କେତେକଙ୍କୁ ଦରମହ ହୋଇ ସାକ୍ଷୀମାନଙ୍କର କେତେକଜଣ ସମ୍ମାନ ଗ୍ରାମର ଏବଂ ନଗରଗାଁସହିତ ସ୍ଥଳଣ ହୋଇଅଛନ୍ତି ।

ଏଠା ଛାତ୍ରାବାସର ଗତ ତା ୧ ଦିବସଠାରୁ ଗ୍ରୀଷ୍ମାବକାଶ ନିମିତ୍ତ ବନ୍ଦ ହୋଇଅଛି । ଅସନ୍ତା ଜୁନମାସ ତା ୪ ଦିନରେ ଖୋଲିବ ।

ବର୍ଷା ହେବାରୁ କେତେକସ୍ଥାନରେ ଗ୍ରୀଷ୍ମକାଳିକ ଫଳିଅଛି ଓ ଥାଏ ଅତଏବ ବର୍ଷାହେବ ଫଳହୋଇପାରେ ନାହିଁ । ଆମ୍ବ ପର୍ଯ୍ୟାପ୍ତ ମିଳୁଅଛି । ବହୁ ମୂଲ୍ୟ ମୂଲର ନୁହେ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ସବିନୟ ନିବେଦନମିଦଂ

ମହାଶୟ !

ଅମ୍ଭର ନିମ୍ନଲିଖିତ ଅଣସ୍ୱାକ୍ଷର ଗୁଡ଼ିକୁ ସଂଶୋଧନ କରି ଆପଣଙ୍କ ପତ୍ରିକାସ୍ଥ କରି ବାଧିତ କରିବେ ।

ମାନ୍ଦ୍ରାଜ ଇଉନିଭରସିଟିର ମ୍ୟାଟ୍ରିକୁଲେସନ ସ୍କୁଲ ବିଭାଗରେ "ଇନଫାଣ୍ଟ" କ୍ଲାସରେ ବାବୁ ଗୋପୀନାଥ ନନ୍ଦଙ୍କ "ପ୍ରଥମପାଠ"ର ପ୍ରଥମଭାଗ ଶେଷ ପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇଅଛି । ତେଲଙ୍ଗା ପଢ଼ିବା ଶିଶୁମାନଙ୍କ ପାଇଁ ଯେଉଁ "Infant reader" ଛପା ହୋଇଅଛି ତାହା ବଡ଼ବଡ଼ ଅକ୍ଷରରେ ଏଥର ଛପା ହୋଇଥିବାରୁ ତେଲଙ୍ଗୀ ଓ ତମିଲ ଶିଶୁମାନଙ୍କୁ ଅତି ସୁବିଧା ହୋଇଅଛି । ମାତ୍ର ଦୁର୍ଭାଗ୍ୟ ଓଡ଼ିଆ ଶିଶୁମାନଙ୍କ କପାଳ ଏଡ଼େ ମନ୍ଦ ଯେ ଏମାନଙ୍କ ପ୍ରଥମପାଠ ପ୍ରାୟ ୧୫ ବର୍ଷ ତ ଷୋଡ଼ଶ ମୁଦ୍ରଣଯାଏ ଗଲା ଯାଉଥିଲେ ମଧ୍ୟ ବାବୁ ମହାଶୟଙ୍କର ଅନାଥ ଓଡ଼ିଆ ଶିଶୁମାନଙ୍କ ପ୍ରତି ଟିକଏ ଦେଲେ ସୁଦୃଷ୍ଟିପାତ ହେଉ ନାହିଁ । ଅତଏବ ବାବୁ ମହାଶୟଙ୍କୁ ଅମ୍ଭର ଦୃଢ଼ ପ୍ରାର୍ଥନା ଏହି କି "ପ୍ରଥମପାଠ" ଏଥର ମୁଦ୍ରଣ ସମୟରେ ପ୍ରଥମ ଭାଗର ଶେଷ ପର୍ଯ୍ୟନ୍ତ "ସକାଳହେଲ ଏ ସ୍ଥଳରୁ ଜାଗ । ଉଠ ରାମ ମଠ କ ଉଇ ଅଛି" । ଏହିପରି ବଡ଼ ଅକ୍ଷରରେ ଛପା କରାଇ ପଦ୍ମବ ଓଡ଼ିଆ ଶିଶୁମାନଙ୍କର ଚିରକୃତଜ୍ଞତାଭାଜନ ହେବେ । ଇତି

ଆପଣଙ୍କ ଅନୁଗତଦାସାନୁଦାସ
୨୮।୪।୧୯୦୦ } ଶ୍ରୀ ହରିହର ତ୍ରିପାଠୀ ଶର୍ମା
ସ୍କୁଲ ମାଷ୍ଟର ମଙ୍ଗଳପୁର
ଘୁମୁସର

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଭମାପ୍ରସାଦ ଦାସ | କଟକ | [illegible] |
| „ ଗୋପୀନାଥ ପଟ୍ଟନାୟକ | ଭଦ୍ରଗ୍ରାମ | [illegible] |
| „ ବୃନ୍ଦାବନ ଦାସ | କଟକ | [illegible] |
| „ କୈଳାସଚନ୍ଦ୍ର ବସୁ ମହାଶୟ ଦେଲ୍ଟିଗଠା | | [illegible] |
| ରାଜା । କ । ଜଳେଶ୍ୱର | | [illegible] |


## ବିଜ୍ଞାପନ ।

## NOTICE.

Wanted a Sub-Overseer and Conservancy Inspector for the Jajpur Municipality on a salary of Rs. 20 and horse allowance Rs. 7—8 per mensem. The candidate must possess a fair knowledge of English and must have passed the Survey Standard Examination. One with some experience of office work including drawing, estimating road making &c. will be preferred. The applicant must be of active habits and will keep a pony. Applications will be received by the undersigned up to 30th instant.

Jajpur Municipal office 13—5—1900 } Rajkisore Das Chirman.


Digitized by srujanika@gmail.com

## ବିଜ୍ଞାପନ ।

ଚଳିତ ବର୍ଷ ସକାଶେ ଓଡ଼ିଶା ମେଡିକେଲ ସ୍କୁଲରେ ଟ ୫ ୯ ଙ୍କା ମୂଲ୍ୟର ପନ୍ଦର ଗୋଟି ଓ ଟ ୪ ୯ ଙ୍କା ମୂଲ୍ୟର ଏକଗୋଟି ବୃତ୍ତି ଖାଲି ଅଛି । ଅଧ୍ୟୟନେଚ୍ଛୁ ବାଲକମାନେ ଆପଣା ଆପଣା ପ୍ରଶଂସାପତ୍ର ଓ ସଚ୍ଚରିତ୍ର ସମ୍ବନ୍ଧୀୟ ସାର୍ଟିଫିକଟ୍‌-ସହ ଆସନ୍ତା ଜୁନ ମାସ ତା ୧୧ ରିଖ ସୋମ-ବାର ଦିନ କଟକ ଜେନେରଲ ହାସ୍ପାତାଲ ମୁକାମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସମୀପେ ଉପ-ସ୍ଥିତ ହେଲେ ମନୋନୀତ କରା ହେବେ ।

ମଧ୍ୟଇଂରାଜୀ କିମ୍ବା ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନେ କେବଳ ଏହି ବୃତ୍ତି ପାଇବା ପକ୍ଷେ ଉପଯୋଗୀ ହେବେ ।

ପ୍ରକାଶ ଥାଉ କି ଉପରଲିଖିତ ବୃତ୍ତି ଛଡ଼ା ଟ ୧୦ ଶ ଟଙ୍କା ବେତନରେ ପଢ଼ି ପାରିବେ ।

| | |
|---|---|
| କଟକ<br>ତା ୧୬ ଋ ଅପ୍ରେଲ<br>ସନ୍ ୧୯୦୦ ସାଲ | J. M. ZORAB,<br>Lt. Col I. M. S.<br>*Supdt. Medical school*<br>Cuttack. |

## WANTED

A Second Clerk for the Ward's Department of Angul Deputy Commissioner's office—Salary Rs. 20 per mensem.

None need apply who has not passed the Entrance Examination of the Calcutta University and does not write a neat and legible hand.

Good references as to moral character and qualifications are essential.

Candidates should state their age.

Applications will be received by the undersigned up to 20th proximo.

| | |
|---|---|
| Angul<br>Dy. Commr's<br>office<br>30—4—1900 | E. M. SMITH,<br>*Deputy Commissioner.* |

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*

# WANTED.

A Civil Hospital Assistant for Talcher State Charitable Dispensary on a monthly salary of Rs 30. besides an allowance of Rs 10. for supervison of the Jail work. Preference will be given to a passed Candidate of Cuttack Medical College having a practical Experience of work and some fare knowledge in English. Application will be received by the undersigned up to 31st May 1900.

| | |
|---|---|
| Manager's office,<br>Talcher<br>Talcher, the 9th May<br>1900. | DAMUDER<br>PATTANAIK<br>*Manager.* |

## ପ୍ରୟୋଜନୀୟ ପୁସ୍ତକ ।

ପାରିବାରିକ ଚିକିତ୍ସା ଗ୍ରୁଇଅଣା, ଜ୍ୱର ଚିକିତ୍ସା ଛଅଅଣା, ଗୋଚିକିତ୍ସା ୧ ମ ଭାଗ ଏକଅଣା, ୨ ଯ ଭାଗ ଦୁଇଅଣା, ବିସୂଚିକା ଚିକିତ୍ସା ଏକଅଣା, ବସନ୍ତରୋଗ ଚିକିତ୍ସା ଛଅପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢ଼ା ଜାଣିଥାନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳ, ମସଲାଦ୍ୱାରା ଉପରୋକ୍ତ ରୋଗମାନ ଦମନ କରିପାରିବେ । ପଣ୍ଡିତମାନଙ୍କର ସପ୍ତମ ସଂସ୍କରଣ ଏକଅଣାରେ ମିଳିବ । ସମଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେତୁ ସ୍କୁଲ ପାଠ୍ୟ ହୋଇଅଛି

## ADVERTISEMENT.

Wanted a Gymnastic and Drill Teacher for the Baripada High English School, Mourbhanj. He must have passed the Entrance Examination and will have to teach the last class and to do clerical duties.

The salary of the post is Rs. 15 a month.

Baripada has a healthy climate and is 30 miles from the Baripada Road Station Bengal Nagpur Railway.

Applications will be received up to 31st May 1900.

| | |
|---|---|
| Baripada,<br>21—4—1900. | N. D Chuckerburtty,<br>*Offg. Supdt. of P. I.*<br>Mourbhanj. |

ନିମ୍ନପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣା-କ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍‌ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

## ବିଜ୍ଞାପନ ।

( ବ୍ୟାକରଣାନୁଶୀଳନୀ )

ବାଳକମାନଙ୍କର ବୃହଦ୍‌ବ୍ୟାକରଣାନୁଶୀଳନୀ-ଗ୍ରନ୍ଥରୁ ସମସ୍ତ ଜ୍ଞାନ ସହଜରେ ହୃଦୟଙ୍ଗମ ହୋଇ ପାରୁ ନାହିଁ । ଆମ୍ଭେ ବାଳକମା-ନଙ୍କୁ ଅଧ୍ୟାପନା କରାଇବା ସମୟରେ ଏ ଅଭାବ ଦୂର କରିବା ନିମନ୍ତେ ବାରମ୍ବାର ସଚେଷ୍ଟ ହୋଇ ବ୍ୟାକରଣରେ ସହଜରେ ଜ୍ଞାନଲାଭ କରାଇବା ନିମନ୍ତେ ହେତେକ ପ୍ରଶ୍ନ ଅବଲମ୍ବନ କରି ପଢ଼ା-ଇବାଦ୍ୱାରା କୃତକାର୍ଯ୍ୟ ହୋଇଅଛୁଁ । ଏହି ପ୍ରଣା-ଳୀ ଭୂତପୂର୍ବ ଇନ୍‌ସପେକ୍ଟର ମହୋଦୟ ଏବଂ ଅନ୍ୟାନ୍ୟ ବିଜ୍ଞ ବ୍ୟକ୍ତିମାନେ ବାଳକମାନଙ୍କର ସହଜରେ ସମସ୍ତ ଜ୍ଞାନ ହେବା ନିମନ୍ତେ ପୁସ୍ତକା-କାରରେ ଛପାଇବାକୁ ଆମ୍ଭଙ୍କୁ ଅନୁରୋଧ କରି ଥିବାରୁ ଆମ୍ଭେ ଏହା ପୁସ୍ତକାକାରରେ ବଙ୍ଗାକ୍ଷ-ରରେ ମୁଦ୍ରଣ କରାଇ ପ୍ରକାଶ କରୁଅଛୁଁ । ସାଧାରଣର ଉପକାର ନିମନ୍ତେ ଏହାର ମୂଲ୍ୟ ଟ ୦ ୫ ସ୍ଥଳେ ଟ ୦ ।୵ ଅଣା କରୁଅଛୁଁ । ଏହାଦ୍ୱାରା ବାଳକମାନେ କୃତକାର୍ଯ୍ୟ ହେଲେ ପରିଶ୍ରମ ସାର୍ଥ ହେବ ।

ଏ ପୁସ୍ତକ ଏଣ୍ଟ୍ରାନ୍ସ ଏଫ୍ ଏ, ବି, ଏ, ପ୍ରଭୃତି କ୍ଲାସରେ ପଢ଼ୁଥିବା ଛାତ୍ରମାନେ ଅନୁଶୀ-ଳନ କଲେ ସମସ୍ତରେ ସୁଫଳ ଲାଭ କରି ପାରିବେ । ସାଧାରଣଙ୍କର ଅବଗତି ନିମନ୍ତେ ଏ ବିଜ୍ଞାପନ ପ୍ରକାଶିତ ହେଲା । ଏ ପୁସ୍ତକ ଆମ୍ଭ ନିକଟରେ ଏବଂ କଟକ ଟ୍ରେନିଙ୍ଗ ସ୍କୁଲ ପଣ୍ଡିତ ଶ୍ରୀ ହରିହର ରଥ ମହୋଦୟଙ୍କ ନିକଟରେ ଓ କଟକ ଦରଘାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତ ହେବ ।

| | |
|---|---|
| ୨ ୬।୪।୧୯୦୦<br>ପୁରୀ | ଶ୍ରୀ ସଦାଶିବ ମିଶ୍ର କାବ୍ୟତୀର୍ଥ<br>ହେଡ଼ପଣ୍ଡିତ ଜିଲ୍ଲାସ୍କୁଲ ପୁରୀ |

Split by PDF Splitter
Digitized by srujanika@gmail.com

Split by PDF Splitter




# ବିଜ୍ଞାପନ ।

## ଉଦ୍ୟୋଗି ସମିତିର

ଭଣ୍ଡାରର ଅଧିକାଂଶ
ଜିନିସ ଦେଶୀ

## ଦେଶୀ ଜିନିସ,

ଗଣତ ଅବଶ୍ୟ ଭଲ
ଦାମ ମଧ୍ୟ ଶସ୍ତା !

## ଉଦ୍ୟୋଗୀ ସମିତିର ଷ୍ଟୋର

କଟକ ଅଦାଲତ ନିକଟରେ
ଭଉଡଠା ନାହିଁ, କାଳି ବନ୍ଦି ନାହିଁ
ମନରେ ବନ୍ଧି ଧୋକା ରହେ ନାହିଁ

## ନୂଆ ଆମଦାନୀ

ଶୀତକାଳର ଉପଯୋଗୀ
ନାନାବିଧ ଦେଶୀ ଲୁଗା
ଟ୍ୱିଲ, ଠୁଇଡ଼, ଛିଟ, ତସର୍
ବାଫ୍ତା ଇତ୍ୟାଦି ।

## ନୂତନ ପୁସ୍ତକ

ପଣ୍ଡିତ ଶ୍ରୀ ଶ୍ରୀନିବାସ ଆଚାର୍ଯ୍ୟଙ୍କ କୃତ ।

### ଶ୍ରୀ ଶ୍ରୀନିବାସ ଦୀପିକା ।

( ଜ୍ୟୋତିଷ ଶାସ୍ତ୍ର ମୂଳଗ୍ରନ୍ଥ )
ଶ୍ରୀ ଭୁବନେଶ୍ୱର ହରିଚନ୍ଦ୍ରଙ୍କ କୃତ
ଭାଷା ଛନ୍ଦବନ୍ଧରେ ଅର୍ଥ ସହିତ ।
କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ
ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।
ମୂଲ୍ୟ ଟ ୦ ୵୵

ବହୁଖେଳ ଓ ବୋଲେଣ୍ଟି ଗୀତ ଟ ୦/

## ବନାରସୀମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ସଉଦାଗରମାନଙ୍କ ବଣ୍ଟାଗାରରେ ବହୁକାଳରୁ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ମୟୂରଭଞ୍ଜ, ସରେଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ବୁଝି ଦେଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି, ଗୋଡ଼ି, ଜେଗା, କିଂଖାପ, ବାଫ୍ତା, ସଙ୍ଗୀ ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ପଗଡ଼ି, ରୁମାଲ, ସାଲ ଏବଂ ନାନାପ୍ରକାର ଉତ୍ତମ ଗଢ଼ଣ ଅଳଙ୍କାର ପ୍ରଭୃତି ଛଡା ସୁନା ରୂପାର ବାସନ, ବାଣ୍ଟିବାର ବାଇଦା ପ୍ରଭୃତି ବସ୍ତୁ ଅନୁସାରେ ତିଆରି କରାଇ ଦେଉଁ । ବଇନା ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । ବେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡିଆ ମୋହରର ରଖିଅଛୁ, ସୁତରାଂ ଓଡିଆରେ ପତ୍ର ଲେଖିଲେ ଚଳିବ, ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦୀ ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେଏବଲ୍ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲ୍ଲୁମାଲ ଭୋଲାନାଥ,
ଭୂତଗଲ ଫାଟକ, ବନାରସ ସିଟି ।


## ସଚିତ୍ର
## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତହିଁର ମୂଲ୍ୟ ଏକ ସାଇକି ଟ ୧୨୵୵ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୳ |
| ୨ ମଧ୍ୟ ପର୍ବ | ଟ ୨୳ |
| ୩ ସଭା ପର୍ବ | ଟ ୨୳ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍ୟୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।୵ |
| ୧୦ ଶଲ୍ୟ ପର୍ବ | ଟ ୦ ୵୵ |
| ୧୧ ଗଦା ପର୍ବ | ଟ ୦। |
| ୧୨ ଶାନ୍ତି ବା ଐଷିକ ପର୍ବ | ଟ ୦।/ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ୵୵ |
| ୧୫।୧୬ ଅଶ୍ୱିକ ଓ ଅଶ୍ୱମେଧ ପର୍ବ | ଟ ୦୳ |
| ୧୭ ମୂଷଳୀ ପର୍ବ | ଟ ୦।୵ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |

## ନୂତନପୁସ୍ତକ ।

ବସନ୍ତଗୀତିକ ।
ଅଭିସ୍ପନ୍ଦ ଅଭିସ୍ପନ୍ଦ ଅଭିସ୍ପନ୍ଦ
ମୂଲ୍ୟ ଟ ୦ ୵ ଦୁଇଅଣା

ଦାର୍ଢ୍ୟଭକ୍ତି ପୂର୍ଣ୍ଣ ବୃତ ଟ ୧୧
ଅଧ୍ୟାତ୍ମରାମାୟଣ (ବଳିଧରପଟ୍ଟନାୟକକୃତ ) ଟ ୨୧
ସଟୀକ ଅମରକୋଷ ଅଭିଧାନ
ପଦ୍ୟାନୁବାଦକ ଟ ୧।
ବଡ଼ ଶହଂଦ୍ୱାର ଟ ୦୳
ନାନ୍ଦିସାଇବାଣୀ । ଅଣାଏଁ ହେଇ ନିଅସାଇ ନଣି ।
କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ
ଧାଡିପ୍ରତି ଟ ୦ ୵
ଅର୍ଦ୍ଧସ୍ତମ୍ଭକୁ ଟ ୨୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚ ଟ ୦ ୳ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ତିନିଗୁଣ ଯଥାକ୍ରମେ ହେବ । ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ, ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com